ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୮/୨୦୨୨ (୨୦ ପୃଷ୍ଠା) | Bhubaneswar, Thursday, September 8/2022 | Page 20 | ₹ 7.00 | ★★★★
୪୮ଶ ଭାଗ ୨୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 284 | ମୂଲ୍ୟ ₹୭/-



**ସେମିଫାଇନାଲରେ ଖାଚାନୋଭ**
ୟୁଏସ୍ ଓପନ୍ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆର ନିକ୍ କିର୍ଗିଓସ୍‌ଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି ରୁଷିଆର କାରେନ୍ ଖାଚାନୋଭ୍।
୨୦

୧୮
**ରିଲିଜ ପୂର୍ବରୁ ଅଡ଼ୁଆରେ 'ବ୍ରହ୍ମାସ୍ତ୍ର'**
ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ବ୍ରହ୍ମାସ୍ତ୍ର' ଶୁକ୍ରବାର ବଡ଼ପରଦାକୁ ଆସିବାକୁ ଯାଉଥିବାବେଳେ ରିଲିଜ ପୂର୍ବରୁ ଏହାକୁ ତୀବ୍ର ବିରୋଧ କରାଯାଇଛି।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।



କଳିଙ୍ଗ ଷ୍ଟାଡିୟମର ଭାରୋତ୍ତୋଳନ ହଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅଲ୍ଟିମେଟ ଖୋ ଖୋ ଲିଗ୍ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଦଳକୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଆଜିର ସମ୍ପାଦକୀୟ**
**ସ୍ୱର୍ଗରେ କ୍ଷୁଧା**






# ବନ୍ୟାରେ ୧୪,୨୩୫ ଘର ନଷ୍ଟ

ଭୁବନେଶ୍ୱର,୭।୯(ବ୍ୟୁରୋ)

ଗତ ମାସ ଦ୍ୱିତୀୟ ଓ ତୃତୀୟ ସପ୍ତାହରେ ହୋଇଥିବା ବନ୍ୟା ଏବଂ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ରାଜ୍ୟର ୨୪ ଜିଲା ପ୍ରଭାବିତ ହୋଇଛି। ୧,୨୬,୧୬୨ ହେକ୍ଟର ଚାଷଜମିର ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ଫସଲ ହାନି ହୋଇଛି। ୧୪,୨୩୫ ବାସଗୃହ ନଷ୍ଟ ହୋଇଥିବା ବେଳେ ୧୨୩୬ ଗୁହାଳ, ୫୦୩୬ ହେକ୍ଟର ଚାଷଜମି ବାଲିଚର, ୧୧୨୫ଟି ଡଙ୍ଗା ଓ ଜାଲ, ୨୮.୩୮୨ ହେକ୍ଟର ମାଛ ପୋଖରୀ ଓ ୪୮୩.୧୪୫ ହେକ୍ଟର ମାଛଯାଆଁଳ ଚାଷ କ୍ଷତିଗ୍ରସ୍ତ ହୋଇଛି।

କ୍ଷତିଗ୍ରସ୍ତ ଜିଲାଗୁଡ଼ିକ ହେଲା ଅନୁଗୋଳ, ବରଗଡ଼, ବୌଦ୍ଧ, ନୟାଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ଭଦ୍ରକ, ବାଲେଶ୍ୱର, ଯାଜପୁର, କେଉଁଝର, ମୟୂରଭଞ୍ଜ, ବଲାଙ୍ଗୀର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଓ ସୁନ୍ଦରଗଡ଼। ବନ୍ୟା ଓ ପ୍ରବଳ ବୃଷ୍ଟିପାତ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ ପାଇଁ ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳମାନଙ୍କ କ୍ଷୟକ୍ଷତିର ଆକଳନକୁ ଭିତ୍ତିକରି ଏବଂ ବିପର୍ଯ୍ୟୟ ସହାୟତା ପାଣ୍ଠିର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ଘର ନିର୍ମାଣ ସହାୟତା, ବାସନକୁସନ ସହାୟତା, କୃଷିଭିତ୍ତିକ ସହାୟତା, ବାଲିଚର ସହାୟତା, ମୃତ ଗୋରୁଙ୍କ ପାଇଁ ସହାୟତା, କ୍ଷତିଗ୍ରସ୍ତ ଡଙ୍ଗା ଓ ଜାଲ, ମତ୍ସ୍ୟପୋଖରୀ, ମାଛଯାଆଁଳ ଚାଷ, ହସ୍ତତନ୍ତ ବୁଣାକାର, ହସ୍ତଶିଳ୍ପ କାରିଗର, ରେଶମ ଚାଷୀଙ୍କ ପାଇଁ ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୨୮ କୋଟି ୫୮ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ଜଳବନ୍ଦୀରେ ପ୍ରଭାବିତ ଲୋକମାନଙ୍କୁ ଖାଦ୍ୟ ସହାୟତା ବାବଦକୁ ଅଦ୍ୟାବଧି ଜିଲାପାଳମାନଙ୍କୁ ୯୯ କୋଟି ୯୨ ଲକ୍ଷ ୯୭ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଇତିମଧ୍ୟରେ ଜଳସମ୍ପଦ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଗୃହ ଓ ନଗର ଉନ୍ନୟନ ଏବଂ ଶକ୍ତି ବିଭାଗଠାରୁ ମିଳିଥିବା ରିପୋର୍ଟ ଅନୁଯାୟୀ ୧୨୬ କୋଟି ୬୨ ଲକ୍ଷ ୯୩ ହଜାର ଟଙ୍କାର ସାଧାରଣ ସମ୍ପତ୍ତି କ୍ଷୟକ୍ଷତି ହୋଇଛି। ସାଧାରଣ ସମ୍ପତ୍ତି କ୍ଷୟକ୍ଷତିର ତୁରନ୍ତ ପୁନରୁଦ୍ଧାର ପାଇଁ ଜଳସମ୍ପଦ ବିଭାଗ ୫୨୭୭.୬୯ ଲକ୍ଷ ଟଙ୍କା ଆବଶ୍ୟକ କରୁଥିବାବେଳେ ପୂର୍ତ୍ତ ବିଭାଗ ୨୦୧୯.୪୪ ଲକ୍ଷ, ଗ୍ରାମ୍ୟ ଉନ୍ନୟନ ବିଭାଗ ☞ପୃଷ୍ଠା-୪

**କ୍ଷୟକ୍ଷତି ରିପୋର୍ଟ**
- ୧.୨୬ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ
- ୧୨୬.୬୨ କୋଟିର ସାଧାରଣ ସମ୍ପତ୍ତି କ୍ଷତି
- ୫୦୩୬ ହେକ୍ଟର ଜମି ବାଲିଚର
- ବନ୍ୟା ସହାୟତା ପାଇଁ ୧୨୮ କୋଟି ୫୮ ଲକ୍ଷ
- ମରାମତି, ପୁନରୁଦ୍ଧାର ଲାଗି ୮୭୧୫.୫୧ ଲକ୍ଷ ଟଙ୍କା ମଞ୍ଜୁର

# ରାଜ୍ୟରେ ହେବ ଖୋ ଖୋ ଷ୍ଟାଡିୟମ
## ଓଡ଼ିଶା ଜଗରନଟ୍ସ ଦଳକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

- **୨ କୋଟି ଟଙ୍କାର ପୁରସ୍କାର**
- **ଖୋ ଖୋ ହାଇପର୍‌ଫର୍ମାନ୍ସ ସେଣ୍ଟର ମଧ୍ୟ ହେବ**

ଭୁବନେଶ୍ୱର, ୭।୯(କ୍ରୀଡ଼ା ପ୍ରତିନିଧି)

କ୍ରୀଡ଼ାକ୍ଷେତ୍ରରେ ଓଡ଼ିଶା ଏବେ ଆଗକୁ ବଢ଼ୁଛି। ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବାରୁ ଏଠାରେ ଏବେ ହକି, ଆଥ୍‌ଲେଟିକ୍ସ, ଫୁଟ୍‌ବଲ, ଟେନିସ୍ ଆଦି ଏକାଧିକ ଖେଳର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ହୋଇପାରିଛି। ଫଳସ୍ୱରୂପ ଓଡ଼ିଶାରେ ବିଶ୍ୱକପ୍ ସମେତ ପାଖାପାଖି ଏକ ଡଜନ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ ହୋଇଛି। ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରି ଦେଶ ବିଦେଶରୁ ପ୍ରଶଂସା ସାଉଁଟିଛନ୍ତି ଓଡ଼ିଶା ସରକାର। ଫ୍ରାଞ୍ଚାଇଜ୍‌ଭିତ୍ତିକ ଲିଗ୍ ହକିରେ କଳିଙ୍ଗ ଲାନ୍ସର୍ସ, ଫୁଟ୍‌ବଲରେ ଓଡ଼ିଶା ଏଫ୍‌ସି ପରି ଖୋ ଖୋରେ ରାଜ୍ୟର ଏକ ନିଜସ୍ୱ ଦଳ ଓଡ଼ିଶା ଜଗରନଟ୍ସ ସଦ୍ୟସମାପ୍ତ ଅଲ୍ଟିମେଟ ଖୋ ଖୋ ଲିଗ୍‌ରେ ଅଂଶଗ୍ରହଣ କରିଥିଲା। କେବଳ ସେତିକି ନୁହେଁ, ସର୍ବପ୍ରଥମ ସଂସ୍କରଣରେ ଓଡ଼ିଶା ଜଗରନଟ୍ସ ଚାମ୍ପିୟନ ହୋଇ ଇତିହାସ ରଚିଛି। ଫଳସ୍ୱରୂପ ଏବେ ସ୍ୱଦେଶୀ କ୍ରୀଡ଼ା ଖୋ ଖୋ ପାଇଁ ଆସିଛି ବଡ଼ ଖୁସି ଖବର। ଓଡ଼ିଶାରେ ଖୋ ଖୋ ଷ୍ଟାଡିୟମ ଏବଂ ହାଇ ପର୍‌ଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ନିର୍ମାଣ ହେବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବୁଧବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଭାରୋତ୍ତୋଳନ ହଲ୍‌ରେ ଓଡ଼ିଶା ଜଗରନଟ୍ସ ଦଳକୁ ସମ୍ବର୍ଦ୍ଧନା ସହ ଆର୍ଥିକ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଏହା ପ୍ରକାଶ କରିଛନ୍ତି। ଜଗରନଟ୍ସ ଦଳକୁ ୨ କୋଟି ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ଓଡ଼ିଶାରେ ☞ପୃଷ୍ଠା-୪

# ବାପାଙ୍କୁ ଗୁଳି କରି ହତ୍ୟା

- **ଦେଶୀ ବନ୍ଧୁକ ଜବତ**
- **ଜଙ୍ଗଲରୁ ଧରାପଡ଼ିଲେ ଅଭିଯୁକ୍ତ**

ଉଦଳା, ୭।୯(ଡି.ଏନ.ଏ.)

ସାମାନ୍ୟ ବଚସାରୁ ନିର୍ଦ୍ଦୟ ପାଲଟିଲେ ପୁଅ। ହାତ ଧରି ଚାଲି ଶିଖାଇଥିବା ବାପାଙ୍କୁ ଗୁଳି କରି ହତ୍ୟା କଲେ। ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ କାଶୀକୁଣ୍ଡଳ ଗ୍ରାମରେ। ମୃତକ ହେଲେ ଚିଲୁ ନାଏକ। ପୋଲିସ ଅଭିଯୁକ୍ତ ପୁଅ କୈଳାସଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ କୈଳାସ ଘରକୁ ଫେରି ଖାଉଥିଲେ। ଏହି ସମୟରେ ତାଙ୍କ ବାପା ଚିଲୁ ପହଞ୍ଚି କୌଣସି କଥାକୁ ନେଇ ଗାଳି କରିଥିଲେ। ଏହାକୁ ନେଇ ବାପ ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଉଠିଥିଲେ କୈଳାସ। ସେ ଖାଇବା ପାଖରୁ ଉଠିଯାଇ ☞ପୃଷ୍ଠା-୪

**ଜଟଣୀରେ ହେବ କ୍ୟାନ୍‌ସର ହସ୍ପିଟାଲ**
........୪........

# ୧୧୦ ସ୍ଥାନରେ ଆଇଟି ଚଢ଼ାଉ

## ଅଣସ୍ୱୀକୃତିପ୍ରାପ୍ତ ଦଳଗୁଡ଼ିକର ଟିକସ ଠକେଇ

ନୂଆଦିଲ୍ଲୀ,୭।୯

କେତେକ ନିର୍ଦ୍ଦିଷ୍ଟ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ (ଆର୍‌ୟୁପିପି) ଏବଂ ସେଗୁଡ଼ିକର ସନ୍ଦେହଜନକ ଆର୍ଥିକ କାରବାର ବିରୋଧରେ ବୁଧବାର ଆୟକର (ଆଇଟି) ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି। ଆୟକର ଠକେଇ ଅଭିଯୋଗରେ ଗୁଜରାଟ, ଦିଲ୍ଲୀ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ହରିୟାଣା ଓ ଅନ୍ୟ କେତେକ ରାଜ୍ୟର ଅନ୍ୟୂନ ୧୧୦ ସ୍ଥାନରେ ଆଇଟି ଟିମ୍ ଓ ସ୍ଥାନୀୟ ପୋଲିସ ଯାଞ୍ଚ କରିଛନ୍ତି। ସେହିପରି ଦିଲ୍ଲୀର ଥିଙ୍କ୍‌ଟ୍ୟାଙ୍କ୍ ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ଏନ୍‌ଜିଓ ଅକ୍ସଫାମ୍ ଇଣ୍ଡିଆ ଏବଂ ବେଙ୍ଗାଲୁରୁସ୍ଥିତ ପବ୍ଲିକ୍ ସ୍ପିରିଟେଡ୍ ମିଡିଆ ଫାଉଣ୍ଡେଶନ ଅଫିସରେ ମଧ୍ୟ ଆଇଟି ଅଧିକାରୀମାନେ ଚଢ଼ାଉ କରିଥିବା ଜଣାପଡ଼ିଛି। ଗତ ଜୁନ୍‌ରେ ନିର୍ବାଚନ କମିଶନ (ଇସି) ୧୧୧ଟି ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳକୁ 'ନନ୍-ଏକ୍ସିଷ୍ଟେଣ୍ଟ' ବା ଅସ୍ତିତ୍ୱବିହୀନ ବୋଲି ଚିହ୍ନଟ କରିଥିଲେ। ତିନୋଟି ରାଜନୈତିକ ଦଳର ବିସ୍ତୃତ ବିବରଣୀ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ସକାଶେ ରାଜସ୍ୱ ବିଭାଗକୁ ପ୍ରଦାନ କରିଥିଲେ। ଏହି ଦଳଗୁଡ଼ିକ ବିରୋଧରେ 'ଗମ୍ଭୀର ଆର୍ଥିକ ଅନିୟମିତତା' ଅଭିଯୋଗ ରହିଛି। ବୁଧବାର ଅପରାହ୍ନରେ ଆଇଟି ଅଧିକାରୀମାନେ ନୂଆଦିଲ୍ଲୀର ଚାଣକ୍ୟପୁରୀରେ ଥିବା ସେଣ୍ଟର ଫର୍ ପଲିସି ରିସର୍ଚ୍ଚ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଦସ୍ତାବିଜ ଯାଞ୍ଚ କରିଥିଲେ। ୧୦ ସଦସ୍ୟ ବିଶିଷ୍ଟ ଟିମ୍ ଏହି ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟକୁ ନେଇ ତନାଘନା କରିଥିବା କୁହାଯାଉଛି। ତେବେ ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ନିଜକୁ ଏକ ☞ପୃଷ୍ଠା-୪

# ୪୭% ଆଣ୍ଟିବାୟୋଟିକ୍‌କୁ ମିଳିନି ମଞ୍ଜୁରୀ

## ଭାରତୀୟଙ୍କ ଔଷଧ ସେବନ ଉଦ୍‌ବେଗଜନକ: ଲାନ୍‌ସେଟ୍

ନୂଆଦିଲ୍ଲୀ, ୭।୯

କୋଭିଡ୍-୧୯ ମହାମାରୀବେଳେ ଡୋଲୋ-୬୫୦ ଟାବ୍‌ଲେଟ୍‌ର ବହୁଳ ବ୍ୟବହାର ବିତର୍କକୁ ଆସିଥିବାବେଳେ ଏବେ ଭାରତୀୟଙ୍କ ଆଣ୍ଟିବାୟୋଟିକ୍ ଔଷଧ ସେବନ ଉଦ୍‌ବେଗଜନକ ହୋଇଛି। ୨୦୧୯ରେ ଭାରତରେ ବ୍ୟବହୃତ ଟାବ୍‌ଲେଟ୍ ମଧ୍ୟରୁ ସର୍ବାଧିକ ହେଉଛି ଆଜିଥ୍ରୋମାଇସିନ୍। ଏ ନେଇ ଲାନ୍‌ସେଟ୍ ରିଜିଓନାଲ ହେଲ୍‌ଥ ସାଉଥ୍‌ଇଷ୍ଟ ଏସିଆ ପତ୍ରିକାରେ ରିପୋର୍ଟ ପ୍ରକାଶ ପାଇଛି। ଚିନ୍ତାର ବିଷୟ ହେଉଛି ଘରୋଇ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଆଣ୍ଟିବାୟୋଟିକ୍ ଔଷଧ ମଧ୍ୟରୁ ୪୭%କୁ କେନ୍ଦ୍ରୀୟ ଡ୍ରଗ୍ ନିୟନ୍ତ୍ରକଙ୍କ ମଞ୍ଜୁରୀ ମିଳିନାହିଁ।

ଆଣ୍ଟିବାୟୋଟିକ୍‌ର ବିକ୍ରି ଓ ବ୍ୟବହାର ଉପରେ ନିୟନ୍ତ୍ରଣ ରଖାଯିବା ପାଇଁ ଗାଇଡ୍‌ଲାଇନ୍ ଅଣାଯିବା ଉଦ୍ଦେଶ୍ୟରେ ଏହି ଅଧ୍ୟୟନ କରାଯାଇଥିଲା। ବୋଷ୍ଟନ ୟୁନିଭର୍ସିଟି ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ ସହ ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ, ନୂଆଦିଲ୍ଲୀର ସେଚ୍ଛିଲ ଗଣେଶ ଏବଂ ଶକ୍ତିଭେଲ୍ ସେଲଭରାଜଙ୍କ ଦ୍ୱାରା ଏହି ଗବେଷଣା କରାଯାଇଛି। ଏଥିପାଇଁ ଗବେଷକମାନେ ଫାର୍ମା-ଟ୍ରାକ୍‌ର ତଥ୍ୟକୁ ବିଶ୍ଳେଷଣ



କରିଥିଲେ। ପ୍ରାୟ ୫ ହଜାର ଫାର୍ମାସ୍ୟୁଟିକାଲ୍ (ଔଷଧ ପ୍ରସ୍ତୁତକାରୀ) କମ୍ପାନୀର ଉତ୍ପାଦ ରଖୁଥିବା ୯ ହଜାର ଷ୍ଟକିଷ୍ଟଙ୍କ ଠାରୁ ଡାଟା ସଂଗ୍ରହ କରାଯାଇଥିଲା। ସାଧାରଣତଃ ଶରୀରରେ ଜୀବାଣୁ ବା ବ୍ୟାକ୍ଟେରିଆଜନିତ ସଂକ୍ରମଣ ରୋକିବା ପାଇଁ ଆଣ୍ଟିବାୟୋଟିକ୍ ବ୍ୟବହାର କରାଯାଏ। ରିସର୍ଚ୍ଚରୁ ଜଣାପଡ଼ିଛି, ଆଜିଥ୍ରୋମାଇସିନ୍ ୫୦୦ ଏମ୍‌ଜିକୁ ଭାରତରେ ସର୍ବାଧିକ ସେବନ କରାଯାଇଥିବାବେଳେ ଏହା ତଳକୁ ସେଫିକ୍ସିମ ୨୦୦ ଏମ୍‌ଜି ଟାବ୍‌ଲେଟ୍ ରହିଛି। ଆମେରିକା, ୟୁରୋପ ଭଳି ଭାରତରେ ଆଣ୍ଟିବାୟୋଟିକ୍ ବ୍ୟବହାରର ☞ପୃଷ୍ଠା-୪


RSPL EVOLUTION IS CONSTANT
କେବଳ ଓଡ଼ିଶା ପ୍ରାନ୍ତର ଦୋକାନୀମାନଙ୍କ ପାଇଁ ମାନ୍ୟ
ସ୍କିମ୍ 2nd September, 2022 ରୁ ଲାଗୁ ।
ଘଡ଼ୀ ଡିଟର୍ଜେଣ୍ଟ




ପ୍ରତିଦିନ 100 ଦୋକାନୀମାନେ ଜିତନ୍ତୁ 1 ଗ୍ରାମ ସୁନାର ମୁଦ୍ରା
₹5000ର କ୍ରୟ ଉପରେ ପାଆନ୍ତୁ ଏକ ସ୍କ୍ରାଚ୍ କୁପନ ଏବଂ ଜିତନ୍ତୁ ₹180 ପର୍ଯ୍ୟନ୍ତ ନିଶ୍ଚିତ ପୁରସ୍କାର.
ସ୍କ୍ରାଚ୍ କୁପନରେ ବାହାରୁଥିବା କୋଡ୍‌କୁ ଦିଆଯାଇଥିବା ନମ୍ବରରେ 2 ରୁ 15 ସେପେଟ୍ମ୍ବର ପର୍ଯ୍ୟନ୍ତ SMS କରନ୍ତୁ
SMS କରନ୍ତୁ GHADIS<SPACE>Unique Code to 8367283672 for registration
ସମୟ: 8AM ରୁ 8PM
ସୁନାର ମୁଦ୍ରା ବାଲା ସ୍କିମ୍ 2 ରୁ 15 ସେପେଟ୍ମ୍ବର. 2022 ପର୍ଯ୍ୟନ୍ତ ମାନ୍ୟ

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ ପାଉଡର ମାଗଣା ପ୍ୟାକେଟ୍ |
|---|---|
| 4kg / 3kg / 1kg / ₹50/- (700g) / 500g / ₹10/- (110g) ର 1*ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| ₹5/- (55g) ର 1*ବସ୍ତା | ₹5/- (55g) ର 5 pcs. ମାଗଣା |

Ghadi Powder: *1 ବସ୍ତା = 4kgx5 pkts., 3kgx10 pkts., 2kgx10 pkts., 1kgx25 pkts., 700gx40 pkts., 500gx40 pkts., 110gx72 pkts., 55gx100 pkts.

| ସ୍ଲାବ୍ | ଘଡ଼ି ଡିଟର୍ଜେଣ୍ଟ କେକ୍‌ର ମାଗଣା ପିସ୍ |
|---|---|
| 1@ ପେଟି | ₹5/- (60g) ର 3 pcs. ମାଗଣା |

Ghadi Cake: @1 ପେଟି = 60gx100 pcs., 130gx56 pcs., 250gx40 pcs.

| ସ୍ଲାବ୍ | ଘଡ଼ି ମେଶିନ୍ ୱାଶ୍ ମାଗଣା ପ୍ୟାକେଟ୍ |
|---|---|
| 1kg / 500g ର 1$ ବସ୍ତା | 500g ର 1 ପ୍ୟାକେଟ୍ ମାଗଣା |
| 3kg ର 1$ ବସ୍ତା | 1kg ର 1 ପ୍ୟାକେଟ୍ ମାଗଣା |
| ₹10/- (70g) ର 1$ ବସ୍ତା | ₹10/- (70g) ର 3 pcs. ମାଗଣା |

Ghadi Machine Wash: $1 ବସ୍ତା = 1kgx12 pkts., 500gx24 pkts., 72g/70gx60 pkts., 3kgx5 pkts. + Plastic Container

| ସ୍ଲାବ୍ | ଗ୍ଲୋରି ମାଗଣା ପିସ୍ |
|---|---|
| 100g / 45g ର 1# ପେଟି | 45g ର 5 pcs. ମାଗଣା |
| 200ml / 180ml / 50ml / 25ml HW के 12 pcs. | କିଣା ଯାଇଥିବା HW SKU ର1 pc. ମାଗଣା (200ml/180ml/60ml/25ml) |

Glori TOTAL CLEAN
Ghadi Soap: #1 ପେଟି = (100g x 4) x 12 pcs., (50g/45g x 4) x 15 pcs.
HW = Handwash

ସ୍କିମ୍ ସମ୍ବନ୍ଧିତ କୌଣସି ସମସ୍ୟା ପାଇଁ ତଳେ ଦିଆଯାଇଥିବା ନମ୍ବରରେ ତୁରନ୍ତ ସଂପର୍କ କରନ୍ତୁ ।
PRASHANT SRIVASTAVA (BHUBANESWAR): 8005209428, PANCHANAN PRADHAN (SAMBALPUR): 9439649875,
DHEERENDRA KUMAR (STATE HEAD): 9935279225 AJAY GUPTA (ZSH): 9334157258
ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : ©RSPL CARE 1800 120 2800

# ବରଦାୟିନୀ ମା' ଭଗବତୀ

୫୦୦ବର୍ଷର ପୀଠ

**ଉତ୍କଳବନ୍ଧୁ ପଣ୍ଡା**
ଖଇରା, ୭।୯

ବାଲେଶ୍ୱର ଜିଲା ଖଇରା ବ୍ଲକ ବରଦା ଅଞ୍ଚଳର ଆରାଧ୍ୟା ଦେବୀ ମା' ଭଗବତୀ। ଭଦ୍ରକ ମୋଟେଲ ଛକରୁ କାଉପୁର ରାସ୍ତା ଦେଇ ଯିବା ବେଳେ ବାଟରେ ପଡେ। ବାଲେଶ୍ୱର ଜିଲା ଗରସଙ୍ଗ ଅନ୍ତରା ବଜାର ଦେଇ ମଧ୍ୟ ବରଦା ଯିବାକୁ ରାସ୍ତା ରହିଛି। ବାଲେଶ୍ୱର ଭଦ୍ରକ ଦୁଇ ଜିଲା ସୀମାନ୍ତରେ ଅବସ୍ଥିତ ଏହି ପ୍ରାଚୀନ ପୀଠର ଅନେକ କିମ୍ବଦନ୍ତୀ ରହିଛି। ପ୍ରତ୍ୟକ୍ଷଦେବୀ ଭାବେ ଭକ୍ତଙ୍କ ମନ କଥା ଜାଣି ବର ଦେଉଥିବା ନେଇ ବିଶ୍ୱାସ ରହିଛି।

ବରଦାୟିନୀ ମା' ଭଗବତୀଙ୍କ ନାମରୁ ଗ୍ରାମର ନାମ ବରଦା ହୋଇଛି। ଏହି ମନ୍ଦିର ୫ଶହ ବର୍ଷ ତଳର ପୁରୁଣା ବୋଲି ସ୍ଥାନୀୟ ବାସିନ୍ଦା ଦାବି କରନ୍ତି । ପ୍ରବାଦ ଅନୁଯାୟୀ ଷୋଡଶ ଶତାବ୍ଦୀରେ କଳାପାହାଡ ବଙ୍ଗରୁ ଆସି ଓଡିଶାରେ ତାଣ୍ଡବ ଲୀଳା ଘଟାଇ ବିଭିନ୍ନ ମନ୍ଦିର ତଥା ଦେବୀଦେବତାଙ୍କ ମୂର୍ତ୍ତୀ ଭାଙ୍ଗୁଥିବା ବେଳେ ବରଦାର ମା' ଭଗବତୀ ପୀଠକୁ ଆସି ମା'ଙ୍କ ମୂର୍ତ୍ତୀରୁ ନାକ ଛେଦନ କରିଥିଲେ। ଏବେ ମଧ୍ୟ ମା'ଙ୍କ ମୂର୍ତ୍ତୀ ନାକରେ କଟାଦାଗ ଥିବା ଦେଖିବାକୁ ମିଳେ । ଏଠାକାର ସ୍ୱତନ୍ତ୍ରତା ହେଉଛି ମନ୍ଦିରରେ କୌଣସି ବଳି ପଡେନାହିଁ ଏବଂ ମା' ପରମ ବୈଷ୍ଣବୀ ଭାବେ ପୂଜା ପାଇଥାନ୍ତି। କଳା ମୁଗୁନି ପଥରରେ ନିର୍ମିତ ହୋଇଥିବା ମା'ଙ୍କ ମୂର୍ତ୍ତି ଓ ପୁରୁଣା କଳା କାରିଗରିରେ ତିଆରି ମନ୍ଦିରରୁ ଏହା କେତେ ପୁରୁଣା ଅନୁମାନ କରାଯାଇପାରେ। ଯିଏ ଯେମିତି ଭାବେ ଅସୁବିଧାରେ ପଡି ମା'ଙ୍କୁ ଡାକେ ମା' ନିଶ୍ଚୟ ତାର ମାନସିକ ପୂରଣ କରିଥାନ୍ତି ବୋଲି ପୂଜକ କାର୍ତ୍ତିକ ଚନ୍ଦ୍ର ବାରିକ କହିଥାନ୍ତି। ବୁଢାବାପା ଧିନ୍ଦେଇ, ବାପା ମଦନମୋହନଙ୍କ ପରେ ସେ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ପୂଜା କରୁଛନ୍ତି । ହଜାର ହଜାର ଭକ୍ତଙ୍କ ମାନସିକ ପୂରଣ ହୋଇପାରୁଥିବା ନେଇ ସେ କହିଛନ୍ତି । ମୁଖ୍ୟପର୍ବ ଭାବେ ପଣା ସଂକ୍ରାନ୍ତି ପାଖାପାଖି ୧୫ଦିନ ଧରି ଚାଲିଥାଏ। ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଭକ୍ତ ଯୋଗ ଦେଇଥାନ୍ତି। ମାନସିକଧାରୀ ଶତାଧିକ ଭକ୍ତ ଦେହରେ କଣ୍ଟାଫୋଡି ଉଡା ପାଟୁଆ ପର୍ବରେ ସାମିଲ ହୋଇଥାନ୍ତି । ସ୍ଥାନୀୟ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସଂସ୍କୃତିମନ୍ତ୍ରୀ ଥିବା ବେଳେ ଲୋକଙ୍କ ଯାତାୟାତ ସୁବିଧାକୁ ଦୃଷ୍ଟିରେ ରଖି ଏହାର ନିର୍ମାଣ କରାଯାଇଛି। ଏବେ ନିକଟରେ ରୂପାନ୍ତରଣ କାର୍ଯ୍ୟ ପାଇଁ ବିଧାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ପାଇଁ ନକ୍ସା ପ୍ରସ୍ତୁତ କରାଯିବା ସହ ଶିଳାନ୍ୟାସ କାମ ମଧ୍ୟ ଶେଷ ହୋଇଛି । ମା' ଙ୍କର ବିଭିନ୍ନ ଯାନିଯାତ୍ରା ପାଇଁ ପଞ୍ଚାୟତ ତରଫରୁ ଏକ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସ୍ଥାନୀୟ ସରପଞ୍ଚ ପରୀକ୍ଷିତ ମହାପାତ୍ର କହିଛନ୍ତି। ମା'ଙ୍କର ମହିମା ଅନେକ। କେବଳ ମଫସଲ ଅଞ୍ଚଳରେ ଥିବାରୁ ମନ୍ଦିର ସମ୍ପର୍କରେ ଲୋକ ଜାଣି ପାରୁ ନ ଥିବା ଗ୍ରାମର ପୁରୁଖା ବ୍ୟକ୍ତି ବ୍ରଜକିଶୋର ମହାନ୍ତି କହିଛନ୍ତି।


ବରଦାର ପ୍ରସିଦ୍ଧ ଭଗବତୀ ପୀଠ।










# ଗରିବଙ୍କ ସାଥୀ ଅମୀର

## ରକ୍ତ ଦେଇ ବଞ୍ଚାଉଛନ୍ତି ଜୀବନ



**ସ୍ମାରକ ମାଝୀ**
ମୋରଡ଼ା,୭।୯

ରକ୍ତଦାନ କରି ଜୀବନ ବଞ୍ଚାଅ। ଏହି ବାର୍ତ୍ତାକୁ ନେଇ ଆଗେଇ ଚାଲିଛନ୍ତି ସେ। ଗରିବ, ନିଃସହାୟଙ୍କ ସମେତ ଆବଶ୍ୟକ ସମୟରେ ରୋଗୀଙ୍କୁ ରକ୍ତଦାନ କରି କେବଳ ନିଜ ଅଞ୍ଚଳ ନୁହେଁ ସମଗ୍ର ଜିଲାରେ ବେଶ୍ ଜଣାଶୁଣା। ଏହିଭଳି ଭାବେ ଗରିବଙ୍କ ସାଥୀ ପାଲଟିଛନ୍ତି ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଚିତ୍ରଡ଼ାର ଅମୀର ଖାନ। ଚିତ୍ରଡ଼ା କଲେଜରେ ଅନୁଷ୍ଠିତ ଜାତୀୟ ସେବା ଯୋଜନାର ଏକ କ୍ୟାମ୍ପରେ ୧୮ ବର୍ଷ ବୟସରେ ପ୍ରଥମେ ସେ ରକ୍ତଦାନ କରିଥିଲେ। ପରେ ଏହି ରକ୍ତଦାନ ଅମୀରଙ୍କ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ସେ ୩୦ରୁ ଅଧିକ ଥର ରକ୍ତଦାନ କରିସାରିଲେଣି। ଏଥିପାଇଁ କାହାଠାରୁ ଟଙ୍କାଟେ ମଧ୍ୟ ନିଅନ୍ତି ନାହିଁ ବରଂ ରୋଗୀମାନଙ୍କ ପାଇଁ ସେ ନିଜେ କିଛି ଖର୍ଚ୍ଚ ବି ବହନ କରିଥାନ୍ତି। ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୧୫ରେ ଜିଲା ଏବଂ ୨୦୧୬ରେ ରାଜ୍ୟସ୍ତରରେ ସେ ପୁରସ୍କୃତ ହୋଇଛନ୍ତି। ୧୯୯୫ରେ ଏକ ଗରିବ ପରିବାରରେ ଜନ୍ମ ନେଇଥିବା ଅମୀର ଦିନେ ଜାଣି ନ ଥିଲେ ରକ୍ତଦାନ କରି ସାରା ଜିଲାରେ ପରିଚିତ ହେବେ। ପିଲା ବେଳୁ ଖେଳରେ ରୁଚି ରଖୁଥିବା ଅମୀର ହାଇସ୍କୁଲ କ୍ୟାରିଅରରେ କବାଡ଼ି ଖେଳ ପାଇଁ ରାଜ୍ୟସ୍ତରରେ ପରିଚିତ ହୋଇଥିଲେ। ଆଉ ଏବେ ସେ ପାଲଟିଛନ୍ତି ରୋଗୀଙ୍କ ଦରଦୀ ବନ୍ଧୁ।

ଅମୀର ନିଜସ୍ୱ ଉଦ୍ୟମରେ କିଛି ଯୁବ ଗୋଷ୍ଠୀଙ୍କୁ ନେଇ ରକ୍ତଦାନ ଶିବିର ଆୟୋଜନ କରି ଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ୧୮ରୁ ଅଧିକ ବ୍ଲଡ ଡୋନେଶନ କ୍ୟାମ୍ପ କରିଛନ୍ତି। କରୋନା ଭଳି ମହାମାରୀ ସମୟରେ ବ୍ଲଡ କ୍ୟାମ୍ପ ମାଧ୍ୟମରେ ୧୫୦ ୟୁନିଟ ରକ୍ତ ସଂଗ୍ରହ କରି ବାରିପଦା ରେଡକ୍ରସ ରକ୍ତ ଭଣ୍ଡାରକୁ ଦେଇଛନ୍ତି। ଏତିକିରେ ସରିନାହିଁ ଅମୀରଙ୍କ କାହାଣୀ। ବର୍ଷ ତମାମ ଯେଉଁ ଡାକ୍ତରଖାନରେ ରୋଗୀଙ୍କର ରକ୍ତ ଦରକାର ହୁଏ, ଖବର ପାଇ ଅମୀର ଓ ତାଙ୍କ ସହଯୋଗୀ ଆଗେଇ ଆସନ୍ତି। ତେବେ ଆଗକୁ ଏହିଭଳି ରକ୍ତଦାନ କାର୍ଯ୍ୟରେ ବ୍ରତୀ ରହିବେ ବୋଲି ଅମୀର କହିଛନ୍ତି।












**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୧୬,୦୬,୧୩୨ | ୬୫,୦୭,୮୮୮ | ୫୮,୯୩,୧୬,୮୩୩ |
| ଭାରତ | ୪,୪୪,୭୨,୨୪୧ | ୫,୨୮,୦୫୭ | ୪,୩୮,୯୩,୫୯୦ |
| ଓଡ଼ିଶା | ୧୩,୨୯,୨୦୩ | ୯୧୮୩(+୫୩) | ୧୩,୧୮,୩୫୧ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଖୁବ୍‌ଶୀଘ୍ର ପ୍ରକାଶ ପାଇବ ଓସିଏସ୍ ପରୀକ୍ଷାଫଳ

କଟକ ଅଫିସ, ୭।୯: ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପରୀକ୍ଷାଫଳ ଚଳିତମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ। ଏଥିସହ ସେପ୍ଟେମ୍ବର ତୃତୀୟ ସପ୍ତାହରେ ସାକ୍ଷାତ୍‌କାର ଅନୁଷ୍ଠିତ ହେବ। ଏନେଇ ବୁଧବାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ର ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ଟୁଇଟ୍ କରି ସୂଚନା ଦେଇଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି, ୨୦20 ଓସିଏସ୍ ଲିଖିତ ପରୀକ୍ଷା ଏହି ସପ୍ତାହାନ୍ତରେ ପ୍ରକାଶ ପାଇବ। ଏ ସମ୍ପର୍କିତ ଅଧିକ ତଥ୍ୟ ଓପିଏସ୍‌ସି ୱେବ୍‌ସାଇଟ (www.opsc.gov.in)ରେ ଉପଲବ୍ଧ ହେବ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୪ ଜିଲାର ମିଶନ ଶକ୍ତି ମହିଳା

**ଭୁବନେଶ୍ୱର,୭।୯(ବ୍ୟୁରୋ):** ଯାଜପୁର, ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ମିଶନ ଶକ୍ତି ଗୋଷ୍ଠୀର ମହିଳାମାନେ ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଛନ୍ତି। ଅଗଷ୍ଟ ୧୫ରେ ୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମହିଳାମାନେ ଜାତୀୟ ପତାକା ତିଆରି ଦାୟିତ୍ୱ ନେଇ ଦକ୍ଷତାର ସହ ତୁଲାଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମିଶନ ଶକ୍ତିର ଏଭଳି କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଆସ୍ଥା ରଖି ଜାତୀୟ ପତାକା ପ୍ରସ୍ତୁତ ପରି ଏକ ଗୁରୁଦାୟିତ୍ୱ ଅର୍ପଣ କରିଥିବାରୁ ସମ୍ପୃକ୍ତ ମିଶନ ଶକ୍ତି ମହିଳାମାନେ କୃତଜ୍ଞତା ଜଣାଇଛନ୍ତି।

### ଅନୁ ଗର୍ଗଙ୍କୁ ଗୃହ ବିଭାଗର ଅସ୍ଥାୟୀ ଦାୟିତ୍ୱ

**ଭୁବନେଶ୍ୱର, ୭।୯(ବ୍ୟୁରୋ):** ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରା ବିଦେଶ ଗସ୍ତରେ ଯାଇଛନ୍ତି । ସଞ୍ଜୀବଙ୍କ ଅନୁପସ୍ଥିତିରେ କୃଷି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅସ୍ଥାୟୀ ଭାବେ ଗୃହ ବିଭାଗ ଦାୟିତ୍ୱରେ ରହିବେ। ନେଦରଲାଣ୍ଡର ଆଲମେର ସହରରେ ଚାଲିଥିବା 'ଫ୍ଲୋରିଏଡ୍ ଏକ୍ସପୋ'ରେ ଯୋଗଦେବାକୁ ଚୋପ୍ରାଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ଏକ ଟିମ୍ ପ୍ରଶିକ୍ଷଣ ପାଇଁ ଯାଇଥିବା ଜଣାପଡ଼ିଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଚୋପ୍ରା ନେଦରଲାଣ୍ଡ ଗସ୍ତରେ ସେପ୍ଟେମ୍ବର ୬ରୁ ୧୬ ତାରିଖ ପର୍ଯ୍ୟନ୍ତ ଯାଉଥିବାରୁ ତାଙ୍କ ସ୍ଥାନରେ ଅନୁ ଗର୍ଗ ଗୃହ ବିଭାଗ ଦାୟିତ୍ୱ ତୁଲାଇବେ। ଗର୍ଗ ନିଜ ଦାୟିତ୍ୱ ସହ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଇବେ। ସେହିପରି ଚୋପ୍ରା କୃଷି ଉତ୍ପାଦନ କମିଶନର ଥିବାରୁ ସେ ଦାୟିତ୍ୱ ରାଜ୍ୟ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କୁ ନ୍ୟସ୍ତ କରାଯାଇଛି। ନେଦରଲାଣ୍ଡରେ ଚାଲିଥିବା ଉଦ୍ୟାନ କୃଷି ମେଳାରେ ଚୋପ୍ରାଙ୍କ ସମେତ କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଓ ଉଦ୍ୟାନ କୃଷି ନିର୍ଦ୍ଦେଶକ ଯାଇଛନ୍ତି। ସେମାନଙ୍କ ସହ ୪ଜଣ ଚାଷୀ ଯିବାକୁ ସ୍ଥିର ହୋଇଥିଲା। ଭିସା ନ ମିଳିବାରୁ ସେମାନେ ଯାଇ ନ ଥିବା ଜଣାପଡ଼ିଛି।

# ସହରାଞ୍ଚଳ ଆର୍ଥିକ ଦୁର୍ବଳ ବର୍ଗଙ୍କୁ ଘର



ବିଡିଏ ଏବଂ ଓୟୁଏଚ୍‌ଏମ୍‌ର ମିଳିତ ସହଯୋଗରେ ବିକାଶ କରାଯାଇଥିବା ସିଷ୍ଟମକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଶୁଭାରମ୍ଭ କରୁଛନ୍ତି।

- ସହାୟତା କରିବ ହାଉସ୍ ଆଲଟ୍‌ମେଣ୍ଟ ସିଷ୍ଟମ
- ୧୦% ଇଡବ୍ଲ୍ୟୁଏସ୍ ଗୃହ ନିର୍ମାଣ ବାଧ୍ୟତାମୂଳକ

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ବାସଗୃହ ନ ଥିବା ସହରାଞ୍ଚଳ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଲୋକଙ୍କୁ ଘର ମିଳିବ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ 'ହାଉସିଂ ଫର୍ ଅଲ୍' ନୀତି ଆରମ୍ଭ କରାଯାଇଛି। ଏଥିପାଇଁ ଓଡ଼ିଶା ସହରାଞ୍ଚଳ ଗୃହ ନିର୍ମାଣ ମିଶନ (ଓୟୁଏଚ୍‌ଏମ୍) ପକ୍ଷରୁ ଏକ ସ୍ୱଚ୍ଛ ଓ ବୃତ୍ତିଭିତ୍ତିକ ପରିଚାଳନା ୱେବ୍ ସଫ୍ଟୱେର ଏବଂ ଆଣ୍ଡ୍ରଏଡ୍ ମୋବାଇଲଭିତ୍ତିକ ଆପ୍ଲିକେଶନ 'ହାଉସ୍ ଆଲଟମେଣ୍ଟ ସିଷ୍ଟମ'ର ବିକଶିତ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଓୟୁଏଚ୍‌ଏମ୍‌ର ମିଳିତ ସହଯୋଗରେ ବିକାଶ କରାଯାଇଥିବା ଏହି ସିଷ୍ଟମକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଶୁଭାରମ୍ଭ କରିଛନ୍ତି।

ଏହି ବ୍ୟବସ୍ଥା ଦ୍ୱାରା ହାଉସିଂ ଫର୍ ଅଲ୍ ନୀତି ଅନୁଯାୟୀ ଯେଉଁ ପରିବାର ଘର ପାଇବାକୁ ଚାହୁଁଛନ୍ତି ସେମାନେ ପ୍ରଥମେ ପଞ୍ଜୀକରଣ କରିବେ। ହାଉସ୍ ଆଲଟମେଣ୍ଟ ସିଷ୍ଟମ ଜରିଆରେ ସ୍ୱଚ୍ଛତା ଓ ସାମାଜିକ ଅଡିଟିଂ କରାଯିବ। ଏଥିରୁ ସହରାଞ୍ଚଳରେ ଆର୍ଥିକ ଦୁର୍ବଳ ଶ୍ରେଣୀର କେତେ ପରିବାରର ଘର ନାହିଁ ତାହା ଜଣାପଡ଼ିବ। ଏହାଛଡ଼ା ଯେଉଁମାନେ ହାଉସିଂ ସ୍କିମ୍‌ରେ ଘର ପାଇଛନ୍ତି ସେମାନେ ମଧ୍ୟ ଏହି ବ୍ୟବସ୍ଥା ଜରିଆରେ ବିନା ଅସୁବିଧାରେ ଅନ୍‌ଲାଇନ୍ ପେମେଣ୍ଟ କରି ପାରିବେ। ବେସରକାରୀ ଗୃହ ନିର୍ମାଣକାରୀ ସଂସ୍ଥା ହେଉ କିମ୍ବା ସରକାରଙ୍କ ଡେଭେଲପ୍‌ମେଣ୍ଟ ଏଜେନ୍ସି ସେମାନଙ୍କ ହାଉସିଂ ପ୍ରକଳ୍ପରେ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ୧୦% ଘର ନିର୍ମାଣ କରିବା ବାଧ୍ୟତାମୂଳକ କରାଯାଇଛି। 'ହାଉସିଂ ଫର୍ ଅଲ୍ ନୀତି' ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ବିଭିନ୍ନ ସହରାଞ୍ଚଳରେ ପ୍ରାୟ ୧୫୦୦ ବାସଗୃହ ଇଡବ୍ଲ୍ୟୁଏସ୍‌ଙ୍କ ପାଇଁ ନିର୍ମାଣ କରାଯାଇଛି। ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ହାଉସ୍ ଆଲଟମେଣ୍ଟ ସିଷ୍ଟମ ହିତାଧିକାରୀଙ୍କୁ ପଞ୍ଜୀକରଣଠାରୁ ଆରମ୍ଭ କରି ଘର ମିଳିବା ପର୍ଯ୍ୟନ୍ତ ସହାୟତା କରିବ। ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂ କହିଛନ୍ତି, ଏହି ଆପ୍ଲିକେଶନ ହିତାଧିକାରୀଙ୍କୁ ଘର କିଣାରେ ସହାୟତା କରିବ।

# ଚାଲାଣ ବେଳେ ୮୭ କଇଁଛ ଉଦ୍ଧାର


ଉଦ୍ଧାର ହୋଇଥିବା କଇଁଛ।

**ଜଣେ ଅଟକ**

**ଜଳେଶ୍ୱର,୭।୯(ଡି.ଏନ.ଏ.)**

ପଶ୍ଚିମବଙ୍ଗକୁ ଚୋରାଚାଲାଣ ବେଳେ ବନ ବିଭାଗ ୮୭ କଇଁଛ ଉଦ୍ଧାର କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ୬୦ନଂ. ଜାତୀୟ ରାଜପଥର ସୁବର୍ଣ୍ଣରେଖା ପୋଲ ନିକଟରେ ବନ ବିଭାଗ ଚଢ଼ାଉ କରିଥିଲା। ଜଣେ ଯୁବକ ବାଇକ୍‌ରେ କଇଁଛ ନେଉଯାଉଥିବା ବେଳେ ଧରାପଡ଼ିଥିଲେ। ବନ କର୍ମଚାରୀ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅଟକ ଯୁବକ ହେଲେ ଦାନ୍ତୁନ ଥାନା କୋରିଆ ଗାଁର ଦେବବ୍ରତ ଦେ (୩୨)। କଇଁଛ ଚାଲାଣ ପଛରେ ଏକ ବଡ଼ ରାକେଟ କାମ କରୁଥିବା ଅନୁମାନ କରାଯାଉଛି। ବାଲେଶ୍ୱର ଜିଲା ବନ ବିଭାଗ ଏସିଏଫ୍ ଦିଶାନ୍ତ ଶୋଭନ ଚାନ୍ଦ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ଚୋରାଚାଲାଣର ମାଧ୍ୟମ ପାଲଟିଛି ୬୦ନଂ. ଜାତୀୟ ରାଜପଥ। ପ୍ରତ୍ୟହ ନିଶାଦ୍ରବ୍ୟ ସହ ବିଭିନ୍ନ ଜୀବଜନ୍ତୁଙ୍କୁ ମାଫିଆମାନେ ଅବାଧରେ ଚାଲାଣ କରିଆସୁଛନ୍ତି। ପାଟ୍ରୋଲିଂ ବେଳେ କେତେକ ଚୋରାଚାଲାଣକାରୀ ଧରାପଡୁଥିବା ବେଳେ ଅନ୍ୟ କେତେଜଣ କୌଶଳ ବଦଳାଇ ଚାଲାଣ କରିବାରେ ସକ୍ଷମ ହେଉଛନ୍ତି। ଚୋରାଚାଲାଣକାରୀମାନେ କଇଁଛ, ବେଙ୍ଗକୁ ବାଇକ୍, ପିକ୍‌ଅପ୍ ଓ ବସ୍ କ୍ୟାବିନ୍ ସାହାଯ୍ୟରେ ନେଇ ସୀମା ପାର କରୁଥିବା ଦେଖିବାକୁ ମିଳୁଛି। ଖବରପାଇ ଜଳେଶ୍ୱର ବନ ବିଭାଗର ରେଞ୍ଜ ଅଫିସର ଜୟଶ୍ରୀ ମୁର୍ମୁ, ଫରେଷ୍ଟର ଭକ୍ତିଲତା ଦାସ, ଫରେଷ୍ଟଗାର୍ଡ ରଣଜିତ୍ ବିଶ୍ୱାଳ ଓ ଏକ ୬ଜଣିଆ ସ୍କ୍ୱାଡ୍ ସୁବର୍ଣ୍ଣରେଖା ପୋଲ ନିକଟରେ ଜଗି ରହିଥିଲେ। ରାତି ପ୍ରାୟ ଗୋଟାଏ ବେଳେ ଦେବବ୍ରତ ଏକ ବାଇକ୍(ଡବ୍ଲ୍ୟୁବି-୩୪-ବିଏକ୍ସ-୦୪୩୯) ଦ୍ରୁତଗତିରେ ବାଲେଶ୍ୱରରୁ କୋଲକାତା ଅଭିମୁଖେ ଯାଉଥିବା ବେଳେ ବନ ବିଭାଗ ପିଛା କରି ତାଙ୍କୁ କାବୁ କରିଥିଲା। ଶ୍ୱାସରୋଗୀମାନେ କଇଁଛ ମାଂସକୁ ଔଷଧ ଭାବେ ବ୍ୟବହାର କରୁଥିବାରୁ ପଶ୍ଚିମବଙ୍ଗରେ ଏହାର ଚାହିଦା ଅଧିକ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଘୋଷଣା ଅଧିକ, ଖର୍ଚ୍ଚ କମ୍

## ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ




- ନର୍ଲା ୱାର୍କଶପ୍ ପାଇଁ ୨ କୋଟି ଟଙ୍କାରୁ ଖର୍ଚ୍ଚ ହୋଇଛି ୩୧ ହଜାର
- ଲୋକଙ୍କୁ ଭୁଆଁ ବୁଲାଉଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର
- ପଶ୍ଚିମ ଓଡ଼ିଶା ପ୍ରତି ରେଳ ବିଭାଗ ଅବହେଳା ଉଦ୍ଦେଶ୍ୟମୂଳକ

**ବଲାଙ୍ଗୀର ଅଫିସ, ୭।୯**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଚରମ ଅବହେଳାର ପ୍ରକଳ୍ପ ହୋଇଯାଇଛି। ଏହି ପ୍ରକଳ୍ପ ପାଇଁ ଯେତିକି ଟଙ୍କା ବଜେଟରେ ଘୋଷଣା କରାଯାଉଛି, ସେତିକି ଟଙ୍କା ଖର୍ଚ୍ଚ ହେଉନାହିଁ। ରେଳମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ଇଞ୍ଚେ ଆଗକୁ ଗଡ଼ି ନାହିଁ। ଏହି ରେଳ ପ୍ରକଳ୍ପ ଏବେ କଚ୍ଛପଠୁ ମଧ୍ୟ କମ୍ ଗତିରେ ଆଗକୁ ବଢୁଛି। ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ସୂଚନା ଅଧିକାର ଆଇନ ଜରିଆରେ ପାଇଥିବା ତଥ୍ୟକୁ ଏକ ଖବରଦାତା ସମ୍ମିଳନୀ କରି ସାର୍ବଜନୀନ କରିଛନ୍ତି।

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷ ବଜେଟରେ ୧୦୫୦ କୋଟି ଓ ୨୦୨୨-୨୩ ବଜେଟରେ ୮୯୧ କୋଟି ଟଙ୍କା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିଲେ। କିନ୍ତୁ ସୂଚନା ଅଧିକାର ଆଇନ ଯୋଗେ ରେଳ ବିଭାଗରୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ୨୦୨୧-୨୨ ବର୍ଷରେ ମାତ୍ର ୨୯୫ କୋଟି ୪୨ ଲକ୍ଷ ୩୯ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୨-୨୩ ତଥା ଚଳିତ ଆର୍ଥିକ ବର୍ଷର ଜୁଲାଇ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଛି ମାତ୍ର ୪୯ କୋଟି ୭୯ ଲକ୍ଷ ୯୮ ହଜାର ଟଙ୍କା। ୨୦୨୧-୨୨ ଓ ୨୦୨୨-୨୩ ବଜେଟରେ ଘୋଷଣା କରାଯାଇଥିବା ସମୁଦାୟ ୧୯୪୧ କୋଟିର ଲୋଭନୀୟ ଅର୍ଥରାଶି ବିଗତ ୨୦ ବର୍ଷ ମଧ୍ୟରେ ଖର୍ଚ୍ଚ କରାଯାଇ ନାହିଁ। ଅର୍ଥାତ୍ ୨୦୦୩-୦୪ ଆର୍ଥିକ ବର୍ଷରୁ ୨୦୨୨-୨୩ ଜୁଲାଇ ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ କରାଯାଇଛି ମାତ୍ର ୧୬୭୩ କୋଟି ୯୭ ଲକ୍ଷ ଟଙ୍କା। ଏହି ତଥ୍ୟକୁ ଅନୁଶୀଳନ କଲେ ଲୋଭନୀୟ ବଜେଟ ବ୍ୟୟ ଅଟକଳ ଘୋଷଣାଗୁଡିକ ଜନତାଙ୍କୁ ବିଭ୍ରାନ୍ତ କରିବା ପାଇଁ କରାଯାଉଛି। ସେହିପରି ରାଜ୍ୟ ସରକାର ୨୦୧୬-୧୭ରୁ ଏପର୍ଯ୍ୟନ୍ତ ୭ ବର୍ଷରେ ଏହି ରେଳପଥ ପାଇଁ ମାତ୍ର ୩୦୩ କୋଟି ୬୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି।

ଜମି ଅଧିଗ୍ରହଣକୁ ନେଇ ମଧ୍ୟ ସମଦଶା ହୋଇଛି। ଏହି ରେଳପଥ ପାଇଁ ତିନି କିସମର ଜମି ସରକାରୀ, ବେସରକାରୀ ଓ ଜଙ୍ଗଲ ଜମି ଅଧିଗ୍ରହଣ କରାଯାଉଛି। ରେଳପଥ ମଞ୍ଜୁରୀ ପାଇବା ଇତିମଧ୍ୟରେ ୩୦ ବର୍ଷ ବିତି ଯାଇଥିଲେ ମଧ୍ୟ ଏହି ତିନି କିସମ ଜମିକୁ ଏପର୍ଯ୍ୟନ୍ତ ଶହେ ପ୍ରତିଶତ ଅଧିଗ୍ରହଣ କରାଯାଇ ନାହିଁ। ଅଧିଗ୍ରହଣ ହେବାକୁ ଥିବା ସରକାରୀ ଜମିକୁ ମଧ୍ୟ ଶତପ୍ରତିଶତ ଗ୍ରହଣ କରାଯାଇନାହିଁ। ୧୮୪୪.୪୦ ଏକର ଜଙ୍ଗଲ ଜମିରୁ ୧୬୭୪.୩୭ ଏକର ଜମିକୁ ଷ୍ଟେଜ ୨ ଅନୁମତି ମିଳିନାହିଁ। ମାତ୍ର ୧୭୦.୦୩ ଏକର ଜଙ୍ଗଲ ଜମିକୁ ଷ୍ଟେଜ୍ ୨ ଅନୁମତି ମିଳିଥିବା ବେଳେ ୨୦୫.୦୪ ଏକର ଜମିକୁ ଷ୍ଟେଜ ୧ ଅନୁମତି ମିଳିଛି। ବିଚ୍ଛୁପାଲିରୁ ପରବର୍ତ୍ତୀ ଷ୍ଟପେଜ ଝାରତରଭାକୁ ଆସନ୍ତା ଅକ୍ଟୋବରରେ ପରୀକ୍ଷାମୂଳକ ଭାବେ ରେଳ ଚଳାଚଳ କରିବ ବୋଲି ତଥ୍ୟରେ କୁହାଯାଇଛି। ବିଚ୍ଛୁପାଲିରୁ ଝାରତରଭାର ଦୂରତା ମାତ୍ର ୧୦ କିମି। ଏହା ୨୦୨୧ ମସିହାରେ କାର୍ଯ୍ୟକ୍ଷମ ହେବ ବୋଲି ପୂର୍ବରୁ ସ୍ଥିର କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଚ୍ଛୁପାଲି ପର୍ଯ୍ୟନ୍ତ ରେଳ ଚଳାଚଳକୁ ୨୦୧୯ ଜାନୁୟାରୀ ୧୫ ଦିନ ଲୋକାର୍ପଣ କରି ରେଳପଥର ନିର୍ମାଣ କାମ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ହେଲେ ମାତ୍ର ୧୦ କିମି ଦୂରତା ମଧ୍ୟ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହେଲାନାହିଁ। ପ୍ରକଳ୍ପ ସମୁଦାୟ ଖର୍ଚ୍ଚ ଅଟକଳ ୩୭୯୧ କୋଟି ୬୬ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ରେଳପଥରେ ୧୬୭୩ କୋଟି ୯୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସୂଚନା କର୍ମୀ ପଣ୍ଡା କହିଥିଲେ। କଳାହାଣ୍ଡି ଜିଲାର ନର୍ଲାଠାରେ ପ୍ରସ୍ତାବିତ ଲୋକୋ ପିରିଓଡିକାଲ ଓଭରହଲିଙ୍ଗ କାରଖାନା ପାଇଁ ଗତ ବଜେଟରେ ୨ କୋଟି ଟଙ୍କା ଘୋଷଣା କରାଯାଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୩୧ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ପଶ୍ଚିମ ଓଡ଼ିଶା ପ୍ରତି ରେଳ ବିଭାଗର ଚରମ ଉଦାସୀନତା ବଳବତ୍ତର ରହିଛି ବୋଲି ପଣ୍ଡା କହିଛନ୍ତି।

# କେଉଁଠି ସଫଳ, କେଉଁଠି ପ୍ରଭାବଶୂନ୍ୟ


ସମ୍ବଲପୁର ଗଙ୍ଗାଧର ମେହେର ଛକରେ ବନ୍ଦ ପ୍ରଭାବଶୂନ୍ୟ।

**ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବି**

**ସମ୍ବଲପୁର, ୭।୯(ବ୍ୟୁରୋ)**

ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ଦାବିରେ କୋସଳ ସେନା ଓ କୋଶଳ ରାଏଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବୁଧବାର ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ସୁବର୍ଣ୍ଣପୁର, ବଲାଙ୍ଗୀର,ବରଗଡ଼ ଜିଲାରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିବାବେଳେ କଳାହାଣ୍ଡି ଓ ନୂଆପଡ଼ା ଜିଲାରେ ଆଂଶିକ ପ୍ରଭାବ ରହିଥିଲା। ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବୌଦ୍ଧ ଜିଲାରେ ବନ୍ଦ ପ୍ରଭାବଶୂନ୍ୟ ରହିଥିଲା।

ସମ୍ବଲପୁରରେ ବନ୍ଦ ଡାକରାକୁ ବିରୋଧ କରୁଥିବା ୭୦ ଅନୁଷ୍ଠାନର ସଦସ୍ୟ ପୂର୍ବାହ୍ନରେ ବିଭିନ୍ନ ସ୍ଥାନକୁ ଯାଇ ପିକେଟିଂ କରିଥିଲେ। ସେମାନେ ରେଲେୱେ ଷ୍ଟେଶନରେ ପହଞ୍ଚି ଟ୍ରେନ୍ ଚଳାଚଳରେ ସହଯୋଗ କରିଥିଲେ। କୋର୍ଟ କଚେରି, ସରକାରୀ ଅଫିସ, ସ୍କୁଲ କଲେଜ ଅନ୍ୟ ଦିନ ଭଳି ଖୋଲା ରହିଥିଲା। ସୁନ୍ଦରଗଡ଼ ଜିଲାରେ ଦୋକାନ ବଜାର, ସରକାରୀ ଅଫିସ ଖୋଲା ରହିଥିଲା। ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ସୁନ୍ଦରଗଡ଼ର ପତ୍ରାପାଲି ଛକଠାରେ ୨ଘଣ୍ଟା ଧରି ରାସ୍ତା ଅବରୋଧ କରାଯାଇଥିଲା। ଝାରସୁଗୁଡ଼ା ଜିଲାରେ ଦୋକାନବଜାର, ଅଫିସ ଖୋଲା ରହିଥିବାବେଳେ ବନ୍ଦର ପ୍ରଭାବ ଦେଖିବାକୁ ମିଳି ନ ଥିଲା। ଅନୁରୂପ ଭାବେ ଦେବଗଡ଼ରେ ମଧ୍ୟ ପରିସ୍ଥିତି ସ୍ୱାଭାବିକ ରହିଥିଲା। ବରଗଡ଼, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରେ ବନ୍ଦକୁ ସମର୍ଥନ ମିଳିଥିଲା। ଦୋକାନ ବଜାର, ସରକାରୀ, ବେସରକାରୀ ଅଫିସ, ସ୍କୁଲ କଲେଜ ବନ୍ଦ ରହିଥିଲା। ସକାଳ ୬ଟାରୁ ଆନ୍ଦୋଳନକାରୀ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ।

# ପ୍ରଥମ ପର୍ଯ୍ୟାୟରେ ୧,୭୨,୮୮୫ ମନୋନୀତ

**ଯୁକ୍ତ୩ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ**

- ୧୧ ପର୍ଯ୍ୟନ୍ତ ନାମଲେଖା
- ୧୬ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ଚଳିତ ବର୍ଷ ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ୩ ନାମଲେଖା ପାଇଁ ବୁଧବାର ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା ମେଧା ତାଲିକା ପ୍ରକାଶ ପାଇଛି। ମୋଟ ୨,୫୧,୫୮୫ ସିଟ୍ ଲାଗି ୨,୫୫,୮୬୬ଜଣ ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧,୭୨,୮୮୫ଜଣ ମନୋନୀତ ହୋଇଛନ୍ତି। ୯୯,୦୧୧ଜଣ ଛାତ୍ରୀ, ୭୩,୮୫୦ଜଣ ଛାତ୍ର ଏବଂ ୨୪ଜଣ କିନ୍ନର ରହିଛନ୍ତି। କଳାରେ ୧,୭୧,୦୭୪, ବାଣିଜ୍ୟରେ ୨୪,୪୧୯, ଫିଜିକାଲ ସାଇନ୍ସରେ ୪୪,୪୮୨, ବାୟୋଲୋଜିକାଲ ସାଇନ୍ସରେ ୪୧,୧୧୩, ଶାସ୍ତ୍ରୀରେ ୬,୨୩୪ ଓ ଏସ୍‌ଏଫ୍‌ରେ ୭,୭୭୮ଜଣ ଆବେଦନ କରିଥିଲେ। କଳାରେ ୧,୦୫,୫୬୯ଜଣ ମନୋନୀତ ହୋଇଥିବାବେଳେ ବାଣିଜ୍ୟ ୧୮,୬୭୯, ଫିଜିକାଲ ସାଇନ୍ସ ୨୪,୫୬୧, ବାୟୋଲୋଜିକାଲ ସାଇନ୍ସ ୧୮,୨୬୯, ଶାସ୍ତ୍ରୀ ୪,୬୪୨ ଏବଂ ସେଲ୍ଫ ଫାଇନାନ୍ସରେ ୧,୧୬୫ଜଣ ମନୋନୀତ ହୋଇଛନ୍ତି। ୨୯,୯୯୧ଜଣ ପ୍ରଥମ ଅପ୍ସନରୁ ଚୟନ ହୋଇଥିବାବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରୁ ୧,୫୬,୦୮୭ଜଣ ଛାତ୍ରୀଛାତ୍ର ରହିଛନ୍ତି। ଛାତ୍ରୀଛାତ୍ରମାନେ କଟ୍ ଅଫ୍ ମାର୍କ ସମ୍ପର୍କିତ ସମସ୍ତ ତଥ୍ୟ ସାମ୍ସ ୱେବ୍‌ସାଇଟ୍ samsodisha.gov.inରୁ ପାଇପାରିବେ। ଏଥିସହ ପ୍ରଥମ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ରଙ୍କ ନାମଲେଖା ଆରମ୍ଭ ହୋଇଛି। ଆସନ୍ତା ୧୧ ତାରିଖ ଅପରାହ୍ନ ୫ଟା ଯାଏ ନାମଲେଖା ଚାଲିବ। ୧୬ ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ୧୬ ତାରିଖ ଅପରାହ୍ନ ୨ଟାରୁ ୧୯ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇବେ। ରବିବାର ମଧ୍ୟ ନାମଲେଖା ହେବ। ୨୮ତାରିଖ ଅପରାହ୍ନ ୨ଟାରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ ଓ ଅକ୍ଟୋବର ୧ ଅପରାହ୍ନ ୫ଟା ଭିତରେ ସ୍ପଟ ନାମଲେଖା ହେବ।



**ଆଜିର ମନ୍ତବ୍ୟ**
୨୦୨୪ ସାଧାରଣ ନିର୍ବାଚନରେ କିଏ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ ତାହା ବଡ଼ କଥା ନୁହେଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସବୁ ବିରୋଧୀ ଦଳ ପ୍ରଥମେ ଏକାଠି ହେବା। **-ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଜିଉସ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକାଙ୍କୁ ସୁନ୍ଦର ବସନ୍ତ ପଞ୍ଚମୀ
ଟୋକିଙ୍କୁ ସୁନ୍ଦର ନେତ,
ବୁଢ଼ୀଙ୍କୁ ସୁନ୍ଦର ରାଇ ଦାମୋଦର
ବୁଢ଼ାଙ୍କୁ ସୁନ୍ଦର ଶୀତ ।**

ବୟସ ଅନୁସାରେ ଲୋକଙ୍କ ରୁଚି ବଦଳିଯାଏ, ତାହାସହ ହାବଭାବରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଥାଏ। ବିଭିନ୍ନ ସ୍ତରର ବ୍ୟକ୍ତିଙ୍କ ଭିନ୍ନ ଭିନ୍ନ ରୁଚି ପ୍ରତି ଆଗ୍ରହ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଟିଣ ଟାଙ୍ଗଣା ଲେମ୍ବୁ ରସ
ଯାଜ୍ଞୁ ନେଇ ବେଗେ ଯାଦୁରେ
ଘଷ।**

ଲେମ୍ବୁର ଅନେକ ଔଷଧୀୟ ଗୁଣ ରହିଥିବାର ଜଣାଯାଇଥାଏ। ଯାଦୁ ସମ ଚର୍ମ ରୋଗ ହୋଇଥିବା ସ୍ଥାନରେ ଲେମ୍ବୁ ରସ ଘଷିଲେ ଯାଦୁ ଅଚିରେ ଭଲ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ:

# ଜଟଣୀରେ ହେବ କ୍ୟାନ୍ସର ହସ୍ପିଟାଲ

- ରାଜ୍ୟ ସରକାର ଓ ଟାଟା ମେମୋରିଆଲ ସେଣ୍ଟର ମଧ୍ୟରେ ଏମ୍ଓୟୁ
- ରହିବ ୨୦୦ ଶଯ୍ୟା, ଖର୍ଚ୍ଚ ହେବ ୬୫୦ କୋଟି

**ଭୁବନେଶ୍ୱର, ୭।୯(ବ୍ୟୁରୋ)**

ଜଟଣୀସ୍ଥିତ ନାଇଜର ପରିସରରେ ଏକ କ୍ୟାନ୍ସର ହସ୍ପିଟାଲ ସ୍ଥାପନ କରାଯିବ। ୨୦୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ପାଇଁ ରାଜ୍ୟ ସରକାର ଓ ଟାଟା କ୍ୟାନ୍ସର ମେମୋରିଆଲ ସେଣ୍ଟର ମଧ୍ୟରେ ବୁଧବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି ଏବଂ ମୁମ୍ବାଇ ଟାଟା ମେମୋରିଆଲ ସେଣ୍ଟର ପକ୍ଷରୁ ଡା. ରାଜେନ୍ଦ୍ର ବାଡ଼ୱେ ଚୁକ୍ତି ସ୍ୱାକ୍ଷରିତ କରିଥିଲେ। ଏହି କ୍ୟାନ୍ସର ହସ୍ପିଟାଲ ପାଇଁ ମୋଟ ୬୫୦ କୋଟି ଟଙ୍କା ବ୍ୟୟ ହେବ। ଏହା ମଧ୍ୟରୁ ୪୦୦କୋଟି ଟଙ୍କା କେନ୍ଦ୍ର ସରକାରଙ୍କ ଆଣବିକ ଶକ୍ତି ମନ୍ତ୍ରଣାଳୟ ଏବଂ ୨୫୦ କୋଟି ଟଙ୍କା ଟାଟା ଟ୍ରଷ୍ଟ ଯୋଗାଇଦେବ। ରାଜ୍ୟ ସରକାର ହସ୍ପିଟାଲ ପାଇଁ ଜମି ଓ ଅନ୍ୟାନ୍ୟ ଭିତ୍ତିଭୂମି ଯୋଗାଇଦେବେ। ଏଥିସହିତ ରାଜ୍ୟ ସରକାର ରେଡିଓ ଆଇସୋଟୋପ୍ସ ନିମନ୍ତେ ଏକ ସାଇକ୍ଲୋଟ୍ରୋନ୍ ମେଶିନ ଯୋଗାଇଦେବେ। ପ୍ରଥମ ପର୍ଯ୍ୟାୟରେ ଏହି ହସ୍ପିଟାଲ ନିର୍ମାଣ ପାଇଁ ନାଇଜର ୧୭ ଏକର ଜମି ଦେବ। ପରେ ଏହାର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ଆଉ ୪୦ ଏକର ଜମି ଯୋଗାଇଦେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି କ୍ୟାନ୍ସର ହସ୍ପିଟାଲ କେବଳ ଓଡ଼ିଶାବାସୀ ନୁହନ୍ତି, ରାଜ୍ୟ ବାହାରର ରୋଗୀଙ୍କ ଚିକିତ୍ସା ଆବଶ୍ୟକତାକୁ ମଧ୍ୟ ମେଣ୍ଟାଇବ। ଏହି ହସ୍ପିଟାଲ ସ୍ଥାପନକୁ ସାକାର କରିଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାର, ଟାଟା ଟ୍ରଷ୍ଟ ଓ ନାଇଜରକୁ କୃତଜ୍ଞତା ଜଣାଇଛନ୍ତି। ଏହି ପ୍ରକଳ୍ପ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଘରୋଇ କ୍ଷେତ୍ର ମଧ୍ୟରେ ସମନ୍ୱୟର ଏକ ଉଦାହରଣ ପାଲଟିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ନାଇଜର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ଉପସ୍ଥିତ ଥିଲେ। ଏହି ହସ୍ପିଟାଲରେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ ହେବ। ହସ୍ପିଟାଲ ପରିସରରେ ରାଜ୍ୟ ସରକାର ଏକ ଆହାର କେନ୍ଦ୍ର ମଧ୍ୟ ଖୋଲିବେ। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରତିବର୍ଷ ପାଖାପାଖି ୪୦ହଜାର ନୂଆ କର୍କଟ ରୋଗୀ ଚିହ୍ନଟ ହେଉଥିବାବେଳେ ୧୮ହଜାର କର୍କଟ ରୋଗୀଙ୍କ ମୃତ୍ୟୁ ହେଉଛି।

# classifieds

**Everyday 0674-2580101, 2549302**



**SALE**

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ 'Grand Bazar' (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8249310759. D-74108

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111



Ground Floor 2BHK House at Ratnakarbag, BBSR. 8917379636. D-73963



Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

New open full body massage ladies & gents available. 8093726714. D-73638



**Save on Electricity bills. Forget power interruptions. Install Nexus Brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090. 9777065888.** D-73640

**AFFIDAVIT**

By virtue of an affidavit on 12.01.2021 before the Executive Magistrate, Bhubaneswar I have changed my name from Kabita Sahu to Kabita Dhar for all purposes. D-1457

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**LEGAL NOTICE**

In the Court of Sr. Civil Judge, Bhubaneswar

C.S. No. 1923/2019
Smt. Mamini Panda ... Plaintiff
- Vrs
Shri Dhee Pattanaik ... Defendant

NOTICE U/o.5 RULE-20 OF C.P.C.

To,
Sri Dhee Pattanaik, aged about 42 years, S/o. Sri Umesh Charan Pattanaik Resident of Plot No. CL-36, Vir Surendra Sai Nagar, P.S. Mancheswar, Bhubaneswar, Dist. Khordha ... Defendant

Whereas you are avoiding the process of the Court to receive the Summons and whereas the plaintiff has instituted the above noted suit for declaration of right, title and interest over the suit land i.e. Mouza Bijipur, P.S. Khandagiri (Now-Tamando), Khata No. 135, Plot No. 677/893, An area Ac.0.460decs, corresponding to Mutation Correction Khata No. 238/335, Plot No. 677/893/1220, an area Ac.0.118decs, further corresponding to Mutation and Conversion Khata No. 238/1411, Plot No. 677/893/1220/3047 measuring an area Ac.0.045decs.

You are hereby summoned to appear in this court in person, or by a duly instructed, and able to answer all material questions relating to suit, or, or who shall be accompanied by some person able to answer all questions, on the 17th day of October, 2022 at 10.30 am O'clock in the noon to answer the claim and further you are hereby directed to file on that day a written statement of your defence and to produce on the said day all documents in your possession or power upon which you base your defence.

Take notice that, in default of your appearance on the day before mentioned, the suit shall be heard and determined in your absence.

Given under my hand and the seal of the Court this 30th day of August, 2022
Sd./- Civil Judge, Senior Division, Bhubaneswar.
D-1460

# ଦାରା ସିଂଙ୍କ ଜାମିନ ଆବେଦନ ଖାରଜ

କଟକ ଅଫିସ,୭।୯: ଫାଦର ଅରୁଲ ଦୋସ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ସଶ୍ରମ ଜେଲଦଣ୍ଡ ଭୋଗୁଥିବା ମୁଖ୍ୟ ଅଭିଯୁକ୍ତ ଦାରା ସିଂ ଓରଫ ରବୀନ୍ଦ୍ର କୁମାର ପାଲ୍‌ଙ୍କ ଜାମିନ୍ ଆବେଦନକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ଦାରା ଓ ତାଙ୍କ ୩ ସହଯୋଗୀଙ୍କ ପ୍ରତି ତଳ କୋର୍ଟ ଦେଇଥିବା ଆଜୀବନ ସଶ୍ରମ କାରାଦଣ୍ଡାଦେଶ ରାୟକୁ କାଏମ ରଖିଛନ୍ତି। ଏଥିସହ ଜାମିନରେ ମୁକୁଳିଥିବା ଦାରାଙ୍କ ୩ ସହଯୋଗୀ ରାଜକିଶୋର ମହନ୍ତ, ଯଦୁନାଥ ମହନ୍ତ ଓ ଚେମା ହୋ ଆସନ୍ତା ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା ତଳକୋର୍ଟରେ ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆତ୍ମ ସମର୍ପଣ ନକଲେ ସ୍ଥାନୀୟ ଥାନାର ଆଇଆଇସି ସେମାନଙ୍କୁ ଗିରଫ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଦାରା ସିଂଙ୍କ ପକ୍ଷରୁ ଆଇନଜୀବୀ ଚିତ୍ତରଞ୍ଜନ ସାହୁ, ଅନ୍ୟ ୩ ଦୋଷୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଣ୍ଡା ଏବଂ ସରକାରଙ୍କ ପକ୍ଷରୁ ଆଇନଜୀବୀ ଜନ୍ମେଜୟ କଟିକିଆ ମାମଲା ପରିଚାଳନା କରୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ, ୧୯୯୯ ସେପ୍ଟେମ୍ବର ୧ ତାରିଖ ରାତି ପ୍ରାୟ ୨ଟା ସମୟରେ ମୟୂରଭଞ୍ଜ ଜିଲା ମହୁଲଡିହା ଥାନା ଅନ୍ତର୍ଗତ ଜାମବଣି ଚର୍ଚ୍ଚ ସମ୍ମୁଖରେ କେତେକ ଖ୍ରୀଷ୍ଟିନ ଲୋକ ନୃତ୍ୟ କରୁଥିବାବେଳେ ଦାରା ସିଂଙ୍କ ସମେତ କେତେକ ବ୍ୟକ୍ତି ଧନୁ, ତୀର, ଲାଠି ଧରି ସଶସ୍ତ୍ର ବଳପୂର୍ବକ ଚର୍ଚ୍ଚ ଭିତରକୁ ପଶିଥିଲେ। ସେମାନେ ଚର୍ଚ୍ଚ ମଧ୍ୟରେ ଫାଦର ଅରୁଲ ଦୋସଙ୍କୁ ତୀର ମାରି ହତ୍ୟା କରିବା ପରେ ଚର୍ଚ୍ଚକୁ ଜାଳି ଦେଇଥିଲେ। ଏନେଇ ମହୁଲଡିହା ଥାନାରେ କେସ୍ ନଂ ୩୪/୧୯୯୯ ରୁଜୁ ହେବା ସହ ୨୧ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ଜିଲା ଦୌରାଜଜ୍ କୋର୍ଟରେ ମାମଲାର ବିଚାର ହୋଇ ୨୦୦୭ ସେପ୍ଟେମ୍ବର ୨୨ ତାରିଖରେ ରାୟ ପ୍ରକାଶ ପାଇଥିଲା। ଏଥିରେ କୋର୍ଟ ଦାରା ସିଂଙ୍କ ସମେତ ରାଜକିଶୋର ମହନ୍ତ, ଯଦୁନାଥ ମହନ୍ତ ଓ ଚେମା ହୋଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଅନ୍ୟ ୧୭ଜଣଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ପରବର୍ତ୍ତୀ ସମୟରେ ଦାରାଙ୍କ ୩ ସହଯୋଗୀ ହାଇକୋର୍ଟରେ ଜାମିନ ଆବେଦନ କରି ମୁକୁଳିଥିଲେ। ପରେ ଦାରା ଜାମିନ ଆବେଦନ କରିଥିଲେ ମଧ୍ୟ ତାହା ଖାରଜ ହୋଇଯାଇଛି। ଏଥିସହ ୪ ଅଭିଯୁକ୍ତଙ୍କ ବିରୋଧରେ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ କାଏମ ରଖିବାକୁ ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

# ବିଧାୟକଙ୍କ ସ୍ୱାସ୍ଥ୍ୟବୀମା ୫ରୁ ୧୦ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର, ୭।୯(ବ୍ୟୁରୋ)- ସ୍ୱାସ୍ଥ୍ୟବୀମା ଓ ଦରମା ବୃଦ୍ଧିକୁ ନେଇ ବିଭିନ୍ନ ସମୟରେ ଦଳଗତ ନିର୍ବିଶେଷରେ ବିଧାୟିକା ଓ ବିଧାୟକମାନେ ବିଧାନସଭାରେ ବାରମ୍ବାର ଦାବିକରି ଆସୁଥିଲେ। ଏହି ୨ ଦାବିରୁ ରାଜ୍ୟ ସରକାର ଗୋଟିଏକୁ ପୂରଣ କରିଛନ୍ତି। ଏ ଅବସରରେ ଓଡ଼ିଶା ବିଧାନସଭାର ବର୍ତ୍ତମାନ ଏବଂ ପୂର୍ବତନ ସଦସ୍ୟା ସଦସ୍ୟମାନଙ୍କ ସ୍ୱାସ୍ଥ୍ୟବୀମା ରାଶି ବୃଦ୍ଧି କରାଯାଇଛି। ଏହି ରାଶି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ ବୁଧବାର ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବିଧାନସଭାର ସଦସ୍ୟା ଓ ସଦସ୍ୟମାନଙ୍କ ମଧ୍ୟରୁ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ବାଦ୍ ଦେଇ ମୋଟ ୧୨୪ ବିଧାୟକ/ବିଧାୟିକା ଏବଂ ତାଙ୍କର ୮୮ ଜଣ ସ୍ତ୍ରୀ କିମ୍ବା ସ୍ୱାମୀଙ୍କୁ ମିଶାଇ ମୋଟ୍ ୨୧୨ ଜଣଙ୍କୁ ଏହି ବର୍ଦ୍ଧିତ ସ୍ୱାସ୍ଥ୍ୟବୀମାର ସୁବିଧା ମିଳିବ । ଏଥିସହ ଓଡ଼ିଶା ବିଧାନସଭାର ୩୧୭ ଜଣ ପୂର୍ବତନ ବିଧାୟିକା/ବିଧାୟକ ଏବଂ ସେମାନଙ୍କର ୨୪୫ ଜଣ ପତି/ପତ୍ନୀ, ଏହିପରି ମୋଟ୍ ୫୬୨ ଜଣ ମଧ୍ୟ ଏହି ବର୍ଦ୍ଧିତ ସ୍ୱାସ୍ଥ୍ୟବୀମାର ସୁବିଧା ପାଇବେ।

## ପ୍ରଥମ ପୃଷ୍ଠାରୁ...

### ବନ୍ୟାରେ ୧୪,୨୩୫ ...

୪୨୫୪.୭୦ ଲକ୍ଷ, ଗୃହ ଓ ନଗର ଉନ୍ନୟନ ବିଭାଗ ୬୦୭.୭୨ ଲକ୍ଷ ଓ ଶକ୍ତି ବିଭାଗ ୫୦୩.୩୮ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଜଣାଇଛନ୍ତି। ବିପର୍ଯ୍ୟୟ ସହାୟତା ପାଣ୍ଠିର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ସାଧାରଣ ସମ୍ପତ୍ତି କ୍ଷୟକ୍ଷତିର ତୁରନ୍ତ ପୁନରୁଦ୍ଧାର ପାଇଁ ଜଳସମ୍ପଦ ବିଭାଗକୁ ୪୩୫୩.୯୨ ଲକ୍ଷ, ପୂର୍ତ୍ତ ବିଭାଗକୁ ୧୩୬୭.୨୫ ଲକ୍ଷ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୨୪୧୪.୩୭ ଲକ୍ଷ, ଗୃହ ଓ ନଗର ଉନ୍ନୟନ ବିଭାଗକୁ ୮୨.୪୬ ଲକ୍ଷ ଓ ଶକ୍ତି ବିଭାଗକୁ ୪୯୭.୫୧ ଲକ୍ଷ ଟଙ୍କା ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ମଞ୍ଜୁର କରାଯାଇଛି। ସର୍ବମୋଟ୍ ୮୭୧୫.୫୧ ଲକ୍ଷ ଟଙ୍କା ଉକ୍ତ ବିଭାଗଗୁଡ଼ିକୁ ସାଧାରଣ ସମ୍ପତ୍ତିର ତୁରନ୍ତ ମରାମତି ଓ ପୁନରୁଦ୍ଧାର ଲାଗି ମଞ୍ଜୁର କରାଯାଇଛି।

### ରାଜ୍ୟରେ ହେବ ଖୋ ଖୋ ...

ସୁଇମିଂ, ଆଥ୍‌ଲେଟିକ୍ସ, ଭାରୋତ୍ତୋଳନ, ହକି, ଶୁଟିଂ, ବ୍ୟାଡ୍‌ମିଣ୍ଟନ ଓ ଫୁଟ୍‌ବଲ ଆଦିର ଏଚ୍‌ପିସି ଥିବାବେଳେ ଏଥିରେ ଯୋଡ଼ିହେବାକୁ ଯାଉଛି ଖୋ ଖୋ।

"ପାରମ୍ପରିକ କ୍ରୀଡ଼ା ଖୋ ଖୋ ଗ୍ରାମାଞ୍ଚଳରେ ସୀମିତ ରହିବା ସତ୍ତ୍ୱେ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଚାମ୍ପିୟନ ହୋଇ ତୁମେ ଇତିହାସ ରଚିଛ। ଆଗାମୀ ଦିନରେ ଏହା ସ୍ମରଣୀୟ ହେବା ସହ ଆଲୋଚନାର ବିଷୟ ରହିବ। ଏହାକୁ ପେସାଦାର କ୍ରୀଡ଼ା ଭାବେ ଆପଣାଇବାକୁ ଯୁବପିଢ଼ି ଆଗ୍ରହ ପ୍ରକାଶ କରିବେ। ଲୋକମାନେ ଏବେ ଅଲ୍‌ଟିମେଟ ଖୋ ଖୋ ଏବଂ ଓଡ଼ିଶା ଜଗରନଟ୍ସ ସମ୍ପର୍କରେ ଆଲୋଚନା କରୁଛନ୍ତି। ଓଡ଼ିଶା ଦଳ ପାଇଁ ଆମେ ଗର୍ବ ଅନୁଭବ କରୁଛୁ। ଆଗାମୀ ଦିନରେ ଆହୁରି ସଫଳତା ପାଇଁ ମୁଁ ଶୁଭକାମନା ଜଣାଉଛି" ବୋଲି ଚାମ୍ପିୟନ ଦଳ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ଅଲ୍‌ଟିମେଟ ଖୋ ଖୋ ସିଇଓ ତେନଜିଂ ନିୟୋଗି ମୁଖ୍ୟମନ୍ତ୍ରୀଙ୍କୁ ଦଳର ଏକ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଗତ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ଓଡ଼ିଶା ଜଗରନଟ୍ସ ଦଳ ଅପୂର୍ବ ଉତ୍ସାହର ସହ ଖେଳି ଅଧିକାଂଶ ସମୟ ଟେବୁଲ ଟପ୍ପର ରହିଥିଲା। ଫାଇନାଲର ଅନ୍ତିମ ସେକେଣ୍ଡରେ ତେଲ୍‌ଗୁ ଯୋଦ୍ଧାସ୍‌କୁ ଚକ୍‌ମା ଦେଇ ବିଜୟ ମୁକୁଟ ପିନ୍ଧିଥିଲା। ଓଡ଼ିଶାର ଅଗଣିତ ପ୍ରଶଂସକଙ୍କ ସ୍ୱପ୍ନକୁ ସେମାନେ ସାକାର କରିଥିଲେ। ଅନ୍ୟପକ୍ଷରେ ଖୋ ଖୋ ଖେଳ ପ୍ରତି ଓଡ଼ିଶା ସରକାରଙ୍କ ଆଭିମୁଖ୍ୟ ଏବଂ ଆଗ୍ରହକୁ ଭାରତୀୟ ଖୋ ଖୋ ଫେଡେରେଶନ ସଭାପତି ସୁଧାଂଶୁ ମିତ୍ତଲ ପ୍ରଶଂସା କରିଥିଲେ। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଖୋ ଖୋକୁ ଏପରି ସମର୍ଥନ ଜଣାଇବା ଆବଶ୍ୟକ ବୋଲି ସେ କହିଥିଲେ। ଓଡ଼ିଶା ଦଳର ସଫଳତାରେ ଖୁସି ଜାହିର କରିଥିଲେ ଅଲ୍‌ଟିମେଟ ଖୋ ଖୋ ଲିଗ୍ ସିଇଓ ଓ କମିଶନର ତେନଜିଂ ନିୟୋଗି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଏବଂ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୧୧୦ ସ୍ଥାନରେ ଆଇଟି ...

ନିରପେକ୍ଷ ଓ ସ୍ୱାଧୀନ ଅନୁଷ୍ଠାନ ଭାବେ ଅଭିହିତ କରି କୌଣସି ଜାଲିଆତିରେ ସମ୍ପୃକ୍ତି ଥିବା ବିଷୟକୁ ଖଣ୍ଡନ କରିଛି। ଶିକ୍ଷାବିତ୍ ପ୍ରତାପଭାନୁ ମେହେଟ୍ଟା ଏହାର ପୂର୍ବତନ ଅଧ୍ୟକ୍ଷ ଥିବାବେଳେ ବର୍ତ୍ତମାନ ୟାମିନୀ ଆୟର ସଂସ୍ଥାର ଅଧ୍ୟକ୍ଷା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ପଦରେ ଅଛନ୍ତି। ଇତିମଧ୍ୟରେ ଅକ୍ସଫାମ୍ ଅଫିସ ଉପରେ ମଧ୍ୟ ଚଢ଼ାଉ କରାଯାଇଛି। ଅକ୍ସଫାମ୍ ଇଣ୍ଡିଆ ହେଉଛି ଏକ ଅଣଲାଭକାରୀ ସଂସ୍ଥା, ଯାହାକି ଇଣ୍ଡିଆନ୍ କମ୍ପାନିଜ୍ ଆକ୍ଟ, ୨୦୧୩ ବଳରେ ପ୍ରତିଷ୍ଠିତ। ୧୯୫୧ରେ ଗଠନ କରାଯାଇଥିବା ଅକ୍ସଫାମ୍ ଇଣ୍ଡିଆ ନଲେଜ ବିଲ୍ଡିଂ, ପବ୍ଲିକ୍ କ୍ୟାମ୍ପେନିଂ ଓ ବିପର୍ଯ୍ୟୟ ପରିଚାଳନା ଭଳି କାର୍ଯ୍ୟରେ ନିୟୋଜିତ ଥିବା ନିଜ ୱେବ୍‌ସାଇଟ୍‌ରେ ଦର୍ଶାଇଛି। ସେପଟେ ବେଙ୍ଗାଲୁରୁସ୍ଥିତ ଇଣ୍ଡିପେଣ୍ଡେଣ୍ଟ ଆଣ୍ଡ ପବ୍ଲିକ୍ ସ୍ପିରିଟେଡ୍ ମିଡିଆ ଫାଉଣ୍ଡେଶନ ଅଫିସ ବିରୋଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ଏହି କାର୍ଯ୍ୟାନୁଷ୍ଠାନ ନେଇ ଆୟକର ବିଭାଗ ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇ ନାହିଁ।

### ୪୭% ଆଣ୍ଟିବାୟୋଟିକ୍‌କୁ ...

ତଦାରଖ କରିବା ପାଇଁ କୌଣସି ବିଧିବଦ୍ଧ ବ୍ୟବସ୍ଥା ନାହିଁ। ଘରୋଇ ସେକ୍ଟରରେ ୮୫ରୁ ୯୦% ଆଣ୍ଟିବାୟୋଟିକ୍ ବ୍ୟବହାର କରାଯାଉଛି। ଔଷଧ ସେବନକୁ ଏହାର ମୂଲ୍ୟ, ସଂଖ୍ୟା ଓ ଡାକ୍ତରଙ୍କ ଦ୍ୱାରା ନିର୍ଦ୍ଧାରିତ ପରିମାଣ ଆଧାରରେ ହିସାବ କରାଯାଇଥାଏ। ଏହା ବିଭିନ୍ନ ଦେଶ ଓ ଅଞ୍ଚଳରେ ଭିନ୍ନ ଭିନ୍ନ ରହିଥାଏ। ଅନ୍ତର୍ଜାତୀୟ ସ୍ତରରେ ଏହାର ଆକଳନ ପାଇଁ ଡିଫାଇଣ୍ଡ ଡେଲି ଡୋଜ୍ (ଡିଡିଡି) ପ୍ରସ୍ତୁତ କରାଯାଇଛି। ବୟସ୍କମାନେ ଏକ ନିର୍ଦ୍ଦିଷ୍ଟ ଔଷଧକୁ ଦୈନିକ ହାରାହାରି କେତେ ମାତ୍ରାରେ ସେବନ କରନ୍ତି ତାହା ଏହି ମାପକାଠିରୁ ସ୍ପଷ୍ଟ ହୋଇଥାଏ। ରିପୋର୍ଟ ଅନୁଯାୟୀ, ୨୦୧୯ରେ ଏହା ୫,୦୭୧ ନିୟୁତ (୧୦.୪ ଡିଡିଡି/୧୦୦୦/ଦୈନିକ)ଥିଲା। ମଞ୍ଜୁରୀ ମିଳି ନ ଥିବା ଏବଂ ବହୁମାତ୍ରାରେ ବ୍ୟବହାର ହୋଇଥିବା ଆଣ୍ଟିବାୟୋଟିକ୍ ମଧ୍ୟରେ ସେଫାଲୋସ୍ପୋରିନ୍ସ, ମାକ୍ରୋଲାଇଡ୍‌ସ, ପେନିସିଲିନ୍ ତାଲିକାର ଶୀର୍ଷରେ ରହିଛି। ଲୋକେ ମନଇଚ୍ଛା ତଥା ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଖାଉଛନ୍ତି। ଏହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସମସ୍ୟା ସୃଷ୍ଟି କରୁଛି। ତେଣୁ ମଞ୍ଜୁରୀପ୍ରାପ୍ତ ଔଷଧର ବିକ୍ରି ଓ ବ୍ୟବହାରକୁ ଗୁରୁତ୍ୱ ଦିଆଯିବା ସହ ସ୍ୱତନ୍ତ୍ର ଗାଇଡ୍‌ଲାଇନର ଆବଶ୍ୟକତା ରହିଥିବା ରିପୋର୍ଟରେ କୁହାଯାଇଛି।

### ବାପାଙ୍କୁ ଗୁଳି କରି ...

ଲୁଚାଇ ରଖିଥିବା ଏକ ଦେଶୀ ବନ୍ଧୁକ ଆଣି ଅତି ନିର୍ଦ୍ଦୟ ଭାବେ ବାପାଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ସେହିଠାରେ ହିଁ ଟଳି ପଡ଼ିଥିଲେ ଟିଲୁ। ଗୁଳି ଶବ୍ଦ ଶୁଣି ଗ୍ରାମବାସୀ ଦୌଡ଼ି ଆସିଥିଲେ ହେଁ କୈଳାସ ବନ୍ଧୁକ ଦେଖାଇ ସମସ୍ତଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ଭୟରେ ଗ୍ରାମବାସୀ ସେଠାରୁ ପଳାଇ ଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାପା ମରି ପଡ଼ିଥିବା ବେଳେ କୈଳାସ ତାଙ୍କ ସ୍ତ୍ରୀଙ୍କୁ ସାଙ୍ଗରେ ଧରି ସେଠାରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଉଦଳା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ବଡ଼ସାହି ଜଙ୍ଗଲରେ ଚଢ଼ାଉ କରି ସେଠାରେ ଲୁଚି ରହିଥିବା ହତ୍ୟାକାରୀ କୈଳାସଙ୍କୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକ ଜବତ ହୋଇଛି। ଏନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୨୭୫/୨୨) ରୁଜୁ ହୋଇଛି। ଶିମଳିପାଳ ପାଦଦେଶରେ ରହୁଥିବା ଏହି ପରିବାର ଶିକାର ପାଇଁ ଘରେ ଦେଶୀ ବନ୍ଧୁକ ରଖିଥିବା ତଦନ୍ତ ବେଳେ ଜଣାପଡ଼ିଥିବା ପୋଲିସ କହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଏକାଦଶସ୍ଥ ଚନ୍ଦ୍ର ହେତୁ ଯାହା ଖୋଜୁଛନ୍ତି ତାହା ପାଇବେ ଏବଂ ଅଭିଳାଷ ନିଶ୍ଚିତ ପୂରଣ ହୋଇଯିବ। ଅଫିସରେ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ନୂତନ ଯୋଜନା ସକାଶେ ମନ ବଳାଇବେ। ପଡ଼ୋଶୀ କିମ୍ବା ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ ଏହି ଚିନ୍ତାରେ ପାଖ ମାଡ଼ିବେ ନାହିଁ।

**ବୃଷ** – ମଙ୍ଗଳ ରାଶିରେ ଅବସ୍ଥାନ କରୁଥିବାରୁ ଆଶା ପୂରଣ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ୍ୟ ହେବେ । କର୍ମକ୍ଷେତ୍ରରେ ଶୃଙ୍ଖଳା ରକ୍ଷା କରିବେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ପ୍ରଶଂସିତ ହେବେ ।

**ମିଥୁନ** – ଆଜି ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ । ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି, ଯାହାକି କଳହର କାରଣ ହୋଇପାରେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରି ଉଚିତ ପଦକ୍ଷେପ ନିଅନ୍ତୁ। ପାଖରେ ପାଇପାରୁ ନ ଥିବା ଫାଇଲ୍‌ପତ୍ର କିମ୍ବା କୌଣସି ଜିନିଷ ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** – କର୍ମାଧିପ ଲାଭ ଭାବରେ ଥିବାରୁ ସବୁ କାମ ସମ୍ପନ୍ନ ହେବାରେ କୌଣସି ଅସୁବିଧା ହେବନାହିଁ। ନୂତନ କର୍ମାରମ୍ଭ ପ୍ରୀତିପଦ ହେବ। ନ୍ୟାୟୋଚିତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ତଥା ବନ୍ଧୁମାନଙ୍କ ମଧ୍ୟରେ ପ୍ରଶଂସିତ ହେବେ। ନିର୍ମାଣ, ବାଣିଜ୍ୟ ତଥା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ସିଂହ** – ରବି ଓ ବୁଧଙ୍କ ସ୍ଥିତିଜନିତ ଆଜି ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ମିଳିବ । ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଓ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜଲୋକଙ୍କୁ ଭୁଲ୍ ବୁଝିବେ। ପ୍ରଶାସନିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** – ପ୍ରତ୍ୟେକ କାର୍ଯ୍ୟ ବିବାଦୀୟ ହେବାରୁ ବ୍ୟସ୍ତତା ବୃଦ୍ଧି ପାଇପାରେ । ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡିବେ ନାହିଁ। ଜମିଜମା କିଣାବିକା କିମ୍ବା ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ତୁଳା** – କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗିରହିଥିବା ସମସ୍ୟା ସମାଧାନ ହେବ। ରାହୁଙ୍କ କୁପ୍ରଭାବରୁ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭକରିବେ। ପଡ଼ୋଶୀମାନେ ନିଜ ସ୍ୱାର୍ଥସାଧନ ମାନସରେ ବାକ୍‌ଚାତୁରି କଥା କହି କାର୍ଯ୍ୟ ହାସଲ କରିପାରନ୍ତି।

**ବିଛା** – ଆଜିର ପ୍ରତ୍ୟୁଷ ଯାତ୍ରା ମନକୁ ଆହ୍ଲାଦିତ କରିବ କିନ୍ତୁ ଅନ୍ୟମନସ୍କ କାରଣରୁ ଟଙ୍କା ପଇସା ହଜି ଯାଇପାରେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବା ସହିତ ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। କାମହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** – ନିଜର କାର୍ଯ୍ୟକଳାପ ଅନ୍ୟମାନଙ୍କ ପାଇଁ ଗାତ୍ରଦାହର କାରଣ ହୋଇପାରେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ଜରିଆରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ବହୁତ ଟଣାଓଟରା ଲାଗିବ। ପରିବାରର ଇଚ୍ଛା ବିରୋଧରେ କାମ କରି ସମାଲୋଚିତ ହେବେ।

**ମକର** – ସାମାନ୍ୟ ଅସୁସ୍ଥତାରୁ ମନଟା ଭଲ ଲାଗିବ ନାହିଁ, ଯାହାକି କାମକୁ ନିରୁତ୍ସାହିତ କରିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। କର୍ମକ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିବେ ଏବଂ ପାରିବାରିକ ସ୍ଥିତି ପୂର୍ବପରି ରହିବ।

**କୁମ୍ଭ** – ପାରିବାରିକ ଶୃଙ୍ଖଳା ରକ୍ଷାକରିବାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ** – ପ୍ରତ୍ୟେକ କାର୍ଯ୍ୟାରମ୍ଭରେ ସାମାନ୍ୟ ଅସୁବିଧା ଦେଖା ଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡିପାରେ। ଅଫିସ କାମରେ କିମ୍ବା ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବ ନାହିଁ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ।

# ନଦୀରୁ ଅର୍ଦ୍ଧପ୍ରସବ ମହିଳାଙ୍କ ମୃତଦେହ ଜବତ

**ଠାକୁରମୁଣ୍ଡା, ୭।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଞ୍ଚଳରେ ପ୍ରବାହିତ ଖାଇରୀ ଭଣ୍ଡନ ନଦୀରୁ ବୁଧବାର ଅର୍ଦ୍ଧପ୍ରସବ ଅବସ୍ଥାରେ ଭାସୁଥିବା ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ହେଲେ ଯଶିପୁର ଥାନା ଅଧୀନ କୁଦରବିସିଦା ଗ୍ରାମର ପରମାନନ୍ଦ ବେହେରାଙ୍କ ସ୍ତ୍ରୀ ଅର୍ଚ୍ଚନା।

କୁଦରବିସଦା ଗ୍ରାମ ଦେଇ ବୋହିଯାଉଥିବା ଭଣ୍ଡନ ନଦୀର ଆରପଟ ପଣାସି ଗ୍ରାମରେ ମୃତ ଅର୍ଚ୍ଚନାଙ୍କ ମାମୁ ଘର। ଗତ ରବିବାର ଆସନ୍ନ ପ୍ରସବ ଅର୍ଚ୍ଚନା ମାମୁ ଘରକୁ ଏକୁଟିଆ ନଦୀ ପାରି ହୋଇ ଯାଉଥିବା ବେଳେ ନଦୀ ସ୍ରୋତରେ ଭାସିଯାଇଥିଲେ। ବୁଧବାର ଅର୍ଦ୍ଧପ୍ରସବ ଅବସ୍ଥାରେ ତାଙ୍କ ମୃତଦେହ ଗ୍ରାମ ନିକଟସ୍ଥ ଟିକରପୋଡ଼ାଠାରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ଆସନ୍ନପ୍ରସବା ଅର୍ଚ୍ଚନା କେଉଁ ପରିସ୍ଥିତିରେ ନଦୀ ପାରି ହେଉଥିଲେ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।







# ବ୍ୟବଚ୍ଛେଦ ରିପୋର୍ଟ: ରଶି ଲଗାଇ ଝୁଲିପଡ଼ିବାରୁ ମୃତ୍ୟୁ

### ପୋକ୍ସୋ କୋର୍ଟ ବିଚାରପତିଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

### ମା' ତୁଳସୀଙ୍କ ଅଭିଯୋଗ ଉପରେ ତଦନ୍ତ ଜାରି ରହିବ

**କଟକ ଅଫିସ,୭।୯:** କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀ(୪୯)ଙ୍କ ବ୍ୟବଚ୍ଛେଦ ରିପୋର୍ଟ ବୁଧବାର ମର୍କତନଗର ଥାନା ପୋଲିସର ହସ୍ତଗତ ହୋଇଛି। ସୁବାସ ରଶି ଲଗାଇ ଝୁଲି ପଡ଼ିବାରୁ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହୋଇଛି। ଏହି କାରଣରୁ ବେକ ସମେତ ଶରୀରର ବିଭିନ୍ନ ସ୍ଥାନରେ ଦାଗ ସୃଷ୍ଟି ହୋଇଛି ବୋଲି ରିପୋର୍ଟ ମିଳିଥିବା ପୋଲିସ ସ୍ପଷ୍ଟ କରିଛି। ଫଳରେ ବିଚାରପତିଙ୍କ ମୃତ୍ୟୁ ହତ୍ୟା ନୁହେଁ ବରଂ ଆତ୍ମହତ୍ୟା ବୋଲି ଜଣାପଡ଼ିଛି। ଏପରି କି ତାଙ୍କୁ ମାରିଦେବା ପରେ ସ୍ତ୍ରୀ ଓ ଶଳା ଟାଙ୍ଗି ଦେଇଥିବା ନେଇ ମା' ତୁଳସୀ କରିଥିବା ଅଭିଯୋଗ ମଧ୍ୟ ଏକପ୍ରକାର ଦୁର୍ବଳ ହୋଇଯାଇଛି। ଏହାସତ୍ତ୍ୱେ ପୋଲିସ ବିଚାରପତିଙ୍କ ମା' କରିଥିବା ଅଭିଯୋଗର ବିଭିନ୍ନ ଦିଗକୁ ଗୁରୁତର ସହିତ ଗ୍ରହଣ କରିଛି। ସୁବାସଙ୍କ ସ୍ତ୍ରୀ ଅପରିଜିତା ଏବଂ ଶାଳକ ସର୍ବଜିତ ରାୟ ଉଭୟେ ମିଶି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ମା' ତଳୁସୀ କରିଥିବା ଅଭିଯୋଗ ଉପରେ ତଦନ୍ତ ଜାରି ରହିବ ବୋଲି ମର୍କତନଗର ଥାନା ଆଇଆଇସି ବିଉଟି ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ କଟକ ପୋକ୍ସୋ କୋର୍ଟ ବିଚାରପତି ସୁବାସ ବିହାରୀଙ୍କର ଗତ ୨ ତାରିଖରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ସିଡିଏ ମର୍କତନଗରସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର୍ସରୁ ତାଙ୍କୁ ରଶି ଦେଇ ଝୁଲୁଥିବା ବେଳେ ତାଙ୍କ ସ୍ତ୍ରୀ ଓ କର୍ମଚାରୀ ଉଦ୍ଧାର କରି ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲ ପକ୍ଷରୁ ସୂଚନା ପାଇଁ ପୋଲିସ ଶବ ଜବତ କରି ଏସ୍‌ସିବି ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏଥିସହ ମୃତ୍ୟୁର ଠିକ ପରଦିନ ତାଙ୍କ ମା' ତୁଳସୀ ପୁଅ ସୁବାସଙ୍କ ସ୍ତ୍ରୀ ଓ ଶାଳକ ମିଶି ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି। ଏପରି କି ତାଙ୍କ ପୁଅକୁ ସ୍ତ୍ରୀ ଏବଂ ଶଳା ମିଳିମିଶି ଶାରୀରିକ ଏବଂ ମାନସିକ ଯନ୍ତ୍ରଣା ଦେଇଆସୁଥିଲେ ବୋଲି ତୁଳସୀ ଅଭିଯୋଗ କରି ମର୍କତନଗର ଥାନାରେ ଏତଲା ଦାୟର କରିଥିଲେ। ପୋଲିସ ଉକ୍ତ ଅଭିଯୋଗକୁ ଆଧାର କରି ଆଇପିସି ଦଫା ୩୦୨, ୩୨୩, ୨୯୪ ଏବଂ ୩୪ରେ ଏକ ମାମଲା ରୁଜୁ କରିଥିଲା।

# ହାଇକୋର୍ଟରୁ ଅଭିଯୋଗ ପ୍ରତ୍ୟାହାର କଲେ ବର୍ଷା

### ବର୍ଷା-ଅନୁଭବଙ୍କ ପାରିବାରିକ ମାମଲା

**କଟକ ଅଫିସ,୭।୯:** ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କୁ ଅଧିକ ଜେରା ପାଇଁ ଅଭିନେତ୍ରୀ ତଥା ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ହାଇକୋର୍ଟରେ କରିଥିବା ଆବେଦନକୁ ବୁଧବାର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ହାଇକୋର୍ଟରେ ଏହି ମାମଲାର ଅନ୍ତ ଘଟିଛି। ସୂଚନାଯୋଗ୍ୟ, ଏମ୍‌ପି ଅନୁଭବ ଏବଂ ସ୍ତ୍ରୀ ବର୍ଷାଙ୍କ ମଧ୍ୟରେ ବିବାହ ବିଚ୍ଛେଦକୁ ନେଇ କଟକ ପରିବାର ଅଦାଲତରେ ମାମଲା ଚାଲିଛି। ଏହି ମାମଲାରେ ଅନୁଭବଙ୍କୁ ଅଧିକ ଜେରା କରିବା ପାଇଁ ବର୍ଷା ପରିବାର ଅଦାଲତରେ ଆବେଦନ କରିଥିଲେ। ମାତ୍ର ପରିବାର ଅଦାଲତ ଏହାକୁ ଖାରଜ କରିଦେଇଥିଲେ। ଫଳରେ ବର୍ଷା ସମାନ ଆବେଦନ ନେଇ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଗତ ୩୦ ତାରିଖରେ ଏହି ମାମଲାର ଶୁଣାଣି ଥିବାବେଳେ ଏହାକୁ ସେପ୍ଟେମ୍ବର ୭ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ପ୍ରକାଶ ଯେ, ଗତ ୩୦ତାରିଖରେ ମଧ୍ୟ ବର୍ଷା ମାସକ ମଧ୍ୟରେ ନନ୍ଦିସାହିସ୍ଥିତ ଶ୍ୱଶୁରଘର ଛାଡ଼ିବେ ବୋଲି ଜିଲାଜଜ୍ କୋର୍ଟରେ ଏକ ମେମୋ ପ୍ରଦାନ କରିବା ପରେ ଜିଲାଜଜ୍ କୋର୍ଟରେ ଚାଲିଥିବା ମାମଲା ବନ୍ଦ ହୋଇଥିଲା।

# କଳା, ବିଜ୍ଞାନ, ବାଣିଜ୍ୟରେ ରେଭେନ୍‌ଶା ଆଗରେ

### ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା

- ୬୭,୯୧୯ ଛାତ୍ରୀଛାତ୍ର ମନୋନୀତ
- ୮ ରୁ ୧୦ ନାମଲେଖା

**ଭୁବନେଶ୍ୱର, ୭।୯(ବ୍ୟୁରୋ):** ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ନାମଲେଖା ପାଇଁ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ୬୭,୯୧୯ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। କଳାରେ ୪୩,୭୫୩ଜଣ ଥିବାବେଳେ ବିଜ୍ଞାନରେ ୨୦,୪୫୩ଜଣ, ବାଣିଜ୍ୟରେ ୩,୧୧୪ଜଣ, ସଂସ୍କୃତରେ ୧୮୯ଜଣ ଏବଂ ଧନ୍ଦାମୂଳକ ଶିକ୍ଷାରେ ୪୧୦ଜଣ ଛାତ୍ରୀଛାତ୍ର ରହିଛନ୍ତି। ମନୋନୀତ ପିଲାଙ୍କ ମଧ୍ୟରେ ୩୧,୮୧୯ଜଣ ଛାତ୍ରୀ ଥିବାବେଳେ ୩୬,୦୯୭ଜଣ ଛାତ୍ର ଏବଂ ୩ଜଣ କିନ୍ନର ଅଛନ୍ତି। ତେବେ ଏହି ପର୍ଯ୍ୟାୟରେ କଳା, ବିଜ୍ଞାନ ଓ ବାଣିଜ୍ୟ କଟ୍‌ଅଫ୍ ମାର୍କରେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ ଆଗରେ ରହିଛି।

କଳାରେ ସାଧାରଣ ବର୍ଗଙ୍କ ପାଇଁ ୮୨.୨% ସହ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟରେ ୮୧.୭% ସହ କଟକ ନରସିଂହପୁର ଉଚ୍ଚ ମାଧ୍ୟମିକ ସ୍କୁଲ ଥିବା ବେଳେ ତୃତୀୟରେ ୮୧% ସହ ବାଲେଶ୍ୱର ବାଲିଆପାଳର କୃଷ୍ଣ ଚନ୍ଦ୍ର ପିପିଲି ଉଚ୍ଚ ମାଧ୍ୟମିକ ସ୍କୁଲ ଥିବା ଜଣାପଡ଼ିଛି। ବିଜ୍ଞାନରେ ୯୨.୭% ସହ କଟକ ରେଭେନ୍‌ଶା ଜୁନିୟର କଲେଜ ପ୍ରଥମ ସ୍ଥାନରେ ଥିବାବେଳେ ୯୨.୪% ସହ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱିତୀୟ ଏବଂ ୯୧.୭% ସହ ବାଲେଶ୍ୱର ସୋରୋସ୍ଥିତ ଉପେନ୍ଦ୍ର ନାଥ ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ସେହିପରି ଯୁକ୍ତ୨ ବାଣିଜ୍ୟରେ ୮୧.୮% ମାର୍କ ସହ ରେଭେନ୍‌ଶା ପ୍ରଥମ ସ୍ଥାନରେ ଥିବାବେଳେ ୭୬.୭% ମାର୍କ ସହ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ ଦ୍ୱିତୀୟ ଏବଂ ୭୫% ମାର୍କସହ କଟକ ଶୈଳବାଳା ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ ତୃତୀୟ ସ୍ଥାନରେ ରହିଛି। ସେହିଭଳି ଧନ୍ଦାମୂଳକରେ କଳାହାଣ୍ଡି ଧର୍ମଗଡ଼ସ୍ଥିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ସ୍କୁଲ ୭୯.୫% ଓ ସଂସ୍କୃତରେ ବରଗଡ଼ ଜିଲାର ଲାଲାଜି ଗୋପାଳଜୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ସ୍କୁଲ ୬୧.୩% କଟ୍‌ଅଫ୍ ମାର୍କ ସହ ଆଗରେ ରହିଛି। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ୮ ରୁ ୧୦ତାରିଖ ଅପରାହ୍ଣ ୫ଟା ମଧ୍ୟରେ ନାମ ଲେଖାଇବେ। ବଳକା ସିଟ୍‌ରେ ନାମଲେଖା ପାଇଁ ୧୫ ତାରିଖ ଅପରାହ୍ଣ ୨ଟାରେ ସ୍ପଟ୍ ମେଧା ତାଲିକା ପ୍ରକାଶ ପାଇବ। ବଳକା ସିଟ୍‌ର ୧୦ଗୁଣା ଅଧିକ ସ୍ପଟ୍ ମେଧା ତାଲିକାରେ ପ୍ରକାଶ ପାଇବ। ୧୭ ରୁ ୨୦ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ ନାମଲେଖା ପାଇଁ ୪,୮୦,୭୦୪ ଛାତ୍ରୀଛାତ୍ର ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪,୦୪,୪୦୦ ଛାତ୍ରୀଛାତ୍ର ମନୋନୀତ ହୋଇଥିବାବେଳେ ଅଗଷ୍ଟ ୧୯ରୁ ୩୦ ତାରିଖ ମଧ୍ୟରେ ୩,୪୪,୩୪୩ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ଏବେ ଯୁକ୍ତ୨ ନାମଲେଖା ପାଇଁ ୧,୬୩,୪୪୭ ସିଟ୍ ବଳକା ପଡ଼ିଛି।










ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India

କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର
୩ୟ ମହଲା, ଆଶିଷ୍ ପ୍ଲାଜା, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର - ୭୫୬୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭଦ୍ରକ ଶାଖା-୩**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭଦ୍ରକ ଶାଖା-୩** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସମ୍ପତ୍ତିର ବିବରଣୀ |
|---|---|---|---|
| ଭଦ୍ରକ ଶାଖା-୩ / ଋଣଗ୍ରହୀତାମାନେ: ୧) ମେସର୍ସ କ୍ରୀମବେଲ ଆଇସ୍ କ୍ରୀମ, ସ୍ୱତ୍ତ୍ୱାଧିକାରୀ: ସେକ୍ ଇମ୍ରାନ, ଚଡକ ମହଲା, ପୁରୁଣା ବଜାର, ଭଦ୍ରକ-୭୫୬୧୦୦, ୨) ସେକ୍ ଇମ୍ରାନ, ପିତା: ସେକ୍ ଅରଫାନ୍, ମିର୍ଜାପୁର, ଚଡକ ମହଲା, ପୁରୁଣା ବଜାର, ଭଦ୍ରକ-୭୫୬୧୦୦ / ଗ୍ୟାରେଣ୍ଟିଦାତା: ସେକ୍ ଅରଫାନ୍, ପିତା: ୰ ସେକ୍ ଖଇରାତ ଅଲ୍ଲୀ, ମିର୍ଜାପୁର, ଚଡକ ମହଲା, ପୁରୁଣା ବଜାର, ଭଦ୍ରକ-୭୫୬୧୦୦ | ୦୫.୦୫.୨୦୨୨ ସୁଦ୍ଧା ଟ.୧୦,୧୭,୨୪୯.୦୩ + ସେବାବଦ ସୁଧ | ୨୦.୦୫.୨୦୨୨ / ୦୨.୦୯.୨୦୨୨ | ସେକ୍ ଅରଫାନ୍, ପିତା: ୰ ସେକ୍ ଖଇରାତ ଅଲ୍ଲୀଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ମୌଜା: ମିର୍ଜାପୁର, ଥାନା: ଭଦ୍ରକ ନଂ.: ୧୦୭, ଖାତା ନଂ.: ୯୯୬/୬୩୪, ପ୍ଲଟ୍ ନଂ.: ୫୧/୩୬୧୩, ମ୍ୟୁଟେସନ୍ ଖାତା ନଂ.: ୯୯୬/୬୨୦, ଭଦ୍ରକ, ଓଡ଼ିଶା, |
ଜଲିଉଡ୍‌ର ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ରଞ୍ଜନ ବିଶ୍ୱାଳ। ନିର୍ଦ୍ଦେଶନାକୁ କ୍ୟାରିୟର ଭାବରେ ବାଛି ନେଇଛନ୍ତି ସେ। ଚଳିତ ଯାତ୍ରା ସିଜନ୍‌ରେ ସେ ଦୁଇଟି ନାଟକର ନିର୍ଦ୍ଦେଶନା ଦେଇଛନ୍ତି। ଗୋଟିଏ ହେଲା ମା' ବାଣେଶ୍ୱରୀ ଗଣନାଟ୍ୟ ପରିବେଷିତ ତଥା ପପୁ ବ୍ରହ୍ମଙ୍କ ରଚିତ ନାଟକ 'ତୁ ଯେଉଁଠି ମୁଁ ବି ସେଇଠି'। ଦ୍ୱିତୀୟ ନାଟକଟି ହେଉଛି ଯାତ୍ରା ମାୟାନଗରୀର 'ତୁମେ ହିଁ ସ୍ୱର୍ଗ ମୋର' (ରଚନା-ଅଧ୍ୟାପକ ଡ. ସୁଧାଂଶୁ ନାୟକ)। 'କୌଣସି ନାଟକର ନିର୍ଦ୍ଦେଶନା ଦେବା ପୂର୍ବରୁ ସେ ନେଇ ବେଶ୍ କିଛି ମାସ ପୂର୍ବରୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥାଏ। କାରଣ ପ୍ରତିଟି ନାଟକ ହେଉଛି ମୋ ପାଇଁ ଚାଲେଞ୍ଜ ବୋଲି କହନ୍ତି ରଞ୍ଜନ। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇବ୍ରିସିଂହରେ ଜନ୍ମିତ ଏହି ନିର୍ଦ୍ଦେଶକ ଏହାପୂର୍ବରୁ 'କଳିଯୁଗର ରାମାୟଣ', 'କଳା କାହ୍ନୁ ମୋର କାଳିଆ ସୁନା', 'ମୋ ସ୍ତ୍ରୀର ଗପ ନ କହିଲେ ପାପ' 'ତମ ସିନ୍ଦୂର କୋଉ ସ୍ୱାମୀର' 'ସାବତ ସ୍ୱାମୀ' ଆଦି ନାଟକର ନିର୍ଦ୍ଦେଶନା ଦେଇଛନ୍ତି।

# ଭାଗ୍ୟବତୀ କିଆରା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ବର୍ତ୍ତମାନ ତାଙ୍କର ହାତରେ ଅଫର ପରେ ଅଫର। କେବଳ ହିନ୍ଦୀ ସିନେମା ନୁହେଁ, ଦୁଇଟି ତେଲୁଗୁ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଖାସ୍ କଥା ହେଲା, ଏକ ଅନଟାଇଟଲ୍‌ଡ ତେଲୁଗୁ ଫିଲ୍ମରେ ସେ ଆକ୍ଟିଂ କରିବେ, ଯାହାର ନାୟକ ସାଜୁଛନ୍ତି ଅନ୍ୟତମ ଲୋକପ୍ରିୟ ଅଭିନେତା ରାମ ଚରଣ। ଏହାର ନିର୍ଦ୍ଦେଶନା ଦେବେ ଏସ. ଶଙ୍କର। ଅନ୍ୟପକ୍ଷରେ ଏକ ରୋମାଣ୍ଟିକ, କମେଡି ହିନ୍ଦୀ ସିନେମା 'ଗୋବିନ୍ଦା ମେରା ନାମ'ରେ କିଆରାଙ୍କୁ ଦେଖିବାକୁ ମିଳିବ। ଏଥିରେ ତାଙ୍କ ସହ ମେଲ୍ ଲିଡ୍‌ରେ ଅଛନ୍ତି ଭିକି କୌଶଲ। ଏ ନେଇ କିଆରା କହନ୍ତି, 'ମୋତେ ଲାଗୁଛି ମୋ ପ୍ରତି ଏବେ ଭାଗ୍ୟଦେବୀ ପ୍ରସନ୍ନ ହୋଇଛନ୍ତି। ମୋ ହାତରେ ଏବେ ଗୁଡାଏ ସିନେମା ରହିଛି। ଏହାର ଶୁଟିଂ କିପରି ଶେଷ କରିବି ସେ ନେଇ ନିଜକୁ ପ୍ରସ୍ତୁତ କରିସାରିଲେଣି।' ଏହାବ୍ୟତୀତ ନାଦିଓ୍ବାଦଓ୍ବାଲା ଗ୍ରାଣ୍ଡସନ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ 'ସତ୍ୟପ୍ରେମ କି କଥା'ର ନାୟିକା ସାଜିଛନ୍ତି କିଆରା। ଏଥିରେ ତାଙ୍କ ସହ ପୁଣି ଥରେ କାର୍ତ୍ତିକ ଆର୍ଯ୍ୟନଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତା ବର୍ଷ ଜୁନ୍ ୨୯ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି।



କିଆରା

# ୩୫ ଟଙ୍କାରୁ ଆରମ୍ଭ

ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ଭାବରେ ପରିଗଣିତ ହୁଅନ୍ତି ରୋହିତ ସେଟ୍ଟୀ। ଯେତେବେଳେ ସେ ହିନ୍ଦୀ ସିନେମାରେ ଏଣ୍ଟ୍ରି କଲେ, ସେତେବେଳେ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ସହ ନିର୍ଦ୍ଦେଶକ ହେବାକୁ ସେ ପାଠପଢ଼ାକୁ ପଛରେ ପକାଇ କାମ ସନ୍ଧାନରେ ଲାଗିପଡ଼ିଥିଲେ। ଅଜୟ ଦେବଗନଙ୍କ ଡେବ୍ୟୁ ସିନେମା 'ଫୁଲ୍ ଔର କାଣ୍ଟେ'ରେ ସହ ନିର୍ଦ୍ଦେଶକ ଭାବରେ କାମ କରିବାର ତାଙ୍କୁ ପ୍ରଥମେ ସୁଯୋଗ ମିଳିଥିଲା। ଏଥିପାଇଁ ତାଙ୍କୁ ପାରିଶ୍ରମିକ ମିଳିଥିଲା ମାତ୍ର ୩୫ ଟଙ୍କା। କିନ୍ତୁ ନିଜକୁ ଜଣେ ନିର୍ଦ୍ଦେଶକ ଭାବରେ ପରିଚିତ କରାଇବାକୁ ସତେ ଯେମିତି ସେ ବଜ୍ର ଶପଥ ନେଇଥିଲେ। ହେଲେ ଏହି ସମୟରେ ଅଜୟ ଦେବଗନଙ୍କ ସହ ତାଙ୍କର ବନ୍ଧୁତା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ସେ ଅଭିନୟ କରିଥିବା 'ଜମିନ୍'ରୁ ସୋଲୋ ନିର୍ଦ୍ଦେଶକ ଭାବରେ କ୍ୟାରିୟର ଆରମ୍ଭ କରିଥିଲେ। ଚିତ୍ରଟି ହିଟ୍ ହେବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ସବୁବେଳେ ସାଦାସିଧା ଜୀବନଯାପନ କରନ୍ତି ରୋହିତ। ତାଙ୍କ ନିର୍ଦ୍ଦେଶିତ ହିଟ୍ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ଗୋଲମାଲ-ଫନ୍ ଅନଲିମିଟେଡ୍', 'ସଣ୍ଡେ', 'ଗୋଲମାଲ ରିଟର୍ନସ', 'ଗୋଲମାଲ-୩', 'ସିଙ୍ଘମ୍', 'ବୋଲ୍ ବଚ୍ଚନ', 'ଚେନ୍ନାଇ ଏକ୍ସପ୍ରେସ' ଆଦି ଚଳଚ୍ଚିତ୍ର।



ରୋହିତ

## ସଂକ୍ଷେପରେ

### ହଂସୁଆ ନଦୀରୁ ମାଟି ଉଠିଲା

ରାଜନଗର,୭।୯(ଡି.ଏନ.ଏ.): ରାଜନଗରର ଗଣପର୍ବ ଦଶହରା ପାଇଁ ସବୁଠି ଉତ୍ସାହ ଦେଖିବାକୁ ମିଳିଲାଣି। କରୋନା କଟକଣା ଯୋଗୁ ୨ ବର୍ଷ ନିରାଡ଼ମ୍ବରରେ ଦଶହରା ପାଳନ କରାଯାଇଥିଲା । ଚଳିତ ବର୍ଷ ଦଶହରା ପାଇଁ ବୁଧବାରଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଦେବୀଘରେ ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ପବିତ୍ର ସୁନିଆ ତିଥିରେ ହଂସୁଆ ନଦୀରୁ ମାଟି ଉଠାଯାଇଛି। ପରମ୍ପରା ଅନୁଯାୟୀ, ଘଣ୍ଟଘଣ୍ଟା ଓ ସଂକୀର୍ତ୍ତନ ମଧ୍ୟରେ ପୂଜା କମିଟି କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ନଦୀ କୂଳରେ ପହଞ୍ଚିଥିଲେ। ପୂଜକ ପଣ୍ଡିତ ବିଜୟ କୁମାର ନନ୍ଦ, ପଣ୍ଡିତ ଶଙ୍କର୍ଷଣ ମିଶ୍ର ପୂଜାର୍ଚ୍ଚନା କରିବା ପରେ ହଂସୁଆ ନଦୀରୁ ମାଟି ଉଠାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜନଗର ଶାରଦୀୟ ଦୁର୍ଗାପୂଜା ସମିତିର ସଭାପତି ତଥା ଆଇଆଇସି ତପନ କୁମାର ନାୟକ, ଉପସଭାପତି ଅକ୍ଷୟ କୁମାର ନାୟକ, ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର କୁମାର ମହାପାତ୍ର, ରମେଶ ଚନ୍ଦ୍ର ଲାଲ, ରମଣୀ ରଞ୍ଜନ ମହାପାତ୍ର, ଧ୍ରୁବ ଚରଣ ମଲ୍ଲିକ, ପ୍ରହ୍ଲାଦ ମଳିକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ରାଜନଗର ଗଳିଦାଣ୍ଡରେ ମା’ବନଦୁର୍ଗାଙ୍କ ମୃଣ୍ମୟୀମୂର୍ତ୍ତି ନିର୍ମାଣ ପାଇଁ ହଂସୁଆ ନଦୀରୁ ମାଟି ଉଠାଯାଇଛି।

### ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅନୁଗାମୀ ପ୍ରଭାକରଙ୍କ ପରଲୋକ



ବାଲିଆ,୭।୯(ସ୍ୱ.ପ୍ର.): ବରିଷ୍ଠ ସାମ୍ବାଦିକ ଅମୂଲ୍ୟ କୁମାର ହୋତାଙ୍କ ପିତା ପ୍ରଭାକରଙ୍କର ମଙ୍ଗଳବାର ଅପରାହ୍ଣରେ ନିଜ ଗ୍ରାମ ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ବାଲିଆ ଗୋପୀନାଥପୁରରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ମଙ୍ଗଳବାର ରାତିରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ପ୍ରମୋଦ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପ୍ରଭକର ଜଣେ ଧର୍ମ ପରାୟଣ ଓ ଆଧ୍ୟାତ୍ମବାଦୀ ବ୍ୟକ୍ତି ଥିଲେ। ୧୯୬୯ ମସିହାରୁ ସେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅନୁଗାମୀ ଭାବେ ସହସାଧିକ ପରିବାରକୁ ଦୀକ୍ଷିତ କରାଇ ଠାକୁରଙ୍କ ଭାବଧାରାରେ ଅନୁପ୍ରାଣିତ କରାଇ ପାରିଥିଲେ। ଗତଜାନୁଆରୀରେ ତଙ୍କ ପତ୍ନୀ ଜେନାମଣୀଙ୍କର ପରଲୋକ ଘଟିଥିଲା। ତାଙ୍କ ଶେଷକୃତ୍ୟ ସମୟରେ ପୁଅ ବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ସତ୍‌ସଙ୍ଗୀ ଭାଇମାନେ ଉପସ୍ଥିତ ଥିଲେ।

# ଏଥର ବାଜିବନି ଡିଜେ କି ଫୁଟିବନି ଆତସବାଜି

■ ଦୁର୍ଗାପୂଜା, ରାବଣ ପୋଡି, ଭସାଣି ଉତ୍ସବ ପ୍ରସ୍ତୁତି ବୈଠକ
■ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଉପରେ ଗୁରୁତ୍ୱ

ଜଗତ୍‌ସିଂହପୁର ଅଫିସ୍, ୭।୯

ଅକ୍ଟୋବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ଦୁର୍ଗାପୂଜା। ଜଗତ୍‌ସିଂହପୁର ପୌରାଞ୍ଚଳରେ ଏହି ଉତ୍ସବ ଧୁମ୍‌ଧାମ୍‌ରେ ପାଳନ ହେବ। ତେଣୁ ଆଗାମୀ ଦଶହରା ପର୍ବ, ରାବଣ ପୋଡି ଓ ଭସାଣି ଉତ୍ସବ କିପରି ଶାନ୍ତି, ଶୃଙ୍ଖଳାର ସହ ପାଳନ ହେବ ସେନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟାୱରୀ ପୌରୋହିତ୍ୟ କରି କହିଥିଲେ, ଦଶହରାରେ ଡିଜେ ବାଜିବ ନାହିଁ। ବିଭାଗୀୟ ଅଧିକାରୀ, ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ସମସ୍ତ ମେଢର କର୍ମକର୍ତ୍ତାମାନଙ୍କ ସହଯୋଗ ଆବଶ୍ୟକ। ରାବଣ ପୋଡି ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ଅକ୍ଟୋବର ୫ ତାରିଖରେ ବିନା ଆତସବାଜିରେ ଅନୁଷ୍ଠିତ ହେବ। ସେହିପରି ଭସାଣି ଉତ୍ସବ ଅକ୍ଟୋବର ୭ ତାରିଖରେ ହେବ। ମୂର୍ତ୍ତି ବିସର୍ଜନ ନିମନ୍ତେ ଗାଲୁପଡା, ପୁରୋହିତପୁର ଏବଂ କଲେଜ ଛକଠାରୁ ଷ୍ଟାଡିୟମ୍ ରାସ୍ତା ପାର୍ଶ୍ୱରେ ୪ଟି ଅସ୍ଥାୟୀ ପୋଖରୀ ଖନନ କରାଯିବ। ଟାଉନ ହଲଠାରୁ ୧୦ ନମ୍ବର, ପୁରୋହିତପୁର ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଅତାମଲାଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛର ଡାଳ କଟାଯିବ। ଗାନ୍ଧୀଛକଠାରୁ ସର୍କିଟ୍ ହାଉସ ରାସ୍ତା ଜାତୀୟ ରାଜପଥ, ଆଳିପିଙ୍ଗଳରୁ ପୋଷ୍ଟ ଅଫିସ ରାସ୍ତା ପୂର୍ତ୍ତ ବିଭାଗ, ୧୦ ନମ୍ବରରୁ ଚାଟରା କେନାଲ ବନ୍ଧ ପୋଲ ପର୍ଯ୍ୟନ୍ତ ରାସ୍ତା କାମ ଜଳସମ୍ପଦ ବିଭାଗ କରିବ। ଜିରାଠାରୁ ଚର୍ଚ୍ଚିକା ବଜାର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଓହଲଠାରୁ କୋର୍ଟ ଛକ ରାସ୍ତା ମରାମତି କାମ ଜଗତ୍‌ସିଂହପୁର ପୌର ପରିଷଦ କରିବ। ଅସ୍ଥାୟୀ ପୋଖରୀରୁ ବିସର୍ଜିତ ସାମଗ୍ରୀ ବାହାର କରିବା, ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ, ପୋଖରୀ ନିକଟରେ ଡଷ୍ଟବିନ ରଖିବା, ବିସର୍ଜନ ସ୍ଥଳ ଓ ମେଳଣ ପଡିଆରେ ଆଲୋକ ବ୍ୟବସ୍ଥା ସହ ୪ଟି ଜେନେରେଟର ବ୍ୟବସ୍ଥା ଜଗତ୍‌ସିଂହପୁର ପୌର ପରିଷଦ କରିବ। ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରାଯିବ। ଆବଶ୍ୟକ ସ୍ଥଳେ ଟେଲିଫୋନ୍ ତାର ଅପସାରଣ କରାଯିବ। ରାବଣ ପୋଡି ଓ ଭସାଣି ଉତ୍ସବ ଦିନ ମେଳଣ ପଡିଆରେ ଓ ଅସ୍ଥାୟୀ ପୋଖରୀ ନିକଟରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପାନୀୟ ଜଳ ଟ୍ୟାଙ୍କର ରହିବ। ସହରରେ ପାଣି ପାଇପ୍ ଟ୍ୟାପ୍ ମରାମତି କରାଯିବ। ରାବଣ ପୋଡି ଓ ଭସାଣି ଦିନ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ରହିବ। ମେଳଣ ପଡିଆ ଓ ବିସର୍ଜନ ସ୍ଥଳରେ ଦମକଳ ଗାଡି ରହିବ। ବୈଠକରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଉପ-ଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ସମସ୍ତ ମେଢର କର୍ମକର୍ତ୍ତା, ଶାନ୍ତି କମିଟି ସଦସ୍ୟ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟସୂଚୀ ଅନୁଯାୟୀ ବିବରଣୀ ପାଠ ଓ ଶେଷରେ ଧନ୍ୟବାଦ ଦେଇଥିଲେ।

# ୫-ଟି ଅଧୀନ ବିଦ୍ୟାଳୟରେ ୫୦ ଲକ୍ଷ ଦୁର୍ନୀତି

**ଓଟିନ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟ**

■ ବିଡିଓଙ୍କୁ ଅଭିଯୋଗ କଲେ ପରିଚାଳନା କମିଟିର ସଭାପତି

ବାଲିକୁଦା, ୭।୯(ସ୍ୱ.ପ୍ର.)



ବିଦ୍ୟାଳୟର ପୁରୁଣା କାନ୍ଥ ରଖି ନୂତନ ନିର୍ମାଣର ବିଲ୍ କରାଯାଇଥିବା ଅଭିଯୋଗ।

ରାଜ୍ୟ ସରକାର ଦୁର୍ନୀତି ରୋକିବାକୁ ବିଭିନ୍ନ ଯୋଜନା କରୁଛନ୍ତି। ମାତ୍ର ଏ ସବୁକୁ ପାଦରେ ଦଳିମକଚି ଦେଉଛନ୍ତି କିଛି ସରକାରୀ କର୍ମଚାରୀ। ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ମିଳୁନାହିଁ। ଏଭଳି ଦେଖିବାକୁ ମିଳିଛି ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତର ଓଟିନ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟ ୫-ଟିର ଅନ୍ତର୍ଭୁକ୍ତ। ତେଣୁ ସରକାର ଏହିବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ପାଇଁ ଯେଉଁ ଅର୍ଥ ପ୍ରଦାନ କରିଛନ୍ତି ସେଥିରୁ ୫୦ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଣିଛନ୍ତି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ମାଛଗାଁ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସଞ୍ଜୟ ପାଳ। ବିଦ୍ୟାଳୟ ନିର୍ମାଣ କାମରେ ଦୁର୍ନୀତି ହେଉଥିବା ନେଇ ପାଳ ଗତ ଜାନୁୟାରୀରୁ ଲଗାତର ଅଭିଯୋଗ କରିଆସୁଛନ୍ତି। ବିଭିନ୍ନ ଦଫାରେ ଉକ୍ତ ବିଦ୍ୟାଳୟ ଶ୍ରେଣୀଗୃହର ଉନ୍ନତୀକରଣ, ବାଉଣ୍ଡାରି, ଖେଳପଡ଼ିଆ ଆଦି କାର୍ଯ୍ୟକୁ ବ୍ଲକର ବିଭାଗୀୟ ଅଧିକାରୀ ଚଞ୍ଚକତା କରି କରୁଛନ୍ତି। ଏମିତି କି କାମର କୌଣସି ସୂଚନାଫଳକ ଲଗାଯାଉନାହିଁ। ସୂଚନା ଅଧିକାର ଆଇନ ବଳରେ ପାଳ ତଥ୍ୟ ମାଗିଥିଲେ ମଧ୍ୟ ତାଙ୍କୁ ବ୍ଲକ ପ୍ରଶାସନ ଦେଉନାହିଁ। ପ୍ରାଥମିକ ପର୍ଯ୍ୟାୟରେ ଶ୍ରେଣୀଗୃହ ଉନ୍ନତୀକରଣ ନାମରେ ପୁରୁଣା କାନ୍ଥରେ ରଙ୍ଗ ମାରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହୋଇଥିବା ପାଳ ଅଭିଯୋଗରେ ଦର୍ଶାଇଛନ୍ତି। ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ୧୫ ଏସ୍‌ଏଫ୍‌ସି ଓ ସିଏଫ୍‌ସି ଯୋଜନାରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ସେ ମଙ୍ଗଳବାର ବାଲିକୁଦା ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ବିଦ୍ୟାଳୟକୁ ଆସୁଥିବା ଅନୁଦାନ ସମ୍ପର୍କରେ ମାଗିଥିବା ସବିଶେଷ ତଥ୍ୟ ପ୍ରଦାନ କରିବା ସହ ଦୁର୍ନୀତିକୁ ତୁରନ୍ତ ରୋକିବା ପାଇଁ ଦାବି କରିଛନ୍ତି। ୧୫ ଦିନ ଭିତରେ ବ୍ଲକ ପ୍ରଶାସନ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବାଧହୋଇ ପଞ୍ଚାୟତ ସମିତି ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ଜିତେନ୍ଦ୍ର ନାୟକଙ୍କୁ ପଚାରିବାରେ ଅଭିଯୋଗ ପାଇଛି। ୨୦ଦିନ ହେବ ଏଠାରେ ନିଯୁକ୍ତି ପାଇଛି। ଘଟଣାର ତଦନ୍ତ କରାଯିବ। ଯଦି ଦୁର୍ନୀତି ହୋଇଥିବାର ପ୍ରମାଣ ମିଳିବ ତାହା ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଏଏମ୍‌ଏନ୍‌ଏସ୍ କମ୍ପାନୀ ଆଗରେ ୪ ଠିକା ଯନ୍ତ୍ରୀଙ୍କ ଅନଶନ

ପାରାଦୀପ,୭।୯(ସ୍ୱ.ପ୍ର.)

ପାରାଦୀପ ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ଆଗରେ ବୁଧବାର ୪ ଜଣ ଠିକା ଯନ୍ତ୍ରୀ ଅନଶନରେ ବସିଛନ୍ତି। ସେମାନଙ୍କୁ ଠିକା ବଦଳରେ ସ୍ଥାୟୀ ନିଯୁକ୍ତି ଦାବିରେ ଏହି ଅନଶନ ଦିଆଯାଇଛି। ଯନ୍ତ୍ରୀ ଆଲୋକ ରଞ୍ଜନ ସାମଲ, ଅସିତ ଶେଖର ସ୍ୱାଇଁ କୁହନ୍ତି, ଆମେ ହେଲୁ କମ୍ପାନୀର ଜମିହରା ପରିବାର। ୭ବର୍ଷ ତଳେ ତତ୍କାଳୀନ ଏସାର ଷ୍ଟିଲ୍ କମ୍ପାନୀ ଆମକୁ ଠିକା ଭାବେ ନିଯୁକ୍ତି ଦେଇଥିଲେ। ଯେଉଁ ୟୁନିଟରେ ନିଯୁକ୍ତି ମିଳିଥିଲା ତାହା ସମ୍ପୂର୍ଣ୍ଣ ହେବା ପରେ ଆମକୁ ସ୍ଥାୟୀ ନିଯୁକ୍ତି ଦେବେ ବୋଲି ଲିଖିତ ପ୍ରତିଶ୍ରୁତି ମିଳିଥିଲା। ଉକ୍ତ ୟୁନିଟ ୨୦୨୦ରୁ କାର୍ଯ୍ୟକ୍ଷମ ହେଲାଣି। ସେବେଠାରୁ ଆମେ ଏକାଧିକବାର ଲିଖିତ ଦାବି କରିବା ସତ୍ତ୍ୱେ ସ୍ଥାୟୀ ନିଯୁକ୍ତି ମିଳିନାହିଁ। ସେଥିପାଇଁ ଆମେ ଆମରଣ ଅନଶନରେ ବସିଛୁ। ଏ ସମ୍ପର୍କରେ କମ୍ପାନୀ ଜନସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି ଯେ, ମ୍ୟାନେଜମେଣ୍ଟ ତାଙ୍କ ସହିତ ଆଲୋଚନା କରିଥିଲେ। ସେହିଭଳି କମ୍ପାନୀ ଭେଣ୍ଡର ଦ୍ୱାରା ନିଯୁକ୍ତି ବଳବତ୍ତର କରାଯିବ ବୋଲି କୁହାଯିବା ସତ୍ତ୍ୱେ ସେମାନେ ବୁଝୁନାହାନ୍ତି।

## ପ୍ରତିଷ୍ଠାତା ସଦସ୍ୟଙ୍କ ଅବଦାନ ଅତୁଳନୀୟ




ମହାବିଦ୍ୟାଳୟ ପ୍ରତିଷ୍ଠା ସମାରୋହରେ ଯୋଗଦେଇଥିବା ଅତିଥିମାନେ।

**ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ପ୍ରତିଷ୍ଠା ସମାରୋହ**

ରଘୁନାଥପୁର,୭।୯(ଡି.ଏନ.ଏ.)

ଦୀର୍ଘ ୩୫ ବର୍ଷ ତଳେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ନିମନ୍ତେ ଜଗତ୍‌ସିଂହପୁର ଜିଲା ସଦର ମହକୁମା ଓ ରଘୁନାଥପୁର ବ୍ଲକ ମଧ୍ୟଭାଗ ରେତୁଆଠାରେ ଆଖପାଖ ଅଞ୍ଚଳର ବୁଦ୍ଧିଜୀବୀଙ୍କ ଉଦ୍ୟମରେ ଗଢି ଉଠିଥିଲା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ। ବୁଧବାର ମହାବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। କଲେଜର ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ପ୍ରତିଷ୍ଠା ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅକ୍ଳାନ୍ତ ପରିଶ୍ରମ କରି ଲୁହ ଲହୁ ନିଗାଡ଼ି, ମୁଠି ଚାଉଳ ଆଦାୟ କରି ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷାର ପ୍ରସାର ନିମନ୍ତେ ଏହି ମହାବିଦ୍ୟାଳୟ ଗଢିତୋଳିବାର ସ୍ୱପ୍ନ ଦେଖିଥିବା ସେହିମହାନ ପ୍ରତିଷ୍ଠାତା ସଦସ୍ୟଙ୍କ ଅବଦାନ ଅତୁଳନୀୟ ବୋଲି ଅଧ୍ୟକ୍ଷ ପଣ୍ଡା କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରତିଷ୍ଠାତା ସଦସ୍ୟ ଶରତ ଚନ୍ଦ୍ର ମହାପାତ୍ର, ଶଙ୍କର୍ଷଣ ରଥ, ନଗେନ୍ଦ୍ର ସ୍ୱାଇଁ, ସୁରେଶ ଚନ୍ଦ୍ର ରାଉତ, ଗୀତା ରଥ, ଭଗବାନ ବିଶ୍ୱାଳ, ବିଶ୍ୱନାଥ ବାରିକ, ଶୁଭ୍ରାଂଶୁ ଆଚାର୍ଯ୍ୟ, ପ୍ରାଣକୃଷ୍ଣ ନାୟକ ଓ ବିରେନ୍ଦ୍ର ସ୍ୱାଇଁ ଯୋଗଦେଇ ମହାବିଦ୍ୟାଳୟର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। ପୂର୍ବତନ ଅଧ୍ୟକ୍ଷ ରମାରଞ୍ଜନ ସ୍ୱାଇଁ ମହାବିଦ୍ୟାଳୟର କ୍ରମବିକାଶ ଓ ଶିକ୍ଷା ପଦ୍ଧତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରତାପ ଲେଙ୍କା ଅତିଥି ପରିଚୟ ଓ କେଦାର ମୁଦୁଲି ଧନ୍ୟବାଦ ଦେଇଥିଲେ। ଉତ୍ସବରେ ପୁରାତନ ଓ ପଢୁଥିବା ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ପ୍ରତିଷ୍ଠାତା ସଦସ୍ୟମାନେ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ଏରସମା ବନ୍ଦ ପାଳନ ସଫଳ




ଏରସମା ବନ୍ଦ ପାଳନରେ ସାମିଲ ଭାଜପା ନେତା ଓ କର୍ମୀମାନେ।

**ଗତବର୍ଷର ବୁଡି ଅଞ୍ଚଳ ଚାଷୀଙ୍କୁ ସହାୟତା ପ୍ରଦାନ ଦାବି**

ଏରସମା,୭।୯(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅଞ୍ଚଳରେ ଗତବର୍ଷ ବିଭିନ୍ନ ବୁଡି ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଦାବିରେ ବୁଧବାର ଭାଜପା ପକ୍ଷରୁ ଏରସମା ବନ୍ଦ ପାଳନ ସଫଳ ହୋଇଛି। ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ନୃସିଂହ ସାହୁଙ୍କ ନେତୃତ୍ୱରେ ଜଟାଧାରୀ ସ୍ୱାଇଁ, ତପନ କୁମାର ବେହେରା, ସଞ୍ଜୟ ମହାନ୍ତି, ମୋହିତ ମହାନ୍ତି, ନିର୍ଲିପ୍ତ ଜେନା, ଅମ୍ବିକା ପ୍ରସାଦ ମହାନ୍ତି, ଅମିତା ଦାସ, କ୍ଷୀରୋଦ ପରିଡା, ଲକ୍ଷ୍ମୀଧର ଓଝା, ନେତ୍ରାନନ୍ଦ ବେହେରା ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଅନ୍ୟ ଦାବିଗୁଡିକ ହେଲା ପ୍ରଧାନମନ୍ତ୍ରୀ ବୀମା କ୍ଷତିପୂରଣ, ଏରସମା ବ୍ଲକର ସମସ୍ତ ରାସ୍ତାଘାଟ ମରାମତି, ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନିଯୁକ୍ତି, ବିଦ୍ୟାଳୟଗୁଡିକରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି, ଲୁଣା ଘେରି ବନ୍ଧ ମରାମତି, ଚେକ୍ ଡ୍ୟାମ ଓ ଡ୍ରେନେଜଗୁଡିକର ପୁନରୁଦ୍ଧାର କରିବା। ଏରସମା ବ୍ଲକ, ତହସିଲ, ବ୍ୟାଙ୍କ, ସ୍କୁଲ, କଲେଜ ସହ ଏରସମା, ଗୋଡା, ଜିରାଇଲୋ, କୋଡି, ଆମ୍ବିକି, ଓଲରା, ଗଡବିଶୁନିପୁର ପ୍ରଭୃତି ବଜାର ବନ୍ଦ କରାଯାଇଥିଲା। ସୂଚନାଯୋଗ୍ୟ, ଅଗଷ୍ଟ ୨୩ ତାରିଖରେ ଉପରୋକ୍ତ ଲିଖିତ ଦାବି ପୂରଣ ପାଇଁ ଭାଜପା ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିଶେଷକରି ୨୦୨୧-୨୨ ଖରିଫ ଋତୁରେ ଲଗାଣ ବର୍ଷା ଯୋଗୁ ଏରସମା ବ୍ଲକର ସମସ୍ତ ପଞ୍ଚାୟତରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିଲା। କେନ୍ଦ୍ର ସରକାର ସହାୟତା ରାଶି ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ପ୍ରଦାନ କରାଯାଉନାହିଁ। ସେପ୍ଟେମ୍ବର ୭ ପୂର୍ବରୁ ସହାୟତା ପ୍ରଦାନ ନ କରାଗଲେ ଏରସମା ବନ୍ଦ ପାଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା।

## କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ: ୪ ବିଷୟରେ ପିଜି ପାଇଁ ମିଳିଲା ଅନୁମତି

କେନ୍ଦ୍ରାପଡ଼ା ଅଫିସ, ୭।୯

କେନ୍ଦ୍ରାପଡ଼ା ସ୍ୱଂଶାସିତ ମହାବିଦ୍ୟାଳୟରେ ୪ଟି ବିଷୟରେ ପୋଷ୍ଟ ଗ୍ରାଜୁଏଶନ (ପିଜି) ଶ୍ରେଣୀ ଚଳିତ ଶିକ୍ଷା ବର୍ଷ ଠାରୁ ଖୋଲିବ। ଏନେଇ ଓଡିଶା ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅନୁମତି (ଚିଠି ନଂ- ୩୬୪୧୧) ପତ୍ର ମିଳିଛି। ଏହି ଚିଠି ଅନୁଯାୟୀ କଳା ବିଭାଗର ଅର୍ଥନୀତି, ରାଜନୀତି ବିଜ୍ଞାନ, ବାଣିଜ୍ୟ ବିଭାଗର ଇନ୍‌କମ୍ ଟ୍ୟାକ୍ସ ଓ ବିଜ୍ଞାନ ବିଭାଗର ପଦାର୍ଥ ବିଜ୍ଞାନ ବିଷୟରେ ପାଠ ପଢ଼ାଯିବ। ପ୍ରତ୍ୟେକ ବିଭାଗ ପାଇଁ ୧୬ଟି ସିଟ୍ ରହିବ। ଏହି ବିଷୟ ପାଠ ପଢ଼ା ପାଇଁ ସେଲ୍ଫ ଫାଇନାନ୍ସିଂ ମୋଡ ରଖାଯିବ ବୋଲି ବିଭାଗୀୟ ସ୍ୱତନ୍ତ୍ର ସଚିବ ରାଜଶ୍ରୀ ମହାନ୍ତି ଭୁବନେଶ୍ୱରସ୍ଥ ରିଜିଓନାଲ ଡାରେକ୍ଟର ଅଫ୍ ଏଡୁକେଶନକୁ ଚିଠି ଲେଖିଛନ୍ତି। ଏହି ଚିଠିରେ ମହାବିଦ୍ୟାଳୟର ୩୨ ସିଟ୍ ବିଶିଷ୍ଟ ଇଂଲିଶ, ଓଡିଆ ଓ ହିନ୍ଦି ବିଷୟରେ ପିଜି ପାଠ୍ୟକ୍ରମ ପ୍ରଚଳନ ପ୍ରସ୍ତାବ ସମ୍ପର୍କରେ ଭିତ୍ତିଭୂମୀର ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# କମ୍ ସମୟରେ ଓଡ଼ିଶା ରାଜନୀତିରେ ସ୍ୱତନ୍ତ୍ର ସ୍ଥାନ




ଶ୍ରାଦ୍ଧ ଦିବସରେ ଉପସ୍ଥିତ ଅତିଥିମାନେ।

ଜଗତ୍‌ସିଂହପୁର ଅଫିସ, ୭।୯

**ବସନ୍ତ ବିଶ୍ୱାଳଙ୍କ ୧୯ତମ ଶ୍ରାଦ୍ଧ ଦିବସ**

ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ସମୟରେ ଓଡ଼ିଶାରେ ନିର୍ମାଣର ଯୁଗ ଚାଲିଥିଲା। ଖୁବ୍‌କମ ଦିନ ମଧ୍ୟରେ ସେ ରାଜ୍ୟ ରାଜନୀତିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟି ଆନୁକୂଲ୍ୟରେ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ ଏହା କହିଥିଲେ। ସ୍ମୃତି କମିଟିର ସଭାପତି ରବୀନ୍ଦ୍ରନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗ ଦେଇଥିଲେ। ସେ ସ୍ୱର୍ଗତ ବିଶ୍ୱାଳଙ୍କ କାର୍ଯ୍ୟଶୈଳୀ ଓ ତାଙ୍କ ଦୃଢ ମନବଳ ଯୋଗୁ ସେ ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଏଆଇସିସି ପୂର୍ବତନ ସମ୍ପାଦକ ଡ. ବିଶ୍ୱରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ପିସିସି ସମ୍ପାଦକ ଇଂ. ନଳିନୀ କୁମାର ସ୍ୱାଇଁ, ତିର୍ତ୍ତୋଲର ବିଜେଡି ନେତା ରମାକାନ୍ତ ଭୋଇ ଓ ସ୍ମୃତି କମିଟି ସମ୍ପାଦକ ଶିକ୍ଷାବିତ୍ ନିକୁଞ୍ଜ କିଶୋର ବେହେରା ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଜଗତ୍‌ସିଂହପୁରର ପ୍ରଥମ ନଗରପାଳ ବିଷ୍ଣୁ ଚରଣ ମହାନ୍ତି, ବରିଷ୍ଠ ରାଜନେତା ପ୍ରସନ୍ନ କୁମାର ସାମନ୍ତରାୟ, ପରିବେଶବିତ୍ ଡ. ଅୟସକାନ୍ତ ରାୟ, ବିଶିଷ୍ଟ ପାଲା ଗାୟକ ଗୁଣାକାର ଦଳେଇ, ଜିଲା ମାଟ୍ରିକ ଟପ୍ପର ବିଦିଶା ପ୍ରଧାନ ଓ ଆଦ୍ୟାଶା ପ୍ରିୟଦର୍ଶିନୀ ସାହୁଙ୍କୁ ବସନ୍ତ କୁମାର ବିଶ୍ୱାଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ପୂର୍ବତନ ବିଧାୟକ ଚିରଞ୍ଜୀବୀ ବିଶ୍ୱାଳଙ୍କ ସହଯୋଗରେ ୮ଜଣ ଅସହାୟ ମହିଳାଙ୍କୁ ସିଲେଇ ମେଶିନ ଦିଆଯାଇଥିଲା। ଉଚ୍ଚ ବିଦ୍ୟାଳୟସ୍ତରରେ ହୋଇଥିବା ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ମୃତି କମିଟିର ଉପସଭାପତି ହେମନ୍ତ କୁମାର ରଥ ସ୍ୱାଗତ ଭାଷଣ ଓ ଆବାହକ ତଥା ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ସ୍ମୃତି କମିଟିର ଉପସଭାପତି ପ୍ରଦୀପ୍ତ କୁମାର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଡ. ଜଗଦାନନ୍ଦ ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ ଓ ଜ୍ୟୋତି ପ୍ରକାଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

**ତିର୍ତ୍ତୋଲ/ବାଲିଆ, (ଡି.ଏନ୍.ଏ./ସ୍ୱ.ପ୍ର):** ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳ ଥିଲେ ତିର୍ତ୍ତୋଲର ନବ ନିର୍ମାତା। ତିର୍ତ୍ତୋଲର ବହୁ ଉନ୍ନତିମୂଳକ କାର୍ଯ୍ୟ ତାଙ୍କ ଦ୍ୱାରା କରାଯାଇଥିଲା ବୋଲି ବକ୍ତାମାନେ ଶ୍ରାଦ୍ଧବାର୍ଷିକୀରେ କହିଛନ୍ତି। ସ୍ଥାନୀୟ ଏକ ମଣ୍ଡପରେ ବୁଧବାର ବସନ୍ତଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବସନ୍ତ ବିଶ୍ୱାଳ ସ୍ମୃତି କମିଟି ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏହି ସଭା ଆୟୋଜିତ ହୋଇଥିଲା। କମିଟି ଅଧ୍ୟକ୍ଷ ଡା. କ୍ଷୀରୋଦ କୁମାର ମଲ୍ଲିକ, ବ୍ଲକ କଂଗ୍ରେସ ସଭାପତି ନୀହାର ରଞ୍ଜନ ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଯୋଗଦେଇଥିଲେ। ସେହିପରି ବିରିଡ଼ି ବ୍ଲକ ରାଣୀପଡ଼ାଠାରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶ୍ରାଦ୍ଧଦିବସରେ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରିୟବ୍ରତ ମିଶ୍ରଙ୍କ ପୌରୋହିତ୍ୟରେ ହୋଇଥିଲା। ଏଥିରେ ହିମାଂଶୁ ଭୂଷଣ ମଲ୍ଲିକ, ଦୀପକ ପଶାୟତ, ଅଶୋକ ଜେନା ଯୋଗଦେଇଥିଲେ।

# ପୀଡ଼ିତାଙ୍କ ପରିବାର ପାଇଁ ଦେବଦୂତ ସାଗର

କେନ୍ଦ୍ରାପଡ଼ା ଅଫିସ,୭।୯



■ ଏନ୍‌ଏଚ୍‌ଆର୍‌ସିରେ ୩ ବର୍ଷରେ ରୁଜୁ କରିଛନ୍ତି ୮୬୯ ମାମଲା
■ ୭୨ ମାମଲାରେ ପାଇଛନ୍ତି ସଫଳତା
■ ଗତ ଅଗଷ୍ଟରେ ୯ ମାମଲାରେ ମିଳିଛି ନ୍ୟାୟ

କେନ୍ଦ୍ରାପଡ଼ା ବ୍ଲକ୍ କଂସାର ପଞ୍ଚାୟତ ଏଣ୍ଡର ଗ୍ରାମର ସାଗର ଜେନା ଏବେ ଜଣେ ଚର୍ଚ୍ଚିତ ମଣିଷ । ସେ ପୀଡ଼ିତା ଓ ବିଭିନ୍ନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାର ପାଇଁ ଦେବଦୂତ ସାଜିଛନ୍ତି। ସେମାନଙ୍କୁ ନ୍ୟାୟ ଦେବା ପାଇଁ ସେ ପଦକ୍ଷେପ ଗ୍ରହଣ କରିଛନ୍ତି । କେବଳ ଓଡ଼ିଶା ନୁହେଁ, ଅନ୍ୟ ରାଜ୍ୟର ବହୁ ଦୁର୍ଗତ ପରିବାର ସଦସ୍ୟ ତାଙ୍କ ଦ୍ୱାରା ନ୍ୟାୟ ପାଇ ଉପକୃତ ହୋଇଛନ୍ତି। ଗତ ୩ ବର୍ଷରେ ତାଙ୍କ ପକ୍ଷରୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ୮୬୯ଟି ମାମଲା ରୁଜୁ ହୋଇଛି । ଏଥିମଧ୍ୟରୁ ସେ ୭୨ଟି ମାମଲାରେ ସଫଳତା ପାଇଛନ୍ତି। ଫଳରେ ପ୍ରତି ମାସରେ ପୀଡ଼ିତଙ୍କ ନିକଟରେ ୪୦ରୁ ୫୦ ଲକ୍ଷ ଟଙ୍କା ପହଞ୍ଚି ପାରୁଛି । ଗତ ଅଗଷ୍ଟ ମାସରେ ଏପରି ୯ ମାମଲାର ବିଚାର କରାଯାଇ ୧ କୋଟି ୮୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ କମିଶନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

୨୦୨୧ ଜାନୁୟାରୀ ୯ରେ ପୁଣେ ସିଭିଲ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୧୦ ନବଜାତ ଶିଶୁଙ୍କ ମୃତ୍ୟୁ ହୋଇଥିଲା । ଏହି ଦୁର୍ଘଟଣାକୁ ନେଇ ମହାରାଷ୍ଟ୍ର ମାନବାଧିକାର କମିଶନରଙ୍କ ନିକଟରେ ସେ ଅଭିଯୋଗ (କେସ୍ ନଂ. ୧୫୪୪/୨୧) କରିବା ପରେ ପ୍ରତି ପରିବାରଙ୍କୁ ୯୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ୨୦୨୨ ଏପ୍ରିଲ ୧୧ରେ ଗୁଜରାଟ ରାଜ୍ୟ ଭରୁଚ ଜିଲାରେ ଏକ କେମିକାଲ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ଘଟି ୬ ଜଣ ଶ୍ରମିକଙ୍କ ମୃତ୍ୟୁ ମାମଲା (ନଂ. ୫୬୪/୨୨)ରେ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡରୁ ପ୍ରତ୍ୟେକଙ୍କ ପରିବାରକୁ ୨ ଲକ୍ଷ ଓ କମ୍ପାନୀ ପକ୍ଷରୁ ୩ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଢେଙ୍କାନାଳ ଜିଲା ସାରଙ୍ଗୀ ଫରେଷ୍ଟ ରେଞ୍ଜ ନିକଟରେ ଗତ ଏପ୍ରିଲରେ ହାତୀ ଆକ୍ରମଣରେ (କେସ୍ ନଂ. ୯୩୪/୨୨) ମୃତ ରାଜେନ୍ଦ୍ର ମଲ୍ଲିକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବିହାର ରାଜ୍ୟ ମୁଜାଫର ଜିଲାର ଏକ ନୁଡୁଲ ଫ୍ୟାକ୍ଟ୍ରିରେ ୨୦୨୧ ଡିସେମ୍ବରରେ ବିସ୍ଫୋରଣରେ ୫ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ଏନେଇ ମାମଲା (ନଂ.୫୩୫୬/୨୧)ରେ ପ୍ରତି ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ରାଶି ମିଳିବା ସହିତ କ୍ଷତିପୂରଣ ପାଇଁ ମାମଲା ଜାରି ରହିଛି । ୟୁପି ହାଥରସର ବହୁଚର୍ଚ୍ଚିତ ୪ ବର୍ଷର ନାବାଳିକାଙ୍କୁ ବଳାତ୍କାର ସହିତ ହତ୍ୟା କରାଯାଇଥିଲା । ଏଥିରେ ଉତ୍ତରପ୍ରଦେଶ ସରକାର ପୀଡ଼ିତା ପରିବାରବର୍ଗଙ୍କୁ ୨୫ ଲକ୍ଷ ଟଙ୍କା ପ୍ରଦାନ ସହିତ ମାମଲାଭୁକ୍ତ ଅଭିଯୁକ୍ତମାନେ ବିଚାରାଧୀନ କଏଦୀ ଅଛନ୍ତି । ଏଥିସହିତ ସୁନ୍ଦରଗଡ଼ ଜିଲା ବଣାଇସ୍ଥିତ ସ୍ୱଞ୍ଚି ଫ୍ୟାକ୍ଟ୍ରିରେ ମୃତ ଅଜିତ ମହନ୍ତଙ୍କ ପରିବାର (କେସ୍ ନଂ. ୧୫୫୧/୨୨)କୁ ୮ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ପାଇଁ ମାନବ ଅଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୧ ନଭେମ୍ବର ମାସରେ ଜଗତ୍‌ସିଂହପୁର ଜିଲା ପାରାଦୀପ ଥାନା ଅନ୍ତର୍ଗତ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଥିଲା । ଏହି ମାମଲା (ନଂ. ୩୮୩/୨୨)ରେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମାମଲା ଏବେ ଚାଲୁ ରହିଛି । ସେହିପରି ଛତିଶଗଡ଼ ରାଜ୍ୟ ରଜନଗାଁଓ ଜିଲାର ଏକ ସରକାରୀ ସ୍କୁଲର ଛାତ୍ରୀଙ୍କୁ ଜଣେ ଶିକ୍ଷକ ୨୦୨୧ ଜୁନ ମାସରେ ଅସଦାଚରଣ କରିଥିଲେ । ମାମଲା (କେସ୍ ନଂ. ୭୭୨/୨୧)ର ଶୁଣାଣି ପରେ ପ୍ରାଥମିକ ପର୍ଯ୍ୟାୟରେ ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ ସହ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଚଳିତ ଅଗଷ୍ଟ ମାସରେ ସାଗରଙ୍କ ଜାତୀୟ ମାନବ ଅଧିକାର କମିଶନରଙ୍କ ନିକଟରେ ହୋଇଥିବା ମାମଲା (୨୮୨୮/୨୦)ର ଶୁଣାଣି ହୋଇଛି । ବିହାର ରାଜ୍ୟ ଚେମ୍ପୁର ଜିଲାର ବଳାତ୍କାର ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଅଭିଯୁକ୍ତମାନେ ଜେଲରେ ଅଛନ୍ତି ।

ଦିନଥିଲା ସାଗର ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ଗଣିତ ଓ ବିଜ୍ଞାନ ବିଷୟ ଟ୍ୟୁଶନ କରୁଥିଲେ। ନିୟମିତ ଧରିତ୍ରୀ ସହିତ ଅନ୍ୟାନ୍ୟ ଖବରକାଗଜ ପଢ଼ିବା ବି ତାଙ୍କର ଅଭ୍ୟାସ । ଖବରକାଗଜରେ ପ୍ରକାଶ ପାଉଥିବା ବିଭିନ୍ନ ଦୁର୍ଗତଙ୍କ ସମ୍ପର୍କରେ ଅବଗତ ପରେ ସେ ମାନବ ଅଧିକାର କମିଶନରଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରି ନ୍ୟାୟ ମାଗୁଛନ୍ତି। ମାନବ ଅଧିକାର କ୍ଷୁଣ୍ଣ କରୁଥିବା ଅଭିଯୁକ୍ତ ଓ କ୍ଷତିପୂରଣ ପ୍ରଦାନରେ ଅବହେଳା କରୁଥିବା ପ୍ରଶାସନିକ ଅଧିକାରୀଙ୍କୁ ସେ କାଠଗଡ଼ାକୁ ଟାଣି ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବାକୁ ସେ ଏବେ ସଙ୍କଳ୍ପ ନେଇଛନ୍ତି । ତାଙ୍କ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ, ପ୍ରତାପ କୁମାର ପାଢ଼ୀ, ସୁନିଲ କୁମାର ଗନ୍ତାୟତ ପ୍ରମୁଖ କହିଛନ୍ତି, ପାଠ ପଢ଼ିବା ଓ ପଢ଼ାଇବା ରୁଚି ସହିତ ବହୁ ବ୍ୟକ୍ତିଙ୍କୁ ନ୍ୟାୟ ପ୍ରଦାନ କରି ଏବେ ଚର୍ଚ୍ଚିତ ବ୍ୟକ୍ତିତ୍ୱର ପରିଚୟ ପାଲଟିଛନ୍ତି ସାଗର । ଏ ସମ୍ପର୍କରେ ସାଗର କୁହନ୍ତି, ୨୦୧୯ରେ ସୁନ୍ଦରଗଡ଼ ଜିଲାର ଜଣେ ଆଦିବାସୀ ନାବାଳିକା ବଳାତ୍କାର ଘଟଣା ଘଟିଥିଲା । ତାଙ୍କୁ ନ୍ୟାୟ ଦେବା ପାଇଁ ମୁଁ ପ୍ରଥମ ଥର ପାଇଁ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲି। ପୀଡ଼ିତାଙ୍କ ପରିବାର ଉପକୃତ ପରେ ସେମାନଙ୍କ ଫୋନ୍ କଲ ମୋତେ ଖୁସି ଆଣିଦିଏ ।

**ଓଡ଼ିଶା–ଝାଡ଼ଖଣ୍ଡ ସୀମା ବୈତରଣୀ ନଦୀର ଲୁହାପୋଲ**

# ଭାଙ୍ଗିଗଲାଣି ସମ୍ପର୍କର ସେତୁ


ନରେଶ ଚନ୍ଦ୍ର ପଟ୍ଟନାୟକ

କେନ୍ଦୁଝର, ୭।୯


ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାରେ ଥିବା ବୈତରଣୀ ନଦୀ ଉପରେ ଶହେ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା ସେତୁ। ଉଭୟ ରାଜ୍ୟ ମଧ୍ୟରେ ସମ୍ପର୍କ ଯୋଡୁଥିବା ବ୍ରିଟିଶ ଅମଳର ଏହି ସେତୁ ଆଜି ଅସୁରକ୍ଷିତ। ଏହା ଉପରେ ପୂର୍ବଭଳି ଲୋକେ ଯାତାୟାତ କରିବାକୁ ନିରାପଦ ମଣୁନାହାନ୍ତି। ତେଣୁ ଏହି ପୋଲର ମରାମତି କରାଯାଇ ଐତିହ୍ୟ ମାନ୍ୟତା ଦେବା ସହିତ ଏହାର ସୁରକ୍ଷା କରାଯାଇପାରିଲେ ଏହା ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ବିବେଚିତ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ବିଚ୍ଛିନ୍ନାଞ୍ଚଳ ଷଢେଇକଳା, ଖରସୁଆଁ, ଚକ୍ରଧରପୁର, ଚାଇଁବସା ଏକଦା ଅବିଭକ୍ତ ଓଡିଶା ରାଜ୍ୟରେ ରହିଥିଲା । ଏଣୁ ଏହି ପୋଲ ସେ ସମୟରେ ଗୁରୁତ୍ୱ ବହନ କରୁଥିଲା। ପରବର୍ତ୍ତୀ ସମୟରେ ଓଡିଶା ଓ ବିହାର (ବର୍ତ୍ତମାନ ଝାଡ଼ଖଣ୍ଡ) ରାଜ୍ୟକୁ ଏହି ପୋଲ ଲୁହାପଥର ପରିବହନର ମୁଖ୍ୟ ଯାତାୟାତ ପଥ ପାଲଟିଥିଲା। ଏହାର ଅପରପାର୍ଶ୍ୱ ଜୟନ୍ତିଗଡରେ ଥିବା ବ୍ରିଟିଶ ଅମଳର ପଥର ପୋଲର ଅବଶେଷ ଅନେକଙ୍କୁ ଏବେ ମଧ୍ୟ ଆକୃଷ୍ଟ କରୁଛି ।



ପ୍ରାୟ ଦଶ ବର୍ଷ ତଳେ ଏହି ଲୁହା ପୋଲ ବ୍ୟବହାର ହେଉଥିଲା । ଦୁଇ ରାଜ୍ୟ ମଧ୍ୟରେ ଯାତାୟାତରେ ସୁସମ୍ପର୍କ ଗଢି ଉଠିବା ସହ ବ୍ୟବସାୟିକ ସମ୍ପର୍କର ସେତୁ ଭାବରେ ରହିଥିଲା । କୁହାଯାଏ ଓଡିଶାର ଚମ୍ପୁଆ ଓ ଝାଡ଼ଖଣ୍ଡ (ତତ୍କାଳୀନ ବିହାର ରାଜ୍ୟ)ର ଜୟନ୍ତୀଗଡକୁ ସଂଯୋଗ କରୁଥିବା ଏହି ପୋଲ ସେ ସମୟରେ ମାତ୍ର ୩ ଲକ୍ଷ ୧୦ ହଜାର ୨୭୪ ଟଙ୍କାରେ ନିର୍ମାଣ ହୋଇଥିଲା । ଏଥିରେ ଉଲ୍ଲେଖଥିବା ଫଳକରୁ ଜଣାପଡୁଛି ଯେ, ଏହା ସେ ସମୟର ବ୍ରିଟିଶ ସରକାରଙ୍କ ଏଜେଣ୍ଟ ଷ୍ଟେଟ ସୁପରିଟେଣ୍ଡେଣ୍ଟ ଡି.ଏ. ମ୍ୟାକମିଲନଙ୍କ ସମୟରେ ନିର୍ମାଣ ହୋଇଥିଲା । ୧୯୧୬ ମସିହା ମାର୍ଚ୍ଚ ୨୨ ରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ପାଖାପାଖି ଏକ ବର୍ଷ ସମୟ ଲାଗିଥିଲା। ୧୯୧୭ ମସିହା ମାର୍ଚ୍ଚ ୬ରେ ଏହା ତତକାଳୀନ ବିହାର ଓ ଓଡିଶାର ଗଭର୍ନର ସାର ଏଡୱାର୍ଡ ଆଲବର୍ଟ ଗେଟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି ପୋଲର ନିର୍ମାଣ ପାଇଁ ସାମଗ୍ରୀ କଲିକତା ସ୍ଥିତ ଜୋସେଫ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ୍ ନାମକ ସଂସ୍ଥାରୁ କିଣାଯାଇଥିଲା ।

ତେଣୁ ଏହି ବ୍ରିଟିଶ ଅମଳର ପୁରୁଣା ଲୁହା ପୋଲକୁ ରକ୍ଷଣାବେକ୍ଷଣ କରାଯାଇ ସୁରକ୍ଷିତ ରଖାଯାଇପାରିଲେ ଆଗାମୀ ପିଢ଼ି ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବା ସହିତ ଓ ଏହା ଏକ ଐତିହ୍ୟ ସ୍ଥଳୀ ଭାବେ ବିବେଚିତ ହୋଇ ରହିପାରିବ।


ଅଭିନନ୍ଦନ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା । ଅମ୍ବିକା ଟ୍ରେଡର୍ସ ତରଫରୁ ଧରିତ୍ରୀ ପରିବାର ଓ ସମଗ୍ର ବାଲେଶ୍ୱରବାସୀଙ୍କ ସୁଖ, ସମୃଦ୍ଧି କାମନା କରୁଛୁ ।

ଅମ୍ବିକା ଟ୍ରେଡର୍ସ

ବସ୍ତା, ବାଲେଶ୍ୱର

ଆମେ ସବୁବେଳେ ଆପଣଙ୍କ ସେବାରେ ।

ଶୁଭ ଅଭିନନ୍ଦନ

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱରର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ବ୍ଲକ ଓ ପୌରପାଳିକା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ସ୍ୱାଗତ ଜଣାଇବା ସହିତ ସେମାନଙ୍କର ସୁଖ ସମୃଦ୍ଧି କାମନା କରି ଧରିତ୍ରୀର ଶୁଭ ମନାସୁଛି। ଧରିତ୍ରୀ ତା'ର ନିରପେକ୍ଷତା ବଜାୟ ରଖିଥିବାରୁ ଜଣେ ପାଠକଭାବେ ଗର୍ବ ଅନୁଭବ କରୁଅଛି।

ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ

ବ୍ଲକ ଅଧ୍ୟକ୍ଷ, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ

ଦୈନିକ ଓଡ଼ିଆ ଖବର କାଗଜ ଧରିତ୍ରୀର ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ବାସୁଦେବପୁର ବ୍ଲକ ଓ ପୌରପାଳିକାର ସମସ୍ତ ଜନସାଧାରଣ ଓ ଯୁବତୀ, ଯୁବକ ଓ ଛାତ୍ରମାନଙ୍କର ସୁଖ ସମୃଦ୍ଧି କାମନା କରୁଅଛି।

କାଳନ୍ଦୀ ସାହୁ

ଛାତ୍ର ସଭାପତି, ବିଜୁ ଛାତ୍ର ଜନତା ଦଳ

ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ବ୍ଲକ ଓ ପୌରପାଳିକା ଅଞ୍ଚଳର ସମସ୍ତ ଗୁରୁଜନ, ଜନସାଧାରଣ, ମହିଳା, ଯୁବ, ଛାତ୍ରମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହିତ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରୁଅଛି।

ରଶ୍ମିତା ନାୟକ

ରାଜ୍ୟ ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା

ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ

ଧରିତ୍ରୀ ଦୈନିକ ଓଡ଼ିଆ ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ପୌରପାଳିକାର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି କାମନା କରିବା ସହିତ ଧରିତ୍ରୀର ଶୁଭ ମନାସୁଛି । ବାସୁଦେବପୁର ପୌରପାଳିକାକୁ ସରସ ସୁନ୍ଦର ଭାବରେ ଗଢ଼ି ତୋଳିବାକୁ ପୌରବାସୀଙ୍କ ସହଯୋଗ କାମନା କରୁଅଛି। ଏହି ଅବସରରେ ସହରାଞ୍ଚଳର ଜନସାଧାରଣଙ୍କୁ ସ୍ୱାଗତ କରୁଅଛି।

ନିବେଦିତା ବେହେରା

ପୌରାଧ୍ୟକ୍ଷା, ବାସୁଦେବପୁର ପୌରପାଳିକା, ଭଦ୍ରକ

ଶୁଭ ଅଭିନନ୍ଦନ

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଆଦୋଳା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହିତ ବାସୁଦେବପୁର ବ୍ଲକର ପ୍ରତିଟି ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜ୍ଞାପନ କରି ଧରିତ୍ରୀର ଶୁଭ ମନାସୁଛି।

ଜଗବନ୍ଧୁ ଖିଲାର

ପୂର୍ବତନ ସରପଞ୍ଚ, ଆଦୋଳା ଗ୍ରାମପଞ୍ଚାୟତ ତଥା ଯୁବ ବିଜେଡି ବ୍ଲକ ସଭାପତି

ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ପଦୁଆଁ ଗ୍ରାମପଞ୍ଚାୟତ ସମେତ ବାସୁଦେବପୁର ବ୍ଲକ ଅଞ୍ଚଳର ସମସ୍ତ ଜନ ସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହିତ ଧରିତ୍ରୀର ଶୁଭ ମନାସୁଛି।

ଦୀନବନ୍ଧୁ ଦାସ

ପୂର୍ବତନ ସରପଞ୍ଚ ପଦୁଆଁ, ଗ୍ରାମପଞ୍ଚାୟତ ତଥା ବ୍ଲକ ବିଜେଡି ସଭାପତି

ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଜଗନ୍ନାଥ ପ୍ରସାଦ ଗ୍ରାମପଞ୍ଚାୟତ ସମେତ ବାସୁଦେବପୁର ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି କାମନା କରୁଅଛି। ପୌରପାଳିକାର ପ୍ରତିଟି ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଉଛି।

ଭାଗୀରଥି ବଳ

ପୂର୍ବତନ ସରପଞ୍ଚ, ଜଗନ୍ନାଥପ୍ରସାଦ ଗ୍ରାମପଞ୍ଚାୟତ ତଥା ବ୍ଲକ ବିଜେଡି ଉପସଭାପତି

ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି କାମନା କରିବା ସହିତ ଧରିତ୍ରୀର ଶୁଭ ମନାସୁଛି।

କୃଷ୍ଣଚନ୍ଦ୍ର ଘଡ଼େଇ

ଯୁବନେତା ତଥା ଶିଳ୍ପୋଦ୍ୟୋଗୀ

ବାଲିମେଦ, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ କିସ୍ମତକୃଷ୍ଣପୁର ଗ୍ରାମପଞ୍ଚାୟତ ସମେତ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ସୁଖ ଓ ସମୃଦ୍ଧି କାମନା କରୁଅଛି।

ରତିକାନ୍ତ ବାରିକ

ପୂର୍ବତନ ସମିତିସଭ୍ୟ, କିସ୍ମତକୃଷ୍ଣପୁର, ଗ୍ରାମପଞ୍ଚାୟତ ଓ ଯୁବନେତା

ମାଧୁରୀ ବାରିକ

ବ୍ଲକ ଉପାଧ୍ୟକ୍ଷା

ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିମେଦ ପଞ୍ଚାୟତ ସମେତ ବ୍ଲକ ଅଞ୍ଚଳର ସମସ୍ତ ଜନ ସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହିତ ଧରିତ୍ରୀର ଶୁଭ ମନାସୁଛି।

ପ୍ରଫୁଲ୍ଲ କୁମାର ପଳିତା

ପୂର୍ବତନ ସରପଞ୍ଚ, ବାଲିମେଦ ଗ୍ରାମପଞ୍ଚାୟତ

ବାସୁଦେବପୁର, ଭଦ୍ରକ

ଅଭିନନ୍ଦନ

JSW PAINTS

asianpaints

ଧରିତ୍ରୀର ଉଚ୍ଚକୋଟୀର ଲେଖା ସମସ୍ତ ପାଠିକା ପାଠକଙ୍କ ହୃଦୟକୁ ଜିଣିପାରିଛି।

ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତ ଗ୍ରାହକ, ବ୍ୟବସାୟୀ ଓ ଜନସାଧାରଣଙ୍କୁ ମାତୃଶକ୍ତି ପେଣ୍ଟ୍ସ ତରଫରୁ ଅଭିନନ୍ଦନ।

ସର୍ବେଶ୍ୱର ବେହେରା

ପ୍ରୋ: ମାତୃଶକ୍ତି ପେଣ୍ଟ୍ସ, ବସ୍ତା, ବାଲେଶ୍ୱର (ଈଶ୍ୱରବର୍ତ୍ତୀ ମନ୍ଦିର ସାମ୍ନା)

ମୋ: ୯୯୩୭୪୮୯୯୩୩

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ସମସ୍ତଙ୍କୁ ଅଭିନନ୍ଦନ

ରୂପ୍‌ସା ସାମିଲ ହସନପୁର ଗ୍ରାମପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ପଞ୍ଚାୟତବାସୀଙ୍କ ଆଶୀର୍ବାଦ ଓ ସହଯୋଗ କାମନା କରୁଛି ।

ଶ୍ରୀମତୀ ମାଳତୀ ପ୍ରଧାନ

ସରପଞ୍ଚ, ରୂପ୍‌ସା ସାମିଲ ହସନପୁର ଗ୍ରା.ପ., ସଦର ବ୍ଲକ, ବାଲେଶ୍ୱର

ଅଭିନନ୍ଦନ

ନିର୍ଭୀକ, ନିରପେକ୍ଷ ଖବର ପ୍ରକାଶନ ପାଇଁ ଧରିତ୍ରୀ ସବୁବେଳେ ଚର୍ଚ୍ଚାରେ।

ସ୍ୱନକ୍ଷତ୍ର ଦିବସରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀ ପରିବାରକୁ ଅଶେଷ ଧନ୍ୟବାଦ।

ପ୍ରାଧ୍ୟାପକ ମନୋରଞ୍ଜନ ବେହେରା

ଅଧ୍ୟକ୍ଷ, ଶାନ୍ତିଲତା ମହାବିଦ୍ୟାଳୟ, ଉଇଟିକିରି, ବାଲେଶ୍ୱର

ଧରିତ୍ରୀ ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ପ୍ରୀତିଭରା ଅଭିନନ୍ଦନ

ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀ ପରିବାରର ଶୁଭକାମନା କରୁଛି । ଧରିତ୍ରୀର ଭବିଷ୍ୟତ ଉଜ୍ଜ୍ୱଳ ହେଉ।

ଡ. ତପନ କୁମାର ବେହେରା

ଅଧ୍ୟକ୍ଷ, ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ବାଲେଶ୍ୱର

ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ସମସ୍ତଙ୍କୁ ଅଭିନନ୍ଦନ।

ଲକ୍ଷ୍ମୀନାରାୟଣ ହାର୍ଡୱାର ଷ୍ଟୋର ଓ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ତରଫରୁ ସମଗ୍ର ବାଲେଶ୍ୱରବାସୀଙ୍କ ସୁଖ, ସମୃଦ୍ଧି କାମନା କରୁଛି ।

ସୁମନ୍ତ କୁମାର ଜେନା

ବିଶିଷ୍ଟ ସମାଜସେବୀ, ବସ୍ତା, ବାଲେଶ୍ୱର

ଧରିତ୍ରୀ ର ସ୍ୱନକ୍ଷତ୍ର ଦିବସରେ ସମସ୍ତ ଭଉଣୀ, ଭାଇଙ୍କୁ ସାଦର ଅଭିନନ୍ଦନ

ବୈଦିକ ଗୁରୁକୁଳ ଆଶ୍ରମ, ପିଙ୍ଗୁାବଣିଆ ଏବଂ ଆର୍ଯ୍ୟ ସେବା ସଂଘ ତରଫରୁ ଧରିତ୍ରୀ ପରିବାରକୁ ଅଶେଷ ଧନ୍ୟବାଦ ଓ ଅଜସ୍ର ଶୁଭେଚ୍ଛା।

ଆଚାର୍ଯ୍ୟ ବିଜୟ ଜୀ

ସଞ୍ଚାଳକ, ବୈଦିକ ଗୁରୁକୁଳ ଆଶ୍ରମ ପିଙ୍ଗୁାବଣିଆ, ରୂପ୍‌ସା, ବାଲେଶ୍ୱର

ଅଭିନନ୍ଦନ

ସତ୍ୟ, ନିର୍ଭୀକ ଖବର ପ୍ରକାଶନ କ୍ଷେତ୍ରରେ ଧରିତ୍ରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ବାଲେଶ୍ୱର ୧୭ ନଂ. ଜୋନ୍‌ର ସାମଗ୍ରିକ ବିକାଶ ପାଇଁ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ କାମନା କରୁଛି ।

ସୁଜାତାରାଣୀ ଦଣ୍ଡପାଟ

ଜିଲା ପରିଷଦ ସଭ୍ୟା, ୧୭ନଂ. ଜୋନ୍, ବସ୍ତା, ବାଲେଶ୍ୱର

ଅଭିନନ୍ଦନ

ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଅଜସ୍ର ଶୁଭେଚ୍ଛା।

ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀ ପରିବାରର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ।

ପର୍ଶୁରାମ ବେହେରା

ପ୍ରଧାନ ଶିକ୍ଷକ, କସିପଦା ପଞ୍ଚାୟତ ହାଇସ୍କୁଲ, ରୂପ୍‌ସା, ବାଲେଶ୍ୱର

ଅଭିନନ୍ଦନ

ସତ୍ୟ, ନିର୍ଭୀକ ଖବର ପ୍ରକାଶନ କ୍ଷେତ୍ରରେ ଧରିତ୍ରୀ ର ଭୂମିକା ସର୍ବଦା ପ୍ରଶଂସନୀୟ।

ସ୍ୱନକ୍ଷତ୍ର ଦିବସରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛି ।

ମିନତୀରାଣୀ ବେହେରା

ଅଧ୍ୟକ୍ଷା, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟ, ଆଙ୍କୋ, ରୂପ୍‌ସା, ବାଲେଶ୍ୱର

ସତ୍ୟ, ନିରପେକ୍ଷ ଖବର ପ୍ରକାଶନ ପାଇଁ ଧରିତ୍ରୀ ସର୍ବଦା ଆଗରେ। ସ୍ୱନକ୍ଷତ୍ର ଦିବସରେ ସଦର ନିର୍ବାଚନମଣ୍ଡଳୀ ସମେତ ଆଙ୍କୋ ପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛୁ।

ଅଭିନନ୍ଦନ

ଜୟକୃଷ୍ଣ ବେହେରା (ବୁଲାଭାଇ)

ସଭାପତି, ସଦର ବ୍ଲକ କଂଗ୍ରେସ କମିଟି, ବାଲେଶ୍ୱର

ଜ୍ୟୋତ୍ସ୍ନାରାଣୀ ବେହେରା

ସରପଞ୍ଚ, ଆଙ୍କୋ ପଞ୍ଚାୟତ, ସଦରବ୍ଲକ

**ହ୍ରାସ ପାଉଛି ବଜାର କାରବାର**

**ନୂଆଦିଲ୍ଲୀ:** ଗତ କିଛିଦିନ ହେଲା ଶେୟାର ବଜାରର କାରବାର ଅସ୍ଥିରତା (ଲାଭ -କ୍ଷତି) ମଧ୍ୟରେ ଶେଷ ହେଉଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ମଧ ଦ୍ୱନ୍ଦ୍ୱ ମଧ୍ୟରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ୩ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର ମାନ୍ଦା ରହିବା ସାଙ୍ଗକୁ ନିବେଶକମାନେ ନିରାଶ ହୋଇଛନ୍ତି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧%ର ବଜାର ଶେୟାର ହ୍ରାସ ଘଟିଥିବା ଜଣାପଡ଼ିଛି। ବୁଧବାର ସେନ୍‌ସେକ୍ସ ୧୬୮ (୧୬୮.୦୮) ପଏଣ୍ଟ ଖସି ୫୯,୦୨୯ (୫୯,୦୨୮.୯୧) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ ୩୧ (୩୧.୨୦) ପଏଣ୍ଟ ହ୍ରାସ ଘଟି ୧୭,୬୨୪ (୧୭,୬୨୪.୪୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୭।୯



ଦେଶର ପ୍ରମୁଖ ଘରୋଇ ସଂସ୍ଥା ଆର୍ସେଲରମିତ୍ତଲ-ନିପନଷ୍ଟିଲ୍(ଏଏମ୍-ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ବୁଧବାର ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଓଡ଼ିଶା ଜଗରନଟ୍ସର ଖେଳାଳିମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏପରିକି ନିକଟରେ ପୁଣେଠାରେ ଶେଷ ହୋଇଥିବା ଭାରତର ପ୍ରଥମ ପେସାଦାର ଅଲଟିମେଟ୍ ଖୋ ଖୋ ଲିଗ୍-୨୦୨୨ର ଫାଇନାଲରେ ତେଲୁଗୁ ଯୋଦ୍ଧାସ୍‌କୁ ପରାସ୍ତକରି ଓଡ଼ିଶା ଜଗରନଟ୍ସ ଚାମ୍ପିୟନ ଆଖ୍ୟା ସହ ଟ୍ରଫି ହାସଲ କରିଥିଲା। ଉକ୍ତ ସମାରୋହରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଏବଂ ଯୁବସେବା ବିଭାଗର କମିଶନର ତଥା ସଚିବ ଆର୍. ଭିନିଲକ୍ରିଷ୍ଣା ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଛନ୍ତି, ଓଡ଼ିଶା ଦଳ ଫାଇନାଲରେ ଐତିହାସିକ ବିଜୟ ହାସଲ କରିଥିବାରୁ ଆମେ ଅତ୍ୟନ୍ତ ଗର୍ବ ଅନୁଭବ କରୁଛୁ। ସେହିଭଳି ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଏଚ୍‌ଆର୍ ଏବଂ ଆଡମିନିଷ୍ଟ୍ରେଶନର ଡେପୁଟି ଡାଇରେକ୍ଟର ସିଙ୍ଗୋ ନାକାମୁରା କହିଛନ୍ତି, ଚାମ୍ପିୟନଶିପ୍‌ରେ ଓଡ଼ିଶା ଜଗରନଟ୍ସର ଐତିହାସିକ ବିଜୟ ପାଇଁ ଦଳକୁ ମୋର ହାର୍ଦ୍ଦିକ ଅଭିନନ୍ଦନ। ଏଭଳି ଏକ ପଦକ୍ଷେପରେ ଓଡ଼ିଶା ସରକାରଙ୍କ ସହ ଆମର ସହଭାଗିତା ପାଇଁ କ୍ରୀଡ଼ା ବିଭାଗର ଉଦ୍ୟମକୁ ଆମେ ପ୍ରଶଂସା କରୁଛୁ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ବରିଷ୍ଠ ନେତୃତ୍ୱ ଏବଂ ବରିଷ୍ଠ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଆର୍.ଭିନିଲକ୍ରିଷ୍ଣା ଏବଂ ସିଙ୍ଗୋ ନାକାମୁରା ଓଡ଼ିଶା ଜଗରନଟ୍ସର ସଦସ୍ୟଙ୍କୁ ମେମେଣ୍ଟୋ ପ୍ରଦାନ କରି ସମ୍ମାନିତ କରିଥିଲେ।

## ରେଳପଥର ଜମିକୁ ଦୀର୍ଘକାଳୀନ ଲିଜ୍

ନୂଆଦିଲ୍ଲୀ,୭।୯

ଭାରତୀୟ ରେଳର ଅନାବଶ୍ୟକ ଜମିର ଦୀର୍ଘକାଳୀନ ଲିଜ୍ ପାଇଁ ଆବଶ୍ୟକ ପ୍ରତିବନ୍ଧକର ସମାଧାନ ସାଙ୍ଗକୁ ଏକ ବିକାଶମୂଳକ କାର୍ଯ୍ୟରେ ବିନିଯୋଗ ଲକ୍ଷ୍ୟରେ ବୁଧବାର କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଫଳରେ ପିଏମ୍ ଗତି ଶକ୍ତି କାର୍ଯ୍ୟକ୍ରମର ଆବଶ୍ୟକ ପଦକ୍ଷେପ ପାଇଁ ଏହା ବେଶ୍ ସହାୟକ ହେବ। ଏପରିକି ପ୍ରାୟ ୩୦୦ କାର୍ଗୋ ଟର୍ମିନାଲ ସ୍ଥାପନ ସହ ୧.୨୫ ଲକ୍ଷ ନିଯୁକ୍ତି ମଧ୍ୟ ସୃଷ୍ଟି କରିବାରେ ଏହା ସହାୟକ ହେବ ବୋଲି ସରକାର ମତବ୍ୟକ୍ତ କରିଛନ୍ତି। ସେହିଭଳି କ୍ୟାବିନେଟ ବୈଠକ ପରେ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ କହିଛନ୍ତି, ଏହି ନୂତନ ନୀତି ଆଗାମୀ ୩୫ବର୍ଷ ପର୍ଯ୍ୟନ୍ତ ଲିଜ୍ ପ୍ରଦାନ କରିବା ଲକ୍ଷ୍ୟରେ ଏହି ଯୋଜନା କରାଯାଇଛି। ଏହା ସହ ଉକ୍ତ ଜମି ଲିଜ୍ ଶୁଳ୍କକୁ ୬% ରୁ ୧.୫%କୁ ହ୍ରାସ କରାଯାଇଛି ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

## ୨.୫ କୋଟିର ଋଣ ମଞ୍ଜୁର କଲା ୟୁବିଓଆଇ



ଭୁବନେଶ୍ୱର,୭।୯

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଓଆଇ)ର ବାଲୁଗାଁ ଶାଖା ନବୀକରଣ ପରିସର ସହ ୟୁନିୟନ ଗୋଲ୍ଡ ଲୋନ୍ ପଏଣ୍ଟ ଏବଂ ଏଟିଏମ୍ ଲବି ଆଦିର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏସ୍‌ଜି) ଋଣ ଏବଂ କୃଷିଭିତ୍ତିକ ଋଣ ମେଳାର ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ ମେଳାରେ ସ୍ଥାନୀୟ ପଞ୍ଚାୟତର ବହୁ ହିତାଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ। ପାଖାପାଖି ୨.୫ କୋଟି ଟଙ୍କାର ଋଣ ଏଥିରେ ମଞ୍ଜୁର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଶୋଭନ ସେନ୍‌ଗୁପ୍ତା, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ତଥା ଉପ କ୍ଷେତ୍ରୀୟ ମୁଖ୍ୟ ଅଶୋକ ମିଶ୍ର, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ପ୍ରଶାନ୍ତ କୁମାର ନାୟକ, ଶାଖା ପ୍ରବନ୍ଧକ ରଶ୍ମିରଞ୍ଜନ ସାମନ୍ତଙ୍କ ସମେତ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ଶାଖାଗୁଡ଼ିକର ଶାଖା ପ୍ରବନ୍ଧକ ଓ ଶାଖାର ମୂଲ୍ୟବାନ ଗ୍ରାହକମାନେ ମଧ୍ୟ ଉପସ୍ଥିତ ଥିଲେ।

# ଓଡ଼ିଶା ବଜାରରେ କନ୍‌ଷ୍ଟ୍ରକ୍ସନ ଲିଡର 'ସାନି'

ଭୁବନେଶ୍ୱର,୭।୯

ଅନ୍ତଃରାଷ୍ଟ୍ରୀୟ ବଜାରରେ ବେଶ୍ ଜଣାଶୁଣା ତଥା କନ୍‌ଷ୍ଟ୍ରକ୍ସନ ଲିଡର ଭାବେ ପରିଚିତ ସାନି ବର୍ତ୍ତମାନ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏପରିକି ସାନି ହେଭି ଇଣ୍ଡଷ୍ଟ୍ରି ଲିମିଟେଡ୍ ପକ୍ଷରୁ ବୁଧବାର ସ୍ଥାନୀୟ ପଳାଶୁଣୀଠାରେ ତା'ର ଶାଖା କାର୍ଯ୍ୟାଳୟ ସହ ଡିଲର ପଏଣ୍ଟର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଡ. ଉପେନ୍ଦ୍ର ନାୟକ, ଶଶାଙ୍କ ପାଣ୍ଡେ, ଧୀରଜ ପଣ୍ଡା, ସୁଶୀଲ ପାତ୍ର, ସଞ୍ଜୀବ କୁମାର ନାୟକ ଏବଂ ରଘୁନାଥ ପ୍ରମୁଖ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ସାନି ଲିମିଟେଡ୍‌ର ଓଡ଼ିଶା ମୁଖ୍ୟ ଦୁର୍ଯ୍ୟୋଧନ ରାଉତରାୟ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶେଷକରି କୋଠାବାଡ଼ି ନିର୍ମାଣ ଓ କନ୍‌ଷ୍ଟ୍ରକ୍ସନ ବଜାରରେ ସାନିର ନାଁ ରହିଥିବା ବେଳେ ନିର୍ମାଣ କ୍ଷେତ୍ରରେ ଆବଶ୍ୟକ ନାନାଦି ଯନ୍ତ୍ରପାତି ମଧ୍ୟ ସାନିର ଡିଲର ପଏଣ୍ଟଗୁଡ଼ିକରେ ଉପଲବ୍ଧ ରହିଛି। ଏହା ଏକ ଚାଇନା କମ୍ପାନୀ ହୋଇଥିବା ବେଳେ ଭାରତୀୟ ବଜାରରେ ଏହାର ବେଶ୍ ଚାହିଦା ଅଛି। ସେହିଭଳି ପୁଣେରେ କମ୍ପାନୀର ୮୦ ଏକର ବିଶିଷ୍ଟ ପରିମିତ ଜମିରେ ଏକ ବୃହତ୍ କାରଖାନା ରହିଛି, ଯେଉଁଠାରେ ନିର୍ମାଣ ସହ ମେଶିନ ମଧ୍ୟ ସପ୍ଲାଇ ହୁଏ। କଂକ୍ରିଟ ମେଶିନାରି ଯଥା ସିମେଣ୍ଟ ଫେଣ୍ଟା ମେଶିନ ଓ ଜେସିବି ଭଳି ମେଶିନ କିଣାବିକାରେ ଏହା ଭାରତ ଓ ଦକ୍ଷିଣ ଏସିଆରେ କାର୍ଯ୍ୟ କରୁଛି। ପଡ଼ୋଶୀ ଦେଶ ନେପାଳ, ଭୁଟାନ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ବି ସାନି ନିଜର ମେଶିନ ଯୋଗାଣ କରୁଛି। ଭୁବନେଶ୍ୱରରେ ଏହାର ପ୍ରଥମ ଡିଲର ପଏଣ୍ଟ ସହ ସେଲ୍‌ସ ଓ ସର୍ଭିସ ଯୋଗାଇଦେବାକୁ କମ୍ପାନୀ ଲକ୍ଷ୍ୟରଖିଛି।




ଭୁବନେଶ୍ୱର ନେକ୍ସା ରାଜଭବନ ପକ୍ଷରୁ ମାରୁତି ସୁଜୁକିର ନ୍ୟୁ 'ଗ୍ରାଣ୍ଡ ଭିଟାରା'କୁ କମ୍ପାନୀର ଆର୍‌ଏମ୍ କାର୍ତ୍ତିକ ରାଜା ଏବଂ ନାରାୟଣୀ ମୋଟର୍ସର ସିଇଓ ପ୍ରଣୟ ବୁଦ୍ଧରାଜ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଅନାବରଣ କରୁଛନ୍ତି।

# ବିଓଆଇର ୧୧୭ ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୭।୯

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ୧୧୭ ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ-୬ ରେ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ମଳୟ ଦାସ ଏସ୍, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ନାରାୟଣ ମେହେର, ସୁରକ୍ଷା ବିଭାଗର ମୁଖ୍ୟ ପ୍ରବନ୍ଧକ ବେଦ ପ୍ରକାଶ ଓଝା ଓ ବରିଷ୍ଠ ହିନ୍ଦୀ ପ୍ରାଧ୍ୟାପକ ଶ୍ରଦ୍ଧା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରତିଯୋଗିତାରେ ପ୍ରାୟ ୨୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ୩ଗୋଟି ବିଷୟ ରହିଥିଲା ଯଥା: ସ୍ୱଚ୍ଛ ଭାରତ ଅଭିଯାନ, ରାଜଭାଷା ହିନ୍ଦୀର ମହତ୍ତ୍ୱ ଓ ଆଜାଦୀ କା ଅମୃତ ମହୋତ୍ସବ। ପରିଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ସିଲ୍ ଏବଂ ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ବ୍ୟାଙ୍କର ମାର୍କେଟିଂ ଅଧିକାରୀ ଜି. ଶିବାନୀ 'ସୁକନ୍ୟା ସମୃଦ୍ଧି 'ଯୋଜନା ସମ୍ପର୍କରେ ଏକ ସୁନ୍ଦର ପିପିଟି ପ୍ରସ୍ତୁତ ସହ ବର୍ଣ୍ଣନା କରିଥିଲେ। ସେହିପରି ରାଜଭାଷା ବିଭାଗର ବରିଷ୍ଠ ପ୍ରବନ୍ଧକ ସୋନିଆ ସାୱନ୍ତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ଫୁର୍‌ସତ୍**




# ରିଲିଜ୍ ପୂର୍ବରୁ ଅଡୁଆରେ 'ବ୍ରହ୍ମାସ୍ତ୍ର'

**ମୁମ୍ବାଇ:** ବଲିଉଡ୍‌ର ଲୋକପ୍ରିୟ ଯୋଡି ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ବ୍ରହ୍ମାସ୍ତ୍ର' ଆସନ୍ତା ଶୁକ୍ରବାର ବଡ଼ପରଦାକୁ ଆସିବାକୁ ଯାଉଛି। ତେବେ ରିଲିଜ ପୂର୍ବରୁ ସିନେମାକୁ ତୀବ୍ର ବିରୋଧ କରାଯାଉଥିବା ଦେଖିବାକୁ ମିଳିଛି। ଦୁହେଁ ଉଜ୍ଜୟିନୀରେ ବାବା ମହାକାଳେଶ୍ୱରଙ୍କ ଦର୍ଶନ ପାଇଁ ଯାଇଥିଲେ। ସେଠାରେ ତାଙ୍କୁ ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ମନ୍ଦିର ଭିତରକୁ ପ୍ରବେଶକୁ ବିରୋଧ କରାଯାଇଥିଲା। ରଣବୀର ଗୋମାଂସ ଭକ୍ଷଣ କରୁଥିବାବେଳେ ସେ କେମିତି ବାବାଙ୍କ ଦର୍ଶନ କରିବେ କହି ସେମାନେ ବିରୋଧ କରିଥିଲେ। ଏହାପରଠାରୁ ମୁଭିକୁ ବଏକଟ୍ କରାଯାଉ ବୋଲି କୁହାଯାଉଛି। ତେବେ ଏହି ମୁଭିରେ ଅୟାନ ମୁଖାର୍ଜୀ ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କୁ ଏହି ସିନେମା ନିର୍ମାଣ ପାଇଁ ୪ ବର୍ଷ ସମୟ ଲାଗିଥିବା ସେ କହିଛନ୍ତି। ମୁଭିଟି ହିନ୍ଦୀ ସମେତ ତେଲୁଗୁ, ତାମିଲ, କନ୍ନଡ, ମାଲୟାଲମ୍ ଭାଷାରେ ମୁକ୍ତିଲାଭ କରିବ। ଏହାକୁ ନେଇ ଦର୍ଶକ ବେଶ୍ ଉତ୍ସାହର ସହ ପ୍ରତୀକ୍ଷା କରିଥିବାବେଳେ ବକ୍ସ ଅଫିସ୍‌ରେ ଆଗୁଆ ୧ ଲକ୍ଷ ଟିକେଟ୍ ବିକ୍ରି ସରିଥିବା ଜଣାପଡିଛି। କେରଳରେ 'ବ୍ରହ୍ମାସ୍ତ୍ର' ମାଲୟାଲମ ଭାଷାରେ ୧୦୨ ସିନେମା ହଲ୍‌ରେ ରିଲିଜ୍ ହେବାକୁ ଯାଉଛି। ଫିଲ୍ମରେ ଏହି ଯୋଡିଙ୍କ ବ୍ୟତୀତ ଅମିତାଭ ବଚ୍ଚନ, ମୌନି ରୟ, ଡିମ୍ପଲ କାପାଡିଆ, କରନ ଜୋହର, ଅପୂର୍ବା ମେହଟା ପ୍ରମୁଖ ନଜରକୁ ଆସିବେ।

# ମାରାଥନରେ ୮୪ ବର୍ଷୀୟା




**ଲଣ୍ଡନ:** କିଛି କରିବା ପାଇଁ ବୟସ କେବେ ବାଧକ ହୋଇ ନ ଥାଏ, ସେଥିପାଇଁ କେବଳ ଇଚ୍ଛାଶକ୍ତି ହିଁ ଆବଶ୍ୟକ ହୋଇଥାଏ। ଏପରି କିଛି କରୁଛନ୍ତି ବ୍ରିଟେନ୍‌ର ଜଣେ ୮୪ ବର୍ଷୀୟା ବୃଦ୍ଧା ବାରବରା ଥେକ୍ରେ। ବାରବରାଙ୍କ ଭଉଣୀ ଆଣ୍ଡ୍ରେଙ୍କ ମୃତ୍ୟୁ ପରେ ସେ ତାଙ୍କ ନାମରେ ଏକ ଟ୍ରଷ୍ଟ ଖୋଲିଛନ୍ତି। ଟ୍ରଷ୍ଟ ପାଇଁ ପଇସା ଯୋଗାଡ କରିବାକୁ ସେ ୭୭ ବର୍ଷ ବୟସରୁ ମାରାଥନ ଦୌଡିବା ଆରମ୍ଭ କରିଥିଲେ। ବାରବରା ପ୍ରତି ସପ୍ତାହରେ ଏହି ମାରାଥନ୍‌ରେ ଭାଗ ନେଉଛନ୍ତି। ତାଙ୍କ ସହ ତାଙ୍କ ପୁଅ ମଧ୍ୟ ଉପସ୍ଥିତ ରହୁଛନ୍ତି। ସେ ମାରାଥନ୍‌ରେ ପ୍ରାୟ ୧ କି.ମି. ରାସ୍ତା ଦୌଡୁଛନ୍ତି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER**

ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।

Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା।

Bansal Market Complex, B wing, Bangalore, Karnataka-400021

**8901110759**


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶିକ୍ଷା କରେ ସାମୂହିକ ବିକାଶ

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ

**ଶିକ୍ଷା** ଦ୍ୱାରା ସାମୂହିକ ବିକାଶ ସମ୍ଭବ ହୋଇପାରିଥାଏ। ଶିକ୍ଷାଦ୍ୱାରା ଜଣେ ସାକ୍ଷର ହୋଇଥାଏ। ଜଣେ ସାକ୍ଷର ବିଭିନ୍ନ ସରକାରୀ ଯୋଜନାର ଲାଭ ସହଜରେ ଗ୍ରହଣ କରି ପାରିଥାଏ। ତେଣୁ ସାକ୍ଷରତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଇଥାଏ। ଏହା ହେଉଛି ଏକ ଅନ୍ତର୍ଜାତୀୟ ଉତ୍ସବ। ପ୍ରତିବର୍ଷ ୮ ସେପ୍ଟେମ୍ବରରେ ପାଳନ କରାଯାଏ। ୨୬ ଅକ୍ଟୋବର ୧୯୬୬ରେ ୟୁନେସ୍କୋର ସାଧାରଣ ସମ୍ମିଳନୀର ୧୪ ତମ ଅଧିବେଶନରେ ଏହି ଦିବସ ପାଳନ ପାଇଁ ଘୋଷିତ ହୋଇଥିଲା। ୧୯୬୭ ମସିହାରେ ଏହା ପ୍ରଥମ ଥର ପାଇଁ ପାଳନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ବ୍ୟକ୍ତି, ସମ୍ପ୍ରଦାୟ ଏବଂ ସମାଜ ପାଇଁ ସାକ୍ଷରତାର ମହତ୍ତ୍ୱକୁ ଉପଲବ୍ଧି କରିବା। ପୃଥିବୀରେ ପ୍ରାୟ ୭୭୫ ନିୟୁତ ଲୋକଙ୍କଠାରେ ସର୍ବନିମ୍ନ ସାକ୍ଷରତା ଦକ୍ଷତା ଅଭାବ ରହିଛି। ୫ଜଣ ବୟସ୍କଙ୍କ ମଧ୍ୟରୁ ଜଣେ ଏପର୍ଯ୍ୟନ୍ତ ସାକ୍ଷର ହୋଇ ନାହାନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ମହିଳା ଅଛନ୍ତି। ୟୁନେସ୍କୋର ଶିକ୍ଷା ପାଇଁ ବିଶ୍ୱସ୍ତରୀୟ ମନିଟରିଂ ରିପୋର୍ଟ ୨୦୦୬ ଅନୁଯାୟୀ, ଦକ୍ଷିଣ ଏସିଆରେ ସର୍ବନିମ୍ନ ଆଞ୍ଚଳିକ ବୟସ୍କ ସାକ୍ଷରତା ହାର ୫୮.୬ % ରହିଛି। ଏହା ପଛକୁ ସବ୍ ସାହାରା ଆଫ୍ରିକାର ସାହାରାରେ ଏହା ୫୯.୭ %ରହିଛି। ବିଶ୍ୱରେ ସର୍ବନିମ୍ନ ସାକ୍ଷରତା ହାର ଥିବା ଦେଶଗୁଡ଼ିକ ହେଉଛି ବୁର୍କିନା ଫାସୋ (୧୨.୮ %), ନାଇଜର (୧୪.୪ %) ଏବଂ ମାଲି (୧୯ %)। ଏହି ରିପୋର୍ଟରେ ନିରକ୍ଷରତା ଏବଂ ଭୟଙ୍କର ଦାରିଦ୍ର୍ୟ ମଧ୍ୟରେ ଥିବା ଦେଶଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହି ଦିବସ ପାଳନ ଅବସରରେ ସାକ୍ଷରତା ଦ୍ୱାରା ସମାଜରେ କିଭଳି ପରିବର୍ତ୍ତନ ଅଣାଯାଇ ପାରିଥାଏ ସେ ସମ୍ପର୍କରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥାଏ।


# ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସ୍ମୃତିରଞ୍ଜନ ମିଶ୍ର (ପପୁ)**
ତଡ଼ାସ ରାମହଂସପୁର, ଚନ୍ଦନପୁର, ପୁରୀ
ଆବିର୍ଭାବ: ୨୩।୦୭।୧୯୮୭
(ଶ୍ରାବଣ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୨୬।୦୯।୨୦୧୫
(ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ)
ତୋର ଅମର ଆତ୍ମା ସଦ୍‌ଗତି ଲାଭ କରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
**ଶୋକସନ୍ତପ୍ତ:** ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୪୫୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**✓ସ୍ୱର୍ଣ୍ଣଲତା ଜେନା**
ଇମାମନଗର, ଜାରକା, ଯାଜପୁର
ଆବିର୍ଭାବ-୦୫।୦୪।୧୯୩୦
ତିରୋଧାନ- ୧୮।୦୯।୨୦୨୧
ହେ ପୁଣ୍ୟାତ୍ମା! ଆପଣଙ୍କ ଶୂନ୍ୟତା ଆମମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ ସମସ୍ତଙ୍କୁ ଦୁଃଖାଭିଭୂତ କରିଛି। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
**ଶୋକସନ୍ତପ୍ତ:** ପୁତ୍ର: ରମାକାନ୍ତ ଜେନା, ଅନନ୍ତ କିଶୋର, ପବିତ୍ର ମୋହନ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ଭଣଜା, ଭାଣିଜୀ, ନାତି, ନାତୁଣୀ, ନାତୁଣୀବୋହୂ, ଅଣନାତି, ଅଣନାତୁଣୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୧୪୫୫

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ନିରଞ୍ଜନ ରାୟ**
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ: ୦୪.୦୯.୨୦୧୭
(ଶୁକ୍ଳପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୧୪୫୬

# ବାରିପଦାର ଆକର୍ଷଣ ମୟୂରଭଞ୍ଜ ରାଜପ୍ରାସାଦ

**ନୀଳାଦ୍ରି ବିହାରୀ ଦଣ୍ଡପାଟ**
**ବାରିପଦା ଅଫିସ, ୭।୯**

ସ୍ୱାଧୀନତା ପୂର୍ବରୁ ଗଡ଼ଜାତ ମୟୂରଭଞ୍ଜ ରାଜ୍ୟର ପ୍ରଜାବତ୍ସଳ ରାଜାମାନେ ପ୍ରଜାଙ୍କ ସ୍ୱାର୍ଥ ସକାଶେ ଅନେକ କାର୍ଯ୍ୟ କରି ଯଶକୀର୍ତ୍ତି ଅର୍ଜନ କରିଛନ୍ତି। ବାରିପଦାରେ ଅବସ୍ଥିତ ରାଜପ୍ରାସାଦ ମୟୂରଭଞ୍ଜର ଗୌରବମୟ ଇତିହାସର ମୂକସାକ୍ଷୀ। ଏହି ରାଜପ୍ରାସାଦକୁ ଉଚ୍ଚ ଶିକ୍ଷା ନିମନ୍ତେ ଉତ୍ସର୍ଗ କରାଯାଇଛି। ରାଜପ୍ରାସାଦର ସୌନ୍ଦର୍ଯ୍ୟ ଏବେ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଆଗନ୍ତୁକମାନେ ରାଜପ୍ରାସାଦ ସମ୍ମୁଖରେ ଫଟୋ ଉଠାଇବାକୁ ପସନ୍ଦ କରୁଛନ୍ତି । ସେଲଫି ମାଧ୍ୟମରେ ନିଜର ଫଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି ।

ମୟୂରଭଞ୍ଜ ରାଜପ୍ରାସାଦର ନିର୍ମାଣ ଶୈଳୀ ଅତ୍ୟନ୍ତ ଆକର୍ଷଣୀୟ। ୧୫ଏକର ପରିମିତ ଜମିରେ ପ୍ରାୟ ୧ଲକ୍ଷ ବର୍ଗଫୁଟର ରାଜପ୍ରାସାଦର ନିର୍ମାଣ ମୟୂରଭଞ୍ଜର ତତ୍କାଳୀନ ମହାରାଣୀ ସୁମିତ୍ରା ଭଞ୍ଜଦେଓ ୧୮୦୨ରେ ଆରମ୍ଭ କରାଇଥିଲେ। ହରିପୁରଗଡ଼ରୁ ରାଜଧାନୀ ସ୍ଥାନାନ୍ତର ପରେ ଏହି ରାଜପ୍ରାସାଦରେ ରାଜ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ରାଜପ୍ରସାଦକୁ ସମ୍ପ୍ରସାରଣ ପୂର୍ବକ ୧୨୬ଟି କୋଠରୀ ସହ ଲଣ୍ଡନର ବକିଂହାମ୍ ପ୍ୟାଲେସର ଅବିକଳ ରୂପ ଦେଇଥିଲେ। ବର୍ମାରୁ କାଠ ଓ କାଠ ମିସ୍ତ୍ରି, ଇଂଲଣ୍ଡର ଟାଇଲ ସହାୟତାରେ ଜର୍ମାନୀର ଇଞ୍ଜିନିୟରଙ୍କ କାରିଗରି, ସ୍ଥାପତ୍ୟ ଓ କଳା ଏହି ଅଟ୍ଟାଳିକାରେ ଦେଖିବାକୁ ମିଳେ। ଶହଶହ ସୁନ୍ଦର କାଠ କବାଟ ଝରକାରେ ତିନି ପର୍ଯ୍ୟାୟରେ ନିର୍ମାଣ କରାଯାଇଥିବା ବେଳେ ମହାରାଣୀ ପ୍ରେମ କୁମାରୀଙ୍କ ଇଣ୍ଡୋର ସୁଇମିଂପୁଲ ମଧ୍ୟ ନିର୍ମାଣ ହୋଇଥିଲା। ଏହି ସୁଇମିଂପୁଲରେ କୌଣସି ଝରକା ନ ଥିବା ବେଳେ ଛାତରୁ ଲେନ୍ସ ସହାୟତାରେ ଆଲୋକୀକରଣ ବ୍ୟବସ୍ଥା ରହିଥିଲା।



ରାଜପ୍ରାସାଦ ବିଦ୍ୟୁତୀକରଣ ପାଇଁ ଇଂଲଣ୍ଡରୁ ଜେନେରେଟର ଆସିଥିଲା। ରାଜପ୍ରସାଦର ଉତ୍ତର ଦ୍ୱାର ଚାରମିନାର ସଦୃଶ। ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ତଥା ରାଜବଂଶରର କୁଳ ଦେବୀ ମା' କିଚକେଶ୍ୱରୀଙ୍କ ମନ୍ଦିର ଏହି ଦିଗରେ ବିରାଜମାନ। ରାଣୀ ମହଲା ଏବେ ଛାତ୍ରାବାସ ଭାବେ ବ୍ୟବହାର କରାଯାଉଛି। ଏଠାରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ, ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଓ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଅବସ୍ଥାନ କରିବା ସହିତ ରାଜକାର୍ଯ୍ୟ ତୁଲାଉଥିଲେ। ଉଚ୍ଚଶିକ୍ଷା ସୁବିଧା ପ୍ରଦାନ ଉଦ୍ଦେଶ୍ୟରେ ମହାରାଜା ପ୍ରତାପ ଚନ୍ଦ୍ର ଏହି ଅଟ୍ଟାଳିକାକୁ ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ ଭାବରେ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ତକତପୁରଠାରେ କାର୍ଯ୍ୟ କରୁଛି। କିନ୍ତୁ ଏଠାରେ ଏବେ ବି ଏମ୍‌ପିସି ଜୁନିୟର ଓ ମହିଳା ମହାବିଦ୍ୟାଳୟ କାର୍ଯ୍ୟ କରୁଛି। ସମ୍ମୁଖ ଭାଗରୁ ଝଲସୁଥିବା ଏହି ରାଜପ୍ରସାଦ ଦେଖିବାକୁ ପର୍ଯ୍ୟଟକ ଆସୁଥିଲେ ହେଁ ତାହା ବର୍ତ୍ତମାନ ବିପଦ ସଙ୍କୁଳ ଅବସ୍ଥାରେ। ପ୍ରସାଦର ୫ଟି ଅଂଶ ବ୍ୟବହାର ଅନୁପଯୋଗୀ ଓ ସମ୍ପୂର୍ଣ୍ଣ ଅସୁରକ୍ଷିତ ବୋଲି ପୂର୍ତ୍ତବିଭାଗ ପକ୍ଷରୁ ଦର୍ଶାଯାଇଛି । ଫଳରେ ୨୦୦ବର୍ଷର ପୁରୁଣା ଏହି ଐତିହାସିକ ଅଟ୍ଟାଳିକା ବର୍ତ୍ତମାନ ଭୁଶୁଡ଼ି ପଡ଼ିବା ସ୍ଥିତିରେ ଥିବା ଜଣାପଡ଼ିଛି । ଏହି ରାଜପ୍ରାସାଦକୁ ଆର୍କୋଲୋଜି ସର୍ଭେ ଅଫ୍ ଇଣ୍ଡିଆ ହାତକୁ ନେବା ସହ ସରକାର ଏହାକୁ ଐତିହ୍ୟ ଭାବେ ଘୋଷଣା କରି ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିବାକୁ ସାଧାରଣରେ ଦାବି ହେଉଛି ।

# ସଙ୍ଗୀତ ହିଁ ଏକମାତ୍ର ବ୍ରତ

## କଣ୍ଠଶିଳ୍ପୀ ଅଲରଜା ଖାନ୍

**ସନାତନ ରାଉତ**
**ଭଦ୍ରକ ଅଫିସ,୭।୯**

ପାଠପଢ଼ା ସହ ସଙ୍ଗୀତ ସାଧନାକୁ କରିଛନ୍ତି ଜୀବନର ବ୍ରତ। ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବେ ସାରା ଦେଶରେ ପରିଚୟ ସୃଷ୍ଟି କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ତୁଳସୀ ଦୁଇପତ୍ରରୁ ବାସିବା ପରି ପିଲାବେଳୁ କଣ୍ଠର ଯାଦୁ ତାଙ୍କୁ ପରିଚିତ କରାଇଛି। ତାଙ୍କ କଣ୍ଠସ୍ୱର ସମସ୍ତଙ୍କ ମନ ଜିଣି ନେଇଛି। ଏମିତି ଜଣେ ସୁମଧୁର କଣ୍ଠଶିଳ୍ପୀ ହେଉଛନ୍ତି ଭଦ୍ରକ ସହର ଗୌସିଆନଗରର ଅଲରଜା ଖାନ୍(୧୮)। କେବଳ ଭଦ୍ରକ ନୁହେଁ ଏବେ ସେ ଜାତୀୟସ୍ତରର କଣ୍ଠଶିଳ୍ପୀ ଭାବେ ପରିଚିତ। ଆଗାମୀ ଦିନରେ ସଙ୍ଗୀତରେ କ୍ୟାରିୟର କରିବାକୁ ସେ ଇଚ୍ଛା ରଖିଛନ୍ତି।

ଗୌସିଆନଗରର ସମସୁଦ୍ଦିନ ଖାନ୍ ଏବଂ ସମସାଦ୍ ବେଗମଙ୍କ ଝିଅ ଅଲରଜା। ବାପା ଜଣେ ବ୍ୟବସାୟୀ ହୋଇଥିବା ବେଳେ ମା' ପୁରୁଣାବଜାର ଥାନା ଅଞ୍ଚଳର ଶଙ୍କରପୁର ୟୁଜିଏମ୍ଇ ଉର୍ଦ୍ଦୁ ପ୍ରାଇମେରି ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ଅଲରଜା ଏବେ ଭଦ୍ରକର ଏନ୍‌ଆର୍‌ଆଇ ସ୍କୁଲରେ +୨ ବିଜ୍ଞାନର ୨ୟ ବର୍ଷ ଛାତ୍ରୀ। ଅଲରଜା କହନ୍ତି, ପିଲାଟି ବେଳୁ ତାଙ୍କର ସଙ୍ଗୀତ ପ୍ରତି ଆଗ୍ରହ ରହିଛି। ୪ ବର୍ଷ ବୟସରୁ ସେ ଗୀତ ଗାଇବା ଆରମ୍ଭ କରିଥିଲେ। ଆଈ ସାକେରା ଖାତୁନ ଜଣେ ଲେଖିକା ଏବଂ ସଙ୍ଗୀତପ୍ରେମୀ।




ପିଲାବେଳୁ ସଙ୍ଗୀତ ପ୍ରତି ଆକର୍ଷଣ ଦେଖି ଆଈ ତାଙ୍କୁ ରିଆଜ ଜାରି ରଖିବାକୁ ସବୁବେଳେ ପରାମର୍ଶ ଦେଇଥିଲେ। ଆଈଙ୍କଠାରୁ ପ୍ରେରଣା ପାଇ ଗୀତ ଗାଇବା ଜାରି ରଖିଥିଲେ। ଜଣେ ପ୍ରଶିକ୍ଷକ ତାଙ୍କ ଘରକୁ ଆସି କିଛିଦିନ ଗୀତ ଶିଖାଇଥିଲେ। ତେବେ ୟୁଟ୍ୟୁବ୍, ଫେସ୍‌ବୁକ୍‌ରେ କଳାକାରମାନଙ୍କୁ ଅନୁକରଣ କରି ସେ ଗୀତ ଅଭ୍ୟାସ କରୁଥିଲେ। ପ୍ରଥମେ ସ୍କୁଲ ଓ ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇ ବହୁ ଟ୍ରଫି ଓ ପ୍ରମାଣପତ୍ର ପାଇଥିଲେ। ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ୨୦୧୮ରେ ତରଙ୍ଗ ଟିଭି ଚ୍ୟାନେଲରେ ଏକ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ। କରୋନା ସମୟରେ ଅନ୍‌ଲାଇନରେ ୪/୫ଟି ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗନେଇ ବିଜେତା ହୋଇଥିଲେ। ଗତ ଜୁନ୍‌ରେ ହରିୟାଣାର ଫରିଦାବାଦଠାରେ ଇଣ୍ଡିଆ ପ୍ରାଉଡ ବୁକ୍ ଅଫ୍ ରେକର୍ଡସ ଅନୁଷ୍ଠାନ ତରଫରୁ ଆୟୋଜିତ ବେଷ୍ଟ ଆଚିଭର୍ସ ଆୱାର୍ଡ-୨୦୨୨ ଗ୍ରାଣ୍ଡ ଫିନାଲେରେ ଜିତି ସେ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଯୋଗଦେଇଥିବା ବଲିଉଡ୍‌ର ଗାୟକ ସଲ୍‌ମାନ ଅଲ୍ଲୀ ସୁନ୍ଦର ଗାଇବା ଶୈଳୀ ପାଇଁ ତାଙ୍କୁ ଭୂୟସୀ ପ୍ରଶଂସା କରିବା ସହ ପୁରସ୍କୃତ କରିଥିଲେ। ଏହାସହ ମୁମ୍ବାଇରେ ଏକ ରିଆଲିଟି ଶୋ' ପାଇଁ ସଲ୍‌ମାନଙ୍କ ସହ ପ୍ରମୋ ସୁଟିଂ କରାଯାଇଛି, ଯାହାକି ଜାତୀୟ ସ୍ତରର ଟିଭି ଚ୍ୟାନେଲରେ ପ୍ରସାରିତ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ମା' ବାପାଙ୍କ ସହଯୋଗ ଯୋଗୁ ଆଗକୁ ଯାଇପାରିଛି ବୋଲି ଅଲରଜା କହିଛନ୍ତି।


ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ମମତା ମହାପାତ୍ର
ସମ୍ପାଦିକା, ଯୁଗଶ୍ରୀ ଯୁଗନାରୀ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ହ୍ରିତିକ୍ ନାୟକ
ସଭାପତି, ହେଲ୍‌ପିଙ୍ଗ ସୋସାଇଟି,ବାଲେଶ୍ୱର

ଅଭିନନ୍ଦନ
ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ଖବରକାଗଜର ଉତ୍ତରୋତ୍ତର ଉନ୍ନତି ପାଇ କାମନା କରିବା ସହିତ ଅଭିନନ୍ଦନ ଜଣାଉଛି ।
B.K.STONE CARVING CO-OP. SOCIETY LTD.
NH-16, Soro, Balasore

ଅଭିନନ୍ଦନ
ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ସୋର ଶାଖା ତରଫରୁ ଶୁଭ ଅଭିନନ୍ଦନ ଜଣାଉଛି ।

ସଞ୍ଜୟ କୁମାର ମହାନ୍ତି
ଶାଖା ପରିଚାଳକ,ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ସୋର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ବିକ୍ରମ ପଣ୍ଡା
ଯୁବ ନେତା ତଥା ସମାଜସେବୀ, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ରାଧା କୃଷ୍ଣ ଆଚାର୍ଯ୍ୟ
ପ୍ରଡ୍ୟୁସର, ବର୍ଣ୍ଣିରତ୍ନ ପ୍ରଡକ୍ସନ,ୟୁଟ୍ୟୁବ୍ ଚ୍ୟାନେଲ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ସୂର୍ଯ୍ୟକାନ୍ତ କର
ସଭାପତି,ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ,ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ସାହିରୁଲ ହକ
ଆଇନଜୀବୀ, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ରଞ୍ଜିତା ମହାପାତ୍ର
କାଉନସିଲର,ମ୍ୟୁନିସିପାଲିଟି,ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ମିନତୀ ସେଠୀ
ଜିଲ୍ଲା ମହିଳା ସମ୍ପାଦିକା,ବିଜେଡି,ବାଲେଶ୍ୱର

ଅଭିନନ୍ଦନ
ଧରିତ୍ରୀର ଉତ୍ତର ଓଡ଼ିଶା ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଇଂ. ରାଜେଶ ମହାକୁଡ଼
ଯୁବନେତା,ଖଇରା,ସିମୁଳିଆ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ନିକୁଞ୍ଜ ବିହାରୀ ଦାସ
ବରିଷ୍ଠ ଚିତ୍ରଶିଳ୍ପୀ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଡା. ଅନ୍ତର୍ଯ୍ୟାମୀ ମହାପାତ୍ର
ସାଧାରଣ ସମ୍ପାଦକ,ନେସ୍କୋ ଶକ୍ତି କର୍ମଚାରୀ ସଂଘ,ବାଲେଶ୍ୱର

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ଉତ୍ତର ଓଡ଼ିଶାର ସମସ୍ତ ପାଠକ, ପାଠିକାମାନଙ୍କୁ ଶ୍ରୀରାମ ରେସିଡେନସିଆଲ କଲେଜ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଅନେକ ଅନେକ ଶୁଭେଚ୍ଛା ।


ଶ୍ରୀଯୁକ୍ତ ରବୀନ୍ଦ୍ରନାଥ ଦେ
ସମ୍ପାଦକ,ଶ୍ରୀରାମ ରେସିଡେନସିଆଲ କଲେଜ,ସୋର
+୨ ବିଜ୍ଞାନ ଓ +୩ ବିଜ୍ଞାନ

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ପ୍ରଦୀପ୍ତ କୁମାର ପଣ୍ଡା
ଚାର୍ଟାର୍ଡ ଆକାଉଣ୍ଟାଣ୍ଟ,ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଜୀବନ ପ୍ରଦୀପ ଦାଶ
ପୂର୍ବତନ ବିଧାୟକ,ବାଲେଶ୍ୱର

ପ୍ରଗତି ପଥେ ଖଇରା ବ୍ଲକ ଗୋବିନ୍ଦପୁର ଗ୍ରାମପଞ୍ଚାୟତ

* ନୂତନ ଭାବେ ୩୦୦, ମୋଟ ୭୫୦ଜଣଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନ। * ନୂତନ ଭାବେ ୨୫୦, ମୋଟ ୧୩୭୦ଜଣଙ୍କୁ ରେସନ କାର୍ଡ ପ୍ରଦାନ। * ବସୁନ୍ଧରା ଯୋଜନାରେ ପ୍ରତ୍ୟେକ ୱାର୍ଡକୁ ଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା। * ସ୍ୱଚ୍ଛ ଭାରତ ଯୋଜନାରେ ପ୍ରତ୍ୟେକ ପରିବାର ପାଇଁ ପାଇଖାନା ବ୍ୟବସ୍ଥା। * ପଞ୍ଚାୟତ ଖେଳପଡ଼ିଆର ପୁନରୁଦ୍ଧାର ଓ ଅଧିକାଂଶ ଗ୍ରାମକୁ କଂକ୍ରିଟ ରୋଡ୍ ବ୍ୟବସ୍ଥା। * ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଉତ୍ପାଦନକ୍ଷମ ନିମନ୍ତେ ସହଯୋଗ।
ରଶ୍ମିବାଳା କର
ସରପଞ୍ଚ

ପାର୍ବତୀ ବାରିକ
ସମିତି ସଭ୍ୟା

ଅଭିନନ୍ଦନ
'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଗୋବିନ୍ଦ ଚନ୍ଦ୍ର ଦାସ
ପୂର୍ବତନ ବିଧାୟକ,ରେମୁଣା, ବାଲେଶ୍ୱର

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/22-23/E-Tender/71 ତା.05.09.2022ରିଖ

(1) ଟେଣ୍ଡର ସଂ. etender-North-KUR-202-2022, ତା.19.08.2022ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କେନ୍ଦୁଝରଗଡ଼ ରେଳ ଷ୍ଟେସନର ପ୍ରସ୍ତାବିତ ଉନ୍ନୟନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 153.22 ଲକ୍ଷ, EMD (ଟଙ୍କାରେ) : 2,26,600.00, ଶେଷ ହେବା ଅବଧି : 06 (ଛଅ) ମାସ ।

(2) ଟେଣ୍ଡର ସଂ. etender-North-KUR-203-2022, ତା.19.08.2022ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯାଜପୁର-କେନ୍ଦୁଝର ରୋଡ୍ ରେଳ ଷ୍ଟେସନର ପ୍ରସ୍ତାବିତ ଉନ୍ନୟନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 252.58 ଲକ୍ଷ, EMD (ଟଙ୍କାରେ) : 3,26,300.00, ଶେଷ ହେବା ଅବଧି : 08 (ଆଠ) ମାସ ।

(3) ଟେଣ୍ଡର ସଂ. etender-North-KUR-204-2022, ତା.20.08.2022ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ ରେଳ ଷ୍ଟେସନର ପ୍ରସ୍ତାବିତ ଉନ୍ନୟନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 253.32 ଲକ୍ଷ, EMD (ଟଙ୍କାରେ) : 2,76,700.00, ଶେଷ ହେବା ଅବଧି : 180 ଦିନ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.14.09.2022ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-464/N/22-23


# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ତଦନ୍ତ ଆରମ୍ଭ




ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ତଦନ୍ତ କରିବାକୁ ଆସିଥିବା ଅଧିକାରୀମାନେ ।

**କୋରେଇ, ୭।୯ (ସ୍ୱ.ପ୍ର.)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ କୋରେଇ ବ୍ଲକରେ ହୋଇଥିବା ଦୁର୍ନୀତିର ତଦନ୍ତ ଆରମ୍ଭ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର କେନ୍ଦ୍ରୀୟ ଟିମ୍ ବୁଧବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କେନ୍ଦ୍ରୀୟ ଟିମ୍ ନେତୃତ୍ୱରେ ପ୍ରଥମେ ବ୍ଲକର ସମସ୍ତ ଯନ୍ତ୍ରୀ, ଜିଆର୍‌ଏସ, ବିଡିଓ, ଏବିଡିଓଙ୍କ ଉପସ୍ଥିତରେ ଏକ ବୈଠକ କରାଯାଇଥିଲା। ପରେ ତଦନ୍ତକାରୀ ଅଧିକାରୀମାନେ ବ୍ଲକ ଅଧୀନ ବରୁଣ୍ଡାଇ ପଞ୍ଚାୟତର ବିଭିନ୍ନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ବୁଲି ଦେଖିଥିଲେ। ବରୁଣ୍ଡାଇ ପଞ୍ଚାୟତରେ ଖେଳ ପଡ଼ିଆ ଉନ୍ନତି କାର୍ଯ୍ୟ ୨୦୧୮-୧୯ରେ ହୋଇଥିବା ବେଳେ ଆଉ ଏକ କାମ ୨୦୨୦-୨୧ ରେ ହୋଇଥିବା ଜିଆର୍‌ଏସ ପ୍ରକାଶ କରିଥିଲେ। କିନ୍ତୁ ୨୦୧୮-୧୯ର ସୂଚନା ଫଳକ ଥିବା ବେଳେ ୨୦୨୦-୨୧ର ସୂଚନା ଫଳକ ନ ଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ତଦନ୍ତକାରୀ ଅଧିକାରୀମାନେ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ପରେ ପଞ୍ଚାୟତ ଅଫିସକୁ ତଦନ୍ତକାରୀ ଦଳ ଆସି ସମସ୍ତ ପୁରୁଣା ଫାଇଲ ଦେଖିଥିଲେ। ଏହି ତଦନ୍ତ କାରୀ ଦଳରେ ପ୍ରଦୋଷ କୁମାର ଦାସ, ରଶ୍ମିରଞ୍ଜନ ମିଶ୍ର, ସୁଶାନ୍ତ କୁମାର ସେନାପତିଙ୍କ ସହିତ କୋରେଇ ବିଡିଓ ରଞ୍ଜନ କୁମାର ପରିଡ଼ା ତଦନ୍ତ କରିଥିଲେ। ଯନ୍ତ୍ରୀ ଶକ୍ତିପ୍ରସାଦ ସାହୁ, ସହକାରୀ ଯନ୍ତ୍ରୀ ରଶ୍ମିତା ତରାଇ, ଜିଆର୍‌ଏସ୍ ସସ୍ମିତା ସାହୁ, ପିଇଓ ନାରାୟଣ ବେହେରା ଓ ସରପଞ୍ଚ ଲିପ୍ସା ପରିଡ଼ା ତଦନ୍ତାଙ୍କାରୀ ଅଧିକାରୀଙ୍କୁ ସହଯୋଗ କରିଥିଲେ।

# ମା’ ବିରଜାଙ୍କ ପୂଜୋତ୍ସବ କାର୍ଯ୍ୟସୂଚୀ ଚୂଡ଼ାନ୍ତ

**ଯାଜପୁର ଟାଉନ, ୭।୯ (ଡି.ଏନ.ଏ.)**

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ଶାରଦୀୟ ପୂଜାତ୍ସୋବ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ କାର୍ଯ୍ୟସୂଚୀ ଚୂଡ଼ାନ୍ତ କରାଯାଇଛି। ଏନେଇ ପଣ୍ଡିତ ସଭା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେବାୟତ ପରିଷଦ ପ୍ରତିନିଧିମାନେ ମଧ୍ୟ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଦେବୀଙ୍କ ସିଂହଧ୍ୱଜ ନିର୍ମାଣ ପାଇଁ ପୂଜାପାଠ ଆରମ୍ଭ ହୋଇଥିଲା। ପୂଜା ପରେ ବିଲ୍ୱକାଷ୍ଠ ସଂଗ୍ରହ ପାଇଁ ପଣ୍ଡିତ ଓ ସେବାୟତଙ୍କ ପକ୍ଷରୁ ବନଜାଗ ଯାତ୍ରା କରାଯିବ। ମନ୍ଦିର ଟ୍ରଷ୍ଟୀ ତଥା ପଣ୍ଡିତ ସଭା ସଭାପତି ଉପଜିଲାପାଳ ଗୋପୀନାଥ କୁଅଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ପୁରୋଧା ତଥା ସମ୍ପାଦକ ଡ. ଜ୍ଞାନରଞ୍ଜନ ପତି ପୂଜା ଉତ୍ସବର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ବନଜାଗ ଯାତ୍ରାର ସଞ୍ଚାଳନ କରିଛନ୍ତି। ସୁନିଆଠାରୁ ଦେବୀଙ୍କ ପାର୍ବଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୭ ତାରିଖ ମୂଳାଷ୍ଟମୀଠାରୁ ଦେବୀଙ୍କ ଷୋଡ଼ଶ ଦିବସୀୟ ପୂଜାରମ୍ଭ କରାଯିବ। ୧୮ରୁ ୨୪ ପର୍ଯ୍ୟନ୍ତ ସିଂହାସନେ ଓ ଯଜ୍ଞ ମଣ୍ଡପେ ଦିବାରାତ୍ରେ ଷୋଡଶୋପଚାର, ପୂଜା(ନିତ୍ୟ) ଜପାନୁଷ୍ଠାନ ଅନୁଷ୍ଠିତ ହେବ। ୨୫ ତାରିଖ ମହାଳୟା ଅମାବାସ୍ୟାରେ ନାଭୀଗୟାରେ ପିତୃ ଶ୍ରାଦ୍ଧ ସହିତ ବିରଜାଙ୍କ ସିଂହଧ୍ୱଜ ରଥର ଅଧିବାସ କରାଯିବ। ୨୬ରେ ରଥ ପ୍ରତିଷ୍ଠା ଓ ୨୭ ଏବଂ ୨୮ ଦିନ ଅପରାହ୍ନ ୪ଟାରୁ ରଥଟଣା ଶୁଭାରମ୍ଭ ହେବ। ୨୯ରେ ବିରଜାଙ୍କ ୫ମୀ କଳ୍ପ, ଯଜ୍ଞାରମ୍ଭ(ରାତି ୧୨.୨୯ପରେ ମହାସ୍ନାନ ଓ ସୁନାବେଶ) ହେବ।

ଅକ୍ଟୋବର ୨ରେ ବିରଜାଙ୍କ ମହାଷ୍ଟମୀ ପୂଜା ପାଳନ ହେବାକୁ ଥିବା ବେଳେ ୩ ତାରିଖ ମହାନବମୀ ଦିନ ଲାଖବିନ୍ଧା ଯାତ୍ରା ଅନୁଷ୍ଠିତ ହେବ। ୪ରେ ବିଜୟା ଦଶମୀ ପାଳନ ସହ ବିରଜାଙ୍କ ଦଶହରା ପର୍ବ ଅନୁଷ୍ଠିତ ହେବ। ୯ ତାରିଖରେ କୁମାରୋତ୍ସବ ତଥା ବିରଜାଙ୍କ ଅକ୍ଷ କ୍ରୀଡା ସଂପନ୍ନ ହେବ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ସବୁ ବର୍ଗର ସେବାୟତଙ୍କ ଏକ ବୈଠକ ମଧ୍ୟ ମ୍ୟାନେଜିଂ ଟ୍ରଷ୍ଟୀ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପଣ୍ଡିତ ସଭାରେ ସଦସ୍ୟ ତଥା ସେବାୟତ ପରିଷଦର ସଭାପତି ଦେବୀ ପ୍ରସନ୍ନ ପାଣି, ପଣ୍ଡିତ ବାଲୁକେଶ୍ୱର ଦ୍ୱିବେଦୀ, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ହିମାଂଶୁ ଶେଖର ପତିମିଶ୍ର, ପ୍ରଭଞ୍ଜନ ପତି, ସରୋଜ କୁମାର ପତି, ସତ୍ୟନାରାୟଣ କର, ସୁବାସ ଚନ୍ଦ୍ର ପାଣି, ନିତ୍ୟାନନ୍ଦ ଦେଓ, ଡ. ସୁରେନ୍ଦ୍ର ମିଶ୍ର, ଅଦ୍ୱୈତ ପ୍ରସାଦ ମିଶ୍ର, ବିଶ୍ୱମ୍ଭର ମିଶ୍ର, ଭୂପତି ଭୂଷଣ ମିଶ୍ର, ଅଜୟ କୁମାର ନନ୍ଦ, ରବୀନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ପୂଜାତ୍ସୋବକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ଉପଜିଲାପାଳ କୁଅଁର ସମସ୍ତଙ୍କ ସହଯୋଗ ଲୋଡିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ମଳୟ କୁମାର ପଣ୍ଡା ଉପସ୍ଥିତ ଥିଲେ।

# ଖରସ୍ରୋତାରେ ଭାସୁଛି ନିଖୋଜ ଯୁବକଙ୍କ ମୃତଦେହ

**ବିଞ୍ଝାରପୁର,୭।୯(ଡି.ଏନ.ଏ.)**

## ଉଦ୍ଧାର ପାଇଁ ପରିବାରର ଆକୁଳ ନିବେଦନ

ବିଞ୍ଝାରପୁର ଥାନା ଛକର ଅଭିମନ୍ୟୁ ପୋଥାଳଙ୍କ ପୁଅ ମୁନା ପୋଥାଳ(୨୧)ଙ୍କ ମୃତଦେହ ଉଦ୍ଧାର ପାଇଁ ତାଙ୍କ ପରିବାର ପକ୍ଷରୁ ନିବେଦନ କରାଯାଇଛି। ଗତ ଶୁକ୍ରବାର ମଧ୍ୟାହ୍ନରୁ ମୁନା ନିଖୋଜ ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ବେଳେ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ଖରିଅଣ୍ଟା ନିକଟ ଖରସ୍ରୋତା ନଦୀରେ ମୁନାଙ୍କ ମୃତଦେହ ଜାଲରେ ଲାଗିଥିବା ଖବର ପାଇ ଗ୍ରାମବାସୀ ପହଞ୍ଚିଥିଲେ। ସେତେବେଳକୁ ଖରିଅଣ୍ଟାରେ ଜାଲ ବସାଇଥିବା ଲୋକ ମୃତଦେହ ଜାଲରୁ କାଢି ନଦୀରେ ଭସାଇ ଦେଇଥିବା କହିବା ସହ ପାଣିରେ ଭାସୁଥିବା ମୁନାଙ୍କ ଏକ ଫଟୋ ଗ୍ରାମବାସୀଙ୍କୁ ଦେଖାଇଥିଲେ। ମୁନାଙ୍କ ପରିବାର ଲୋକ ଏହାକୁ ଚିହ୍ନଟ କରିବା ସହ ବିଞ୍ଝାରପୁର ଥାନାକୁ ଜଣାଇଥିଲେ। ପରେ ବିଞ୍ଝାରପୁର ଆଇଆଇସି ରଞ୍ଜିତ ମହାନ୍ତିଙ୍କ ସହାୟତାରେ ଆଳି ଥାନା ପୋଲିସ ଓ ଅଗ୍ନିଶମ କର୍ମଚାରୀ ମୁନାଙ୍କୁ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ଶେଷରେ ମୁନାଙ୍କ ପରିବାର ନିରାଶ ହୋଇ ଘରକୁ ଫେରିଥିଲେ।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

**ଚଣ୍ଡିଖୋଲ, ୭।୯(ଡି.ଏନ.ଏ.)**

ବଡ଼ଚଣା ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ହରିଶ୍ଚନ୍ଦ୍ର ପ୍ରଧାନଙ୍କ ପରଲୋକ ହୋଇଛି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ସମସ୍ୟାରେ ପୀଡ଼ିତ ହୋଇ ସେ ଚିକିତ୍ସାଧୀନ ଥିଲେ। ବୁଧବାର ଅପରାହ୍ନରେ



ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ଡାକ୍ତରଖାନା ନେଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବଡ଼ଚଣା ବ୍ଲକ ତାଲୁଆ-ବାଲିକୁଦା ଗ୍ରାମରେ ଜନ୍ମଗ୍ରହଣ କରିଥିବା ପ୍ରଧାନ ୧୯୬୭ରେ ପ୍ରଥମେ ବଡ଼ଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଓ ୧୯୭୧ ଏବଂ ୧୯୭୪ରେ ୨ଥର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୧୯୮୫ରେ ସେ ସ୍ୱାଧୀନ ଭାବେ ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ତାଲୁଆ, ବାଲିକୁଦା ଓ ଉଦୟଗିରି ଅଞ୍ଚଳର ଜଣେ ମୁରବି ଭାବେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହେବା ସହିତ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖିଥିଲେ। ସେ ଉଦୟଗିରିସ୍ଥିତ ବୁଦ୍ଧଦେବ କଲେଜର ଅନ୍ୟତମ ପ୍ରତିଷ୍ଠାତା, ରଇପୁର ହାଇସ୍କୁଲ ପରିଚାଳନା ସମିତି ସମ୍ପାଦକ ଏବଂ ଉଦୟଗିରି ବୁଦ୍ଧ ମହୋତ୍ସବ ସମିତିରେ ଉପଦେଷ୍ଟା ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କ ବିୟୋଗରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ରାଜ୍ୟ ବିଜେଡି ସମ୍ପାଦକ ଜନ୍ମେଜୟ ଲେଙ୍କା, ଦିବାକର ବିଶ୍ୱାଳ, ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ସାହୁ, କଂଗ୍ରେସ ନେତା ଅଜୟ ସାମଲ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରଭାକର ଶତପଥୀ, ଡ. ଅରୁନ୍ଧତୀ ଦେବୀ, ବିପିନବିହାରୀ ଦକ୍ଷିଣରାୟ, ଶିକ୍ଷାବିତ୍ ଲୋକନାଥ ଦାସ, ଅର୍ଜୁନ ଚରଣ ରାଉତ, ଆଇନଜୀବୀ ପ୍ରକାଶ କୁମାର ଦାଶ, ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ମା’ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଣ

**ଧର୍ମଶାଳା, ୭।୯ (ଡି.ଏନ.ଏ.)**

ଧର୍ମଶାଳା ମହୋତ୍ସବ ପୂଜା କମିଟି ଜାରକା ପକ୍ଷରୁ ସୁନିଆ ଅବସରରେ ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଲାଗି ବୁଧବାର ବ୍ରାହ୍ମଣୀ ନଦୀରୁ ମାଟି ଉଠାଣ କରାଯାଇଛି। କମିଟି ପକ୍ଷରୁ ଉପସଭାପତି ଇନ୍ଦ୍ରମଣି ନାୟକ, ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସହସମ୍ପାଦକ ଆନନ୍ଦ ବିହାରୀ ନାୟକ, ସଦସ୍ୟ କିଶୋର ଚନ୍ଦ୍ର ନାୟକ, ରାମଚନ୍ଦ୍ର ମଲିକ, କ୍ଷୀରୋଦ ମୁଦୁଲି, ଅର୍ଜୁନ ଚରଣ ସାହୁ, ହାଡ଼ିବନ୍ଧୁ ନାୟକ, ବିକାଶ ଜେନା, ଅନନ୍ତ ପ୍ରଧାନ ଓ କାଶୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରାହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ପୀଠାରେ ପୂଜକ ପ୍ରମୋଦ କୁମାର ପାଢୀ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ସୁଦୀପ୍ତ ସ୍ୱାଇଁ ଓ ଉପକର୍ତ୍ତା ଅନିରୁଦ୍ଧ ରାଉତ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ଅକ୍ଟୋବର ୨ରେ ମା’ ଦୁର୍ଗାଙ୍କ ସପ୍ତମୀ ପୂଜା ଆରମ୍ଭ ହେଉଥିବା ବେଳେ ୫ରେ ଦଶହରା ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମହାନ୍ତି ସୂଚନା ଦେଇଛନ୍ତି।














































**ପୂର୍ବ ତଟ ରେଳପଥ**
ଫାଇଲ ସଂ. DRM/Engg/KUR/22-23/E-Tender/71 ତା.05.09.2022ରିଖ
(1) ଟେଣ୍ଡର ସଂ. etender-North-KUR-202-2022, ତା.19.08.2022ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର କେନ୍ଦୁଝରଗଡ଼ ରେଳ ଷ୍ଟେସନର ପ୍ରସ୍ତାବିତ ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 153.22 ଲକ୍ଷ, EMD (ଟଙ୍କାରେ) : 2,26,600.00, ଶେଷ ହେବା ଅବଧି : 06 (ଛଅ) ମାସ ।
(2) ଟେଣ୍ଡର ସଂ. etender-North-KUR-203-2022, ତା.19.08.2022ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଯାଜପୁର-କେନ୍ଦୁଝର ରୋଡ୍ ରେଳ ଷ୍ଟେସନର ପ୍ରସ୍ତାବିତ ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 252.58 ଲକ୍ଷ, EMD (ଟଙ୍କାରେ) : 3,26,300.00, ଶେଷ ହେବା ଅବଧି : 08 (ଆଠ) ମାସ ।
(3) ଟେଣ୍ଡର ସଂ. etender-North-KUR-204-2022, ତା.20.08.2022ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ ରେଳ ଷ୍ଟେସନର ପ୍ରସ୍ତାବିତ ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 253.32 ଲକ୍ଷ, EMD (ଟଙ୍କାରେ) : 2,76,700.00, ଶେଷ ହେବା ଅବଧି : 180 ଦିନ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.14.09.2022ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-464/N/22-23

# ଭସାଣି ବେଳେ ଡିଜେ ଗାଡ଼ି ଜବତକୁ ନେଇ ବିବାଦ

**ନୟାଗଡ଼ ଅଫିସ/ରଣପୁର, ୭।୯**


ପୋଲିସ ସହିତ ଗ୍ରାମବାସୀ ଯୁକ୍ତିତର୍କ କରୁଛନ୍ତି ।

- ଗାଁ ଲୋକ-ପୋଲିସ ମୁହାଁମୁହିଁ
- ଜବତ ଗାଡ଼ି ଛାଡ଼ିବା ପରେ ଉତ୍ତେଜନା ଥମିଲା
- ପାର୍ବଣ କଟକଣା ବାଟବଣା

ଗଣେଶ ପୂଜାରୁ ପାର୍ବଣ କଟକଣା ନୟାଗଡ଼ ଜିଲା ପ୍ରଶାସନ ଲାଗୁ କରିଛି । ଟ୍ରାଫିକ ସମସ୍ୟା, ଅଘଟଣ ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ପରିସ୍ଥିତିକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲାପାଳ ପୋମା ଟୁଡୁ ଜିଲାର ବିଭିନ୍ନ ଥାନାର ଆଇଆଇସି, ତହସିଲଦାର, ବିଡିଓ, ମ୍ୟୁନିସିପାଲିଟି, ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ଭିଡିଓ କନଫେରେନ୍ସରେ ପାର୍ବଣ କଟକଣା ସମ୍ପର୍କରେ ଅବଗତ କରାଇଥିଲେ । ଏହାସତ୍ତ୍ୱେ ଜିଲାରେ ପାର୍ବଣ କଟକଣା ଠିକ୍‌ରେ କାମ କରୁନି । ରଣପୁର ଥାନା ରାଜସୁନାଖଳା ଫାଣ୍ଡି ସୁନାଖଳାରେ ମଙ୍ଗଳବାର ରାତିରେ ଗଣେଶ ଠାକୁରଙ୍କ ଭସାଣି ଯାତ୍ରାରୁ ଡିଜେ ଗାଡିକୁ ଜବତ କରିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ଘଟଣାକୁ ନେଇ ଫାଣ୍ଡି ପୋଲିସଙ୍କ ସହ ସ୍ଥାନୀୟ ଲୋକଙ୍କ କଥା କଟାକଟି, ଯୁକ୍ତିତର୍କ ହୋଇଥିଲା । ପରିସ୍ଥିତି ଏପରି ହୋଇଥିଲା ଗାଁ ଲୋକ ଫାଣ୍ଡି ଅଧିକାରୀଙ୍କ ସମେତ ପୋଲିସ କର୍ମଚାରୀଙ୍କୁ ଅଟକ ରଖିଥିଲେ । ପରବର୍ତ୍ତୀ ସମୟରେ ରଣପୁର ଥାନା ଆଇଆଇସି ନିହାର ରଞ୍ଜନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ରୋଷର ଶିକାର ହୋଇ ଅଟକ ଥିଲେ । ଜବତ ଡିଜେ ଗାଡିକୁ ଛାଡି ପୋଲିସ ଆସିବା ପରେ ଉତ୍ତେଜନା ଥମିଥିଲା । ତେବେ ବୁଧବାର ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରିଛି । ତେବେ ରିପୋର୍ଟ ଲେଖା ହେବା ସୁଦ୍ଧା ମାମଲା ରୁଜୁ ହୋଇନାହିଁ । ଅପରପକ୍ଷେ ରଣପୁରର ପ୍ରଗତି ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ୪ଦିନ ଭଜନ ସନ୍ଧ୍ୟାର ଆସର ହୋଇଥିଲା । ଅନୁଷ୍ଠାନର ସଭାପତି ଲିଙ୍ଗରାଜ ନାୟକ ଓ ସମ୍ପାଦକ କୃଷ୍ଣ ଦାସ ଏହାକୁ ପରିଚାଳନା କରିଥିଲେ ।

ଡିଜେରେ କମ୍ପିଲା ବାଲୁଗାଁ

ଗଣେଶ ପୂଜାର ଭସାଣିରେ ବାଲୁଗାଁ ବଜାର ଓ ଗାଁ ଥରିଥିଲା । ଏଥିରେ ଡିଜେ ବାଜୁଥିବାବେଳେ ପୋଲିସ ଏହାକୁ ବନ୍ଦ କରି ନ ଥିଲା । ବାଲୁଗାଁ ନୟାଗଡ଼ ସଦର ଥାନା ଅଞ୍ଚଳରେ ଯାଉଛି । ପୋଲିସର ନିରବତା ପାର୍ବଣ କଟକଣାକୁ ବାଟବଣା କରିଛି । ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ଡିଜେ ଗାଡି ଉପରେ କଟକଣା ଲାଗୁ କରିଥିବାବେଳେ ସଦର ଥାନା ପୋଲିସର କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷେ ନୟାଗଡ଼ ସହରର ଭସାଣିରେ ପାରମ୍ପରିକ ବାଜା ବାଜୁଥିବା ଦେଖିବାକୁ ମିଳିଥିଲା ।

# ୧୪ ଦିନରେ ସଫେଇ କର୍ମଚାରୀଙ୍କ ଧାରଣା

**ଖଣ୍ଡପଡ଼ା,୭।୯(ସ୍ୱ.ପ୍ର.)**

## ମୁଖ୍ୟ ଫାଟକରେ ତାଲା ପକାଇଲେ

ସଫେଇ କର୍ମଚାରୀମାନେ ପରିମଳ ବ୍ୟବସ୍ଥାର ଘରୋଇକରଣକୁ ବିରୋଧ କରି ଆଜକୁ ୧୪ ଦିନ ହେଲା ଖଣ୍ଡପଡା ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ବୁଧବାର ସଫେଇ କର୍ମଚାରୀମାନେ ଏନଏସି କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ଝୁଲାଇ ଧାରଣା ଦେବା ଫଳରେ କର୍ମଚାରୀମାନେ କାର୍ଯ୍ୟାଳୟ ପରିସରକୁ ଯାଇପାରି ନ ଥିଲେ । ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଏ ସମ୍ପର୍କରେ ଖଣ୍ଡପଡା ଥାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆଇଆଇସି ରମେଶ କୁମାର ଦେବତା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନରତ ସଫେଇ କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ । ପରବର୍ତ୍ତୀ ସମୟରେ ଖଣ୍ଡପଡା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମହାପାତ୍ର ସଫେଇ କର୍ମଚାରୀମାନଙ୍କୁ ବୁଝାଶୁଝା କରିବା ସହ ଏ ସମ୍ପର୍କରେ ଜିଲା ପ୍ରଶାସନିକ ଅଧିକାରୀ ଓ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ପୋଲିସ ଓ ଏନଏସି କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏନଏସି କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ପଡିଥିବା ତାଲା ଖୋଲାଯାଇଥିଲା । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସଫେଇ କର୍ମଚାରୀମାନଙ୍କର ଧାରଣା ଚାଲୁ ରହିଛି । ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମହାପାତ୍ରଙ୍କୁ ପଚାରିବାରେ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି ।

ଶୁଭେଚ୍ଛା
ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ଜୀବନବ୍ୟାପୀ ସାଧନା ସମ୍ମାନ ରେ
ପୁରସ୍କୃତ ହୋଇଥିବାରୁ ତାଙ୍କୁ ଶୁଭେଚ୍ଛା
ଜଣାଇବା ସହ ଶ୍ରୀଜଗନ୍ନାଥଙ୍କ ନିକଟରେ
ତାଙ୍କର ସୁସ୍ଥ ଓ ଦୀର୍ଘ ଜୀବନ କାମନା କରୁଛି ।
ପାଉଲ ପ୍ରଧାନ, ସରପଞ୍ଚ
ପ୍ଲିହେରୀ ଗ୍ରାମପଞ୍ଚାୟତ,ଦାରିଙ୍ଗବାଡି ବ୍ଲକ,ଜିଲ୍ଲା-କନ୍ଧମାଳ

ଶୁଭେଚ୍ଛା ବାର୍ତ୍ତା
ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶନ ପାଇଁ ଧରିତ୍ରୀ ସବୁବେଳେ ଆଗରେ । ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାର ସହିତ ବାଲିଆପାଳବାସୀଙ୍କୁ ଅଭିନନ୍ଦନ ଓ ଆନ୍ତରିକ ଶୁଭେଚ୍ଛା ।
ଦୀପକ କୁମାର ଦାଶ
ବାଲିଆପାଳ ତହସିଲଦାର

ଶୁଭେଚ୍ଛା ବାର୍ତ୍ତା
ନିରପେକ୍ଷ ସମାଚାର ପ୍ରସାରଣରେ ଅଗ୍ରଗଣ୍ୟ ସମ୍ବାଦପତ୍ର ଧରିତ୍ରୀର ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାର ସହିତ ବାଲିଆପାଳବାସୀଙ୍କୁ ଅଭିନନ୍ଦନ ଓ ଆନ୍ତରିକ ଶୁଭେଚ୍ଛା ।
ପ୍ରଶାନ୍ତ କୁମାର ପ୍ରାମାଣିକ
କନିଷ୍ଠ ଯନ୍ତ୍ରୀ,ବାଲିଆପାଳ ବ୍ଲକ

# ନିଲମ୍ବିତ ହେଲେ ଜିଲା ଶ୍ରମ ଅଧିକାରୀ

**ନୟାଗଡ଼ ଅଫିସ,୭।୯:** ରାଜ୍ୟ ଲେବର କମିଶନର ଏନ୍. ଥିରୁମାଲା ନାୟକ ନୟାଗଡ଼ ଜିଲା ଶ୍ରମ ଅଧିକାରୀ ପରମିତା ମିଶ୍ରଙ୍କୁ ମଙ୍ଗଳବାର ଚିଠି ନଂ. ୭୪୦୨/୨୨ରେ ନିଲମ୍ବନ କରିଛନ୍ତି । ସରକାରୀ କାର୍ଯ୍ୟରେ ଅବହେଳା ନେଇ ଜିଲା ଶ୍ରମ ଅଧିକାରୀ ନିଲମ୍ବିତ ହୋଇଛନ୍ତି । ପୂର୍ବରୁ କୋଭିଡ ପରିଚାଳନାରେ ଅବହେଳା କରିବା ଅଭିଯୋଗରେ ପୁରୀ ଜିଲାରେ ନିଲମ୍ବିତ ହୋଇଥିଲେ । ସରକାରୀ କାର୍ଯ୍ୟରେ ଅବହେଳା ଓ ଅସହଯୋଗ ନେଇ ଜିଲାର ବିଭିନ୍ନ ଶ୍ରମି ସଙ୍ଗଠନ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ ନାଁରେ ଅଭିଯୋଗ କରି ଆସୁଥିଲେ । ହେଲେ କାର୍ଯ୍ୟକ୍ଷେତ୍ରରେ ତାଙ୍କର କିଛି ପରିବର୍ତ୍ତନ ଆସି ନ ଥିଲା ।

ଶୁଭେଚ୍ଛା
ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ଜୀବନବ୍ୟାପୀ ସାଧନା ସମ୍ମାନରେ
ପୁରସ୍କୃତ ହୋଇଥିବାରୁ ତାଙ୍କୁ ଶୁଭେଚ୍ଛା
ଜଣାଇବା ସହ ଶ୍ରୀଜଗନ୍ନାଥଙ୍କ ନିକଟରେ
ତାଙ୍କର ସୁସ୍ଥ ଓ ଦୀର୍ଘ ଜୀବନ କାମନା କରୁଛି ।
ଅରୁଣ କୁମାର ଗୌଡ଼, ସମିତିସଭ୍ୟ
ପ୍ଲିହେରୀ ଗ୍ରାମପଞ୍ଚାୟତ,ଦାରିଙ୍ଗବାଡି ବ୍ଲକ, ଜିଲ୍ଲା-କନ୍ଧମାଳ

ଭଣ୍ଡାରିପୋଖରୀ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ।
ସୁମତି ସେଠୀ
ଅଧ୍ୟକ୍ଷା, ଭଣ୍ଡାରିପୋଖରୀ ବ୍ଲକ

ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ।
ଇଂ.ପ୍ରୟାସକାନ୍ତି ସାମଲ (ଲୁଲୁ)
ବିଧାୟକଙ୍କ ପ୍ରତିନିଧି ତଥା ରାଜ୍ୟ ସମ୍ପାଦକ,ବିଜୁ ଜନତା ଦଳ, ଓଡ଼ିଶା

# ଶ୍ରୀରଘୁନାଥଙ୍କ ପୀଠରେ ସୁନିଆ ପର୍ବ

## ସୁନା ଥାଳିଆରେ ଶ୍ରୀଜୀଉଙ୍କୁ କାକରା ପିଠା ଭୋଗଲାଗି

**ଓଡ଼ଗାଁ,୭।୯(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ବୁଧବାର ସୁନିଆ ପର୍ବ ପାଳିତ ହୋଇଛି । ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ସୁନିଆ ଓ ବାମନ ଜନ୍ମ ମହୋତ୍ସବ ଅନୁଷ୍ଠିତ ହେବା ସହିତ ପରମ୍ପରା ଅନୁସାରେ ଏହି ଦିନ ଠାରୁ ଗଜପତି ମହାରାଜାଙ୍କ ନାମରେ ନୂତନ ଅଙ୍କ ପ୍ରଚଳନ କରାଯାଇ ୧୪୩୦ ସାଲ ଆରମ୍ଭ ହୋଇଛି । ଦୈନନ୍ଦିନ ନୀତି ସମ୍ପନ୍ନ ହେବା ପରେ ଶ୍ରୀଜୀଉମାନେ ସୁନାବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ମଧ୍ୟାହ୍ନରେ ସୁନିଆଁ ନୀତି ଆରମ୍ଭ ହେବାରେ ଶ୍ରୀଜୀଉମାନେ ସୁନିଆ ବିଧିବିଧାନ ନିମନ୍ତେ ଜୟ ବିଜୟ ଦ୍ୱାର ହୋଇ ସୁବର୍ଣ୍ଣ ସିଂହାସନ ଉପରେ ଉପବେଶନ କରିଥିଲେ । ବିଜେ ପ୍ରତିମାଙ୍କୁ ଷୋଡ଼ଶ ଉପଚାର ବିଧିରେ ୩ ବାଡ କାକରା ପିଠା (ରାଜ ଭୋଗ) ୩ଟି ସୁନା ଥାଳିଆରେ ନୈବେଦ୍ୟ ଅର୍ପଣ କରାଯାଇଥିଲା । ପାଳିଆ ପଣ୍ଡା କେଦାର ମହାପାତ୍ର ପୂଜାକାର୍ଯ୍ୟ ସମାପନ କରିଥିବା ବେଳେ ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀ, ପୂଜକ ପରିଷଦ ସଭାପତି ପ୍ରଫୁଲ କୁମାର ମହାପାତ୍ର ୨ ସମ୍ପାଦକ ବିଜୟ କୁମାର ଦାଶ, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ସମେତ ସମସ୍ତ ସେବକ ପରିଷଦ ସଦସ୍ୟ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ଏହା ସହିତ ପୂଜକ ଓ ସେବକ ପରିଷଦ ସଦସ୍ୟ, କର୍ମଚାରୀ, ଅଧିକାରୀ ଓ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଭେଟି ଆକାରରେ ନଗଦ ଟଙ୍କା ପ୍ରଦାନ କରିଥିଲେ ।

ଶୁଭେଚ୍ଛା
ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ଜୀବନବ୍ୟାପୀ ସାଧନା ସମ୍ମାନରେ
ପୁରସ୍କୃତ ହୋଇଥିବାରୁ ତାଙ୍କୁ
ଶୁଭେଚ୍ଛା ଜଣାଇବା ସହ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର
ସୁସ୍ଥ ଓ ଦୀର୍ଘ ଜୀବନ କାମନା କରୁଛି ।
ସାଲୁଗା ପ୍ରଧାନ, ବିଧାୟକ
ଜି.ଉଦୟଗିରି ନିର୍ବାଚନମଣ୍ଡଳୀ

"ମୋତେ ବିଶ୍ୱାସକୁ ନେଇ, ଭରସା କରି ଏତେ ବଡ ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ, ମୁଁ ମୋର ସମସ୍ତ ନେତୃବର୍ଗ ନିକଟରେ ଚିର କୃତଜ୍ଞ"
ଦେବଦାସୀ ଜେନା
ସରପଞ୍ଚ, ନେରତା ଏବଂ
ରାଜ୍ୟ ସଂପାଦିକା, ବିଜୁ ମହିଳା ଜନତା ଦଳ

ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବିଷ୍ଣୁପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ।
ଅମୂଲ୍ୟ କୁମାର ନାୟକ
ସରପଞ୍ଚ, ବିଷ୍ଣୁପୁର ଗ୍ରାମପଞ୍ଚାୟତ, ଭଣ୍ଡାରିପୋଖରୀ ବ୍ଲକ

# କୃଷକ ସଭାର ଦଶପଲ୍ଲା ବ୍ଲକ୍ ସମ୍ମିଳନୀ

**ଦଶପଲ୍ଲା,୭।୯(ଡି.ଏନ.ଏ.):** ଅଖିଳ ଭାରତ କୃଷକ ସଭା ସହିତ ଅନୁବନ୍ଧିତ ଓଡିଶା କୃଷକ ସଭାର ଦଶପଲ୍ଲା ବ୍ଲକ ସମ୍ମିଳନୀ ଦଶପଲ୍ଲାର ଶିକ୍ଷକ ଭବନଠାରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ସମ୍ମିଳନୀ ପ୍ରାରମ୍ଭରେ ସଙ୍ଗଠନର ନେତା ଶରତ ଚନ୍ଦ୍ର ବେହେରା ପତାକା ଉତ୍ତୋଳନ କରିଥିଲେ । ସମ୍ମିଳନୀକୁ ଉଦଘାଟନ କରିଥିଲେ କୃଷକ ସଭାର ନୟାଗଡ଼ ଜିଲା କମିଟି ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର । ବ୍ଲକ କମିଟି ସମ୍ପାଦକ ଗଣେଶ୍ୱର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହାପରେ ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ଆଲୋଚନା କରିଥିଲେ । ଶରତ ଚନ୍ଦ୍ର ବେହେରା ଉଦ୍‌ବୋଧନ ଦେଇଥିବା ବେଳେ ବିଶ୍ୱନାଥ ମହାପାତ୍ର ଉଦଯାପନୀ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ଲକ୍ କମିଟି ସଭାପତି ବ୍ରଜବନ୍ଧୁ ପ୍ରଧାନ,ବୈକୁଣ୍ଠ ନାଥ ନାୟକ ଓ ସରୋଜିନୀ ଜନୀଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀକୁ ପରିଚାଳନା କରିଥିଲେ । ଆଗାମୀ ଦିନପାଇଁ ଏକ ନୂତନ ୨୫ ଜଣିଆ ବ୍ଲକ କମିଟି ନିର୍ବାଚିତ କରାଯାଇଥିଲା । ବୃହତ୍ତ ଜଳସେଚନ ଯୋଜନା କାର୍ଯ୍ୟକାରିତାଠାରୁ ଆରମ୍ଭ କରି ଭୂମିହୀନଙ୍କୁ ଜମି, ଘର ଡିହ ପଟ୍ଟା,କୃଷି ଜାତ ଦ୍ରବ୍ୟର ଉଚିତ ମୂଲ୍ୟ, ସାରର କଳାବଜାରୀ ବନ୍ଦ କରିବା ଓ ଧାନ ମଣ୍ଡିରେ ଅବ୍ୟବସ୍ଥା ବନ୍ଦ ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଆଗାମୀ ଦିନରେ ଏଥିପାଇଁ ଚାଷୀ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦିଆଯାଇଛି ।

କ୍ୟାପିଟାଲ ଫାଉଣ୍ଡେସନ ସୋସାଇଟି ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ **ନବୀନ ପଟ୍ଟନାୟକଙ୍କୁ** ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ଆଠମଲ୍ଲିକ ସହରବାସୀଙ୍କ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରି ମା' ମାହେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛି ।
ଶ୍ରୀମତୀ ଆଶା କୁମାରୀ ସାହୁ
ଆଠମଲ୍ଲିକ ଏନ.ଏ.ସି. ଅଧ୍ୟକ୍ଷା

ସମସ୍ତ ଜନସାଧାରଣଙ୍କୁ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ମୋର ଅଭିନନ୍ଦନ ଓ ଶୁଭେଚ୍ଛା, ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱରୀ ସନ୍ତୋଷୀ ମା' ସମସ୍ତଙ୍କର ମଙ୍ଗଳ କରନ୍ତୁ ।
କୃଷ୍ଣଚନ୍ଦ୍ର ବେହେରା
ସମାଜସେବୀ ତଥା ଯାଦବ ନେତା, ଚୁନିଦା, ଭଦ୍ରକ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତ ପାଠକ ପାଠିକାମାନଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ।
ଉତ୍କଳ କେଶରୀ ମହାନ୍ତି (ପିଙ୍କୁ)
ଜିଲ୍ଲା ପରିଷଦ ସଭ୍ୟ,ଜୋନ ନଂ.-24,ମାଳଦା, ଭଣ୍ଡାରିପୋଖରୀ ବ୍ଲକ,ଭଦ୍ରକ

# ପିଲାଙ୍କୁ ପଢ଼ାଇଲେ ଜିଲା ସଂସ୍କୃତି ଅଧିକାରିଣୀ

**ପାରଳାଖେମୁଣ୍ଡି,୭।୯ (ଡି.ଏନ.ଏ.)**

ପରଳାଖେମୁଣ୍ଡିସ୍ଥ ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଗଜପତି ଜିଲା ସଂସ୍କୃତି ଅଧିକାରିଣୀ ଅର୍ଚ୍ଚନା ମଙ୍ଗରାଜ ଇତିହାସ ବିଷୟରେ ଶିକ୍ଷାଦାନ କରିଥିଲେ । ଛାତ୍ରୀଛାତ୍ରମାନେ ନିଜ ସନ୍ଦେହ ଦୂର କରିଥିଲେ । ଆଗକୁ ବଢ଼ିବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀମାନେ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଦ୍ୟାଳୟର ପୁରାତନ ଛାତ୍ର ବିଚିତ୍ର ନନ୍ଦ ବେବର୍ତ୍ତା, ଭାଗବତ ପାଢ଼ୀ ସହଯୋଗ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷକ ଜିଲା ସଂସ୍କୃତି ଅଧିକାରିଣୀଙ୍କୁ ଶିକ୍ଷାଦାନର ନିଷ୍ଠା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

ଅଭିନନ୍ଦନ
'ଧରିତ୍ରୀ' ଉତ୍ତରଓଡ଼ିଶା ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶୁଭେନ୍ଦୁ ମଙ୍ଗରାଜ
ବିଜୁ ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି

ଧରିତ୍ରୀ ଉତ୍ତରଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ
କାଉନସିଲର
ମ୍ୟୁନିସିପାଲିଟି, ବାଲେଶ୍ୱର
ସେଖ୍ ଅନସାର
ବିଜୁ ଯୁବ ଜନତା ଦଳ
ସଦର ବ୍ଲକ ସଭାପତି,ବାଲେଶ୍ୱର

କ୍ୟାପିଟାଲ ଫାଉଣ୍ଡେସନ ସୋସାଇଟି ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ **ନବୀନ ପଟ୍ଟନାୟକଙ୍କୁ** ଜୀବନବ୍ୟାପୀ ସାଧନା ସମ୍ମାନରେ ପୁରସ୍କୃତ କରାଯାଇଥିବାରୁ ମୋର ଅନ୍ତରାତ୍ମାରୁ ଶୁଭେଚ୍ଛା ଜଣାଉଛି, ତତ୍‌ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରି ମା' ମାହେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରୁଛି ।
ଶ୍ରୀମତୀ ମମତା ମହାକୁଡ଼
ଆଠମଲ୍ଲିକ ବ୍ଲକ ଉପାଧ୍ୟକ୍ଷା

# ଜଙ୍ଗଲ ଜମିରେ ନିର୍ମାଣ ସ୍ଥଗିତ

ଯାଜପୁର ଅଫିସ,୭।୯

ଗ୍ରାମସଭା ପରିଚାଳନାରେ ଅନିୟମିତତା ଦର୍ଶାଇ ଯାଜପୁର ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବ୍ୟାସସରୋବରର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ) ବୁଧବାର ସ୍ଥଗିତାଦେଶ ଜାରି କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ସ୍ଥଗିତାଦେଶ ବଳବତ୍ତର ରହିବ। ଏହାବାଦ୍ ଏନ୍‌ଜିଟିର ଜଷ୍ଟିସ୍ ବି.ଅମିତ ଷ୍ଟାଲେକର ଓ ଜୁଡିସିଆଲ ମେମ୍ବର ଶୈବାଳ ଦାସଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଷ୍ଟେଟ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ଏସ୍‌ଇଆଇଏଏ), ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ (ସିପିସିବି), ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗକୁ ୪ ସପ୍ତାହ ମଧ୍ୟରେ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏନ୍‌ଜିଟି ମାମଲା ସଂଖ୍ୟା ୧୦୩/୨୦୨୨/ଇଜେଡ ଉପରେ ପୂର୍ବରୁ ଯାଜପୁର ଜିଲାପାଳ ନିଜର ପକ୍ଷ ରଖିଥିବାବେଳେ କଟକ ଡିଭିଜନାଲ ଫରେଷ୍ଟ ଅଫିସର(ଡିଏଫ୍‌ଓ) ସଞ୍ଜୟ କୁମାର ସ୍ୱାଇଁ ୨୫।୮।୨୦୨୨ରେ ସତ୍ୟପାଠ ଦାଖଲ କରିଥିଲେ। ଉକ୍ତ ସତ୍ୟପାଠରେ ମୁଣ୍ଡୋମାଳ ମୌଜା ଅନ୍ତର୍ଗତ ଖାତା ନଂ.-୪୦, ପ୍ଲଟ ନଂ. ୪୦, ୫୨, ୬୨ ଓ ୬୪ ଖାଡି ଜଙ୍ଗଲ କିସମ, ଯାହାକି ଧାରା-୩ର ଉପଧାରା-୨ ଅନୁସାରେ ୬.୫୧ ଏକର ଜଙ୍ଗଲ ଜମି ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁର ହୋଇ ସାରିଛି। ଏଥିରେ ଡାହିସାହିଠାରୁ ଏମ୍‌ସିସି ସେଣ୍ଟର ଯୋଡାବର ରାସ୍ତା ନିର୍ମାଣ, ଶ୍ରୀରାଘବ ଜୀଉ ମନ୍ଦିରଠାରୁ କମ୍ୟୁନିଟି ସେଣ୍ଟର ଓ କମ୍ୟୁନିଟି ସେଣ୍ଟର ନିର୍ମାଣ ହୋଇଛି। ଏଥିପାଇଁ ଯଥାକ୍ରମେ ୨୮।୧।୨୦୨୨, ୨୦।୧।୨୦୨୨ ଓ ୧୧।୧।୨୦୨୨ରେ ଗ୍ରାମସଭାରେ ନିର୍ଦ୍ଧାରଣ ହୋଇଥିଲା। ଏହି କ୍ରମରେ ବ୍ୟାସସରୋବର ପ୍ରକଳ୍ପ କାର୍ଯ୍ୟ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଅନୁଯାୟୀ ହୋଇନାହିଁ। ତେବେ ଏନ୍‌ଜିଟିରେ ଉପରୋକ୍ତ ବିଷୟ ସମ୍ପର୍କରେ ଯୁକ୍ତି ହେବା ପରେ ୨୮।୧।୨୦୨୨ରେ ଅନୁଷ୍ଠିତ ଗ୍ରାମସଭାରେ ଅନିୟମିତତା ହୋଇଥିବା ଜଣାପଡିଥିଲା। ଏଥିରେ ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ମୁଣ୍ଡୋମାଳ ଗ୍ରାମବାସୀ ହୋଇ ନ ଥିବାରୁ ସେ ଗ୍ରାମସଭାରେ କିପରି ଭାବେ ଅଧ୍ୟକ୍ଷତା କରିଥିଲେ ବୋଲି ଏନ୍‌ଜିଟି ପକ୍ଷରୁ ପ୍ରଶ୍ନ ହୋଇଥିଲା। ଏହାସହ ମୁଣ୍ଡୋମାଳ ଲୋକ ସଂଖ୍ୟା ତୁଳନାରେ ଗ୍ରାମସଭାରେ କୋରମ ଅଭାବ ରହିଥିଲା। ଏହାକୁ ଭିତ୍ତିକରି ଜଙ୍ଗଲ ଜମିରେ ନିର୍ମାଣାଧୀନ ପ୍ରକଳ୍ପକୁ ଏନ୍‌ଜିଟି ସ୍ଥଗିତ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ,ଦୀର୍ଘବର୍ଷ ଧରି ଅବହେଳିତ ହୋଇ ପଡି ରହିଥିବା ବ୍ୟାସସରୋବର ବିକାଶ କାର୍ଯ୍ୟ ଚଳିତ ବର୍ଷ ପ୍ରାରମ୍ଭରୁ ଆରମ୍ଭ ହୋଇଛି। ଏଥିପାଇଁ ଡିଏମ୍‌ଏଫ୍ (ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ) ପାଣ୍ଠିରୁ ୬୪ କୋଟି ଟଙ୍କା ମଞ୍ଜୁର ହୋଇଛି। ଏନ୍‌ବିସିସି (ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କର୍ପୋରେଶନ) ଜରିଆରେ ଦିଲ୍ଲୀର କ୍ରିଷ୍ଣା ବିଲ୍‌ଡର ଠିକାସଂସ୍ଥା ଏହି କାର୍ଯ୍ୟ ସମ୍ପାଦିତ କରୁଛି। ଏହି କାମରେ ପରିବେଶ ସୁରକ୍ଷା ସହ ଅନେକ ସୌନ୍ଦର୍ଯ୍ୟକରଣ କାମ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ପାର୍କ ସହ ମନ୍ଦିର, ଶିଶୁ ଉଦ୍ୟାନ, ବୋଟିଂ, ନର୍ସରି, ବ୍ୟାସଦେବ ମୂର୍ତ୍ତି, ହସ୍ତିନାପୁର, ଭଗବାନ କ୍ରିଷ୍ଣା, ପାଣ୍ଡବ ଓ କୌରବ, ଦ୍ରୌପଦୀ, ଚକ୍ରବ୍ୟୁହ, ମାଛଆଖି, ଭୀଷ୍ମଙ୍କ ଶରଶଯ୍ୟା, ବିଶ୍ୱରୂପ ଆଦି ଯୋଜନା ରହିଛି। ତେବେ କେତେକ କାମ ଜଙ୍ଗଲ ଜମିରେ ହେଉଥିବା ନେଇ ଏନ୍‌ଜିଟିର ରହିତାଦେଶ ଯୋଗୁ ଏହି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନ୍‌ଜିଟିରେ ପରବର୍ତ୍ତୀ ଶୁଣାଣି ୧୪।୧୦।୨୦୨୨ ପରେ ଏହି ବିକାଶ କାର୍ଯ୍ୟର ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ମତ ପ୍ରକାଶ ପାଇଛି।



ଜଙ୍ଗଲ ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟ।

**ଏନ୍‌ଜିଟିରେ ବ୍ୟାସସରୋବର ବିକାଶ କାର୍ଯ୍ୟ ମାମଲା**

- ୪ ସପ୍ତାହ ମଧ୍ୟରେ ପକ୍ଷ ରଖିବାକୁ ନିର୍ଦ୍ଦେଶ
- ଗ୍ରାମସଭା ପରିଚାଳନାରେ ଅନିୟମିତତା

## ସଂକ୍ଷେପରେ

### ଗଣେଶ ଭସାଣିରେ ଗଣ୍ଡଗୋଳ ଘଟଣା: ୩ ଗିରଫ

**ଧର୍ମଶାଳା,୭।୯(ଡି.ଏନ.ଏ.):** ଧର୍ମଶାଳା ଥାନା ଅଧୀନ ରାଉତରାପୁର ଗ୍ରାମରେ ଗତ ସୋମବାର ଗଣେଶ ମେଢ଼ ଭସାଣିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ଉଭୟ ପକ୍ଷରୁ ବୁଧବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଉତରାପୁର ଗ୍ରାମର ଅନନ୍ତ ମହାଳିକ(୨୫), ନିରଞ୍ଜନ ମହାଳିକ(୩୨) ଓ ଉଦ୍ଧବ ନାୟକ(୨୬)। ସମସ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଧର୍ମଶାଳା ଥାନା ଏସ୍‌ଆଇ ବିଭୂତି ମହାପାତ୍ର ସୂଚନା ଦେଇଛନ୍ତି। ପଞ୍ଚାୟତ ନିର୍ବାଚନ ସମୟରୁ ଗାଁର ୨ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗିରହିଛି। ତେବେ ସୋମବାର ରାତିରେ ଉଭୟ ଗୋଷ୍ଠୀ ପକ୍ଷରୁ ଭସାଣି ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୧୦ଜଣ ଆହତ ହୋଇଥିଲେ। ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଥିରୁ ୫ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ପୋଲିସ ପକ୍ଷରୁ ନଂ.୪୯୬, ୪୯୭, ୪୯୮ ଓ ୪୯୯/୨୨ରେ ୪ଟି ମାମଲା ରୁଜୁ କରାଯାଇଛି।

### ଚୋରି ମାମଲାରେ ଜଣେ ଗିରଫ

**କଳିଙ୍ଗନଗର,୭।୯(ଡି.ଏନ.ଏ.):** କଳିଙ୍ଗନଗର ଥାନା ନଡ଼ିଆଭଙ୍ଗା ପଞ୍ଚାୟତ ବନ୍ଧସାହି ଗ୍ରାମର ସନ୍ତୋଷ କୁମାର ରାଉତଙ୍କ ଘରୁ ଲୁଟ୍‌ପାଟ ଘଟଣାରେ ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଡୁବୁରୀ ମେଡିକାଲ ସାହିର ବାଦଲ ଦାସ ଓରଫ ଜଗନ(୨୪)। ତାଙ୍କ ନିକଟରୁ ଦୁଇଟି ଦାମୀ ମୋବାଇଲକୁ ପୋଲିସ ଜବତ କରିଛି। ଏନେଇ ନଂ.୧୮୪/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଜଗନଙ୍କ ନାଁରେ କଳିଙ୍ଗନଗର ଥାନାରେ ୧୯ରୁ ଊର୍ଦ୍ଧ୍ୱ ଓ ଯାଜପୁର ରୋଡ଼ ଥାନାରେ ଗୋଟିଏ ମାମଲା ଥିବା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି। ସୂଚନା ମୁତାବକ, ନଡ଼ିଆ ଭଙ୍ଗା ବନ୍ଧସାହି ଗାଁର ସନ୍ତୋଷଙ୍କ ଘରୁ ଗତ ମାସ ୨୮ ତାରିଖ ରାତିରେ ଲୁଟ୍ ହୋଇଥିଲା। ୪ ଜଣ ଯୁବକ ତାଙ୍କ ଘରେ ପଶି ୪୦ ହଜାର ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ମୋବାଇଲ ଲୁଟି ନେଇଥିଲେ। ଲୁଟ୍‌ପାଟ୍ ଶବ୍ଦ ଶୁଣି ପରିବାର ଲୋକେ ଉଠି ପଡିଥିଲେ। ସେତେବେଳକୁ ଦୁର୍ବୃତ୍ତ ସେଠାରୁ ଚମ୍ପଟ ମାରିଥିଲେ। ସରୋଜଙ୍କ ପରିବାର ଲୋକେ ଗ୍ରାମ ନିକଟର ୪ ଜଣଙ୍କ ଉପରେ ସନ୍ଦେହ କରି ଥାନାରେ ଏତଲା ଦେଇଥିଲେ।

# ଏସ୍‌ବିଆଇ ପକ୍ଷରୁ ବିତ୍ତୀୟ ସାକ୍ଷରତା ଶିବିର

ରସୁଲପୁର, ୭।୯ (ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କୁଆଖିଆ ଶାଖା ପକ୍ଷରୁ ବିତ୍ତୀୟ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରୋହିତରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଜିଲା ଅଗ୍ରଣୀ ପରିଚାଳକ(ଏଲ୍‌ଡିଏମ୍) ମନୋଜ କୁମାର ପ୍ରଧାନୀ, ସମ୍ମାନିତ ଅତିଥି ବିଡିଓ ଅବନିକାନ୍ତ ସାହୁ, କୁଆଖିଆ ଶାଖା ପରିଚାଳକ ବିଶ୍ୱଜିତ୍ ମଲ୍ଲିକ, ବିପିଏମ ସୁପ୍ରଭା ଜେନା, ଏମ୍‌ବିକେ ସସ୍ମିତା ଆଏଚ ପ୍ରମୁଖ ଯୋଗଦେଇ ବ୍ୟାଙ୍କସେବାକୁ ଲୋକାଭିମୁଖି କରିବା ନେଇ ଆଲୋଚନା କରିଥିଲେ।

ଡିଜିଟାଲ ଇଣ୍ଡିଆ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ କରିବାକୁ ହେଲେ ମହିଳାଙ୍କ ମଧ୍ୟରେ ବ୍ୟାଙ୍କ କାରବାରକୁ ନେଇ ଜାଗ୍ରତ ଓ ଜାଗରଣ ସୃଷ୍ଟି କରିବାକୁ ପଡ଼ିବ। ଘରେ ବସି ବ୍ୟାଙ୍କ ସେବା ପାଇବା ଉପରେ ଧ୍ୟାନ ଦେବାକୁ ହେବ। ଜମାଖାତାଧାରୀ ସେମାନଙ୍କ ଖାତାକୁ ଠିକ୍ ଭାବେ ପରିଚାଳନା କରିବା ସହ ନିୟମିତ ସଞ୍ଚୟ ଉପରେ ଧ୍ୟାନ ଦେବାକୁ ଶିବିରରେ ପରାମର୍ଶ ଦିଆଯାଇଛି। ଏଥିସହ ବ୍ୟାଙ୍କରେ ଉପଲବ୍ଧ ହେଉଥିବା ଅଟଳ ପେନସନ ଯୋଜନା, ଜୀବନ ଜ୍ୟୋତି, ଜୀବନ ସୁରକ୍ଷା ଓ ସୁକନ୍ୟା ଭଳି ନାନା ଯୋଜନାରୁ ଫାଇଦା ଉଠାଇବା ପାଇଁ ଶିବିରାର୍ଥୀ ତତ୍ପରତା ପ୍ରକାଶ କରିବା ଉଚିତ୍। ଏ ଦିଗରେ ପଞ୍ଚାୟତରେ କାର୍ଯ୍ୟରତ ଏମ୍‌ବିକେ, ସିଆରପି, ସରପଞ୍ଚ ଓ ସମିତିସଭ୍ୟମାନେ ଜମାଖାତା ଧାରକଙ୍କୁ ସହାୟତା ପ୍ରଦାନ କରିବେ। ଏହାଛଡ଼ା ବ୍ୟାଙ୍କକୁ ନେଇ ସମ୍ମୁଖିନ ହେଉଥିବା ସମସ୍ୟାକୁ ଗ୍ରାହକ ବ୍ୟାଙ୍କ ଅଧିକାରୀଙ୍କ ସହ ଆଲୋଚନା ଜରିଆରେ ସମାଧାନ କରିପାରିବେ ବୋଲି ଅତିଥିମାନେ କହିଥିଲେ। ବ୍ୟାଙ୍କକୁ ନେଇ ଶିବିରାର୍ଥୀଙ୍କ ମନରେ ଥିବା ପ୍ରଶ୍ନଗୁଡିକୁ ବ୍ୟାଙ୍କ ଅଧିକାରୀ ବୁଝାଇ ସେମାନଙ୍କ ସନ୍ଦେହ ଦୂର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଶିକ୍ଷୟିତ୍ରୀ ଗୀତାରାଣୀ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ରସୁଲପୁର,୭।୯ (ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତ ଶୁଳିଆ ଶାସନ ଗ୍ରାମର ଅଧ୍ୟାପକ ଅଜୟ କୁମାର ଶତପଥୀଙ୍କ ସ୍ତ୍ରୀ ଗୀତାରାଣୀ ପଣ୍ଡାଙ୍କ ଦ୍ୱାଦଶାହ ତିଥିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ କୁଳମଣି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ସାହୁ, ପ୍ରଦୀପ କୁମାର ସାମଲ, ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ଦାସ, ସନ୍ତୋଷ ପାଣିଗ୍ରାହୀ, ବିଦ୍ୟୁଭୂଷଣ ଦାସ, ହିମାଂଶୁ ଭୂଷଣ ପାଲ, ବିଜୟ କୁମାର ପାତ୍ର, ହିମାଂଶୁ ଶେଖର ରାଉତ, ଦୁଷ୍ମନ୍ତ କୁମାର ସାହୁ, ପ୍ରତାପ କୁମାର ରାଉତ, ରେଣୁବାଳା ସେଠୀ, ନିର୍ମଳ ନାଥ, ନରେଶ ମହାନ୍ତି, ସତ୍ୟସ୍ୱରୂପ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ପଣ୍ଡାଙ୍କ ଛାତ୍ର ବତ୍ସଳତା, ମେଳାପୀ, ମିଷ୍ଟଭାଷୀ, ସମୟାନୁବର୍ତ୍ତିତା, ଅମାୟିକ ବ୍ୟବହାର ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଗୀତାପାଠ, ପ୍ରଦୀପ ପ୍ରଜ୍ୱଳନ ଓ ପଣ୍ଡାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ବ୍ଲକ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଗାଁ ମୁରବି ପ୍ରମୁଖ ଯୋଗଦେଇ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଆୟୁଷ ଗ୍ରାମ କାର୍ଯ୍ୟକ୍ରମ ଉଦ୍‌ଘାଟିତ


ଆୟୁଷ ଗ୍ରାମ କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

କାଏମା, ୭।୯ (ଡି.ଏନ.ଏ.)

ଧର୍ମଶାଳା ନିର୍ବାଚନ ମଣ୍ଡଳୀର ମିର୍ଜାପୁର ଗ୍ରାମ ପଞ୍ଚାୟତ ଅଧୀନ ମିର୍ଜାପୁର ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ପରିସରରେ ଆୟୁଷ ଗ୍ରାମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ଆୟୁଷ ମିଶନ ଆନୁକୂଲ୍ୟରେ ଏବଂ ଯାଜପୁର ମଣ୍ଡଳ ଜିଲା ଆୟୁର୍ବେଦ ଚିକିତ୍ସାଧାରୀ ଯାଜପୁରଙ୍କ ତତ୍ତ୍ୱାବଧାନ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଆୟୁଷ ସମ୍ପର୍କିତ ଆଲୋଚନା ହୋଇଥିଲା। ଏଥିରେ ଆୟୁଷ ସ୍ୱାସ୍ଥ୍ୟ ସେବା ନିଃଶୁଳ୍କ ଆୟୁର୍ବେଦ ଓ ହୋମିଓପାଥିକ ଔଷଧ ବିତରଣ, ରକ୍ତ ପରୀକ୍ଷା, ଯୋଗ ପ୍ରଶିକ୍ଷଣ, ଔଷଧୀୟ ବୃକ୍ଷ ରୋପଣ ଏବଂ ଔଷଧୀୟ ଉଦ୍ୟାନ ପ୍ରତିଷ୍ଠା, ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଘରୋଇ ଔଷଧୀୟ ବ୍ୟବହାର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ପୂର୍ବତନ ସରପଞ୍ଚ ମାଗୁଣି ଚରଣ ପଣ୍ଡା, ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ସଞ୍ଜୀବ କୁମାର ନାୟକ, ଦୟାନିଧି ଦ୍ୱିବେଦୀ, ପ୍ରକାଶ ଚନ୍ଦ୍ର ସାହୁ, ସଞ୍ଜୟ କୁମାର ମଲ୍ଲିକ, ସୁରେଶ ପଲାଇ, ନିବେଦିତା ସାହୁ, ସ୍ମୃତିସୁଧା ସାହୁ, ପ୍ରଜ୍ଞା ପଣ୍ଡା, ହୋମିଓପାଥିକ ଚିକିତ୍ସକ ଶାନ୍ତି ସ୍ୱରୂପ ସାହୁ, ଅରୁଣ ମଲ୍ଲିକ ଦୀପକ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଔଷଧ ବିତରଣ ଓ ରକ୍ତ ପରୀକ୍ଷାରେ ଆୟୁର୍ବେଦି ସହାୟକ ଅନୁପମା ସାହୁ, ନମିତା ସିଂହ, ବିକାଶ ସାମଲ ସହଯୋଗ କରିଥିଲେ।

# ଯୁବକଙ୍କୁ ପାଣିରେ ନିଶାଦେଇ ଲୁଟ୍ ଉଦ୍ୟମ

ଚଣ୍ଡିଖୋଲ,୭।୯ (ଡି.ଏନ.ଏ.)

- ଅଚେତ ଅବସ୍ଥାରେ ଯୁବକ ଉଦ୍ଧାର
- ୭୫୦ ଗ୍ରାମ ସୁନା, ୪.୫ ଲକ୍ଷ ଟଙ୍କା ଜବତ

କଟକର ଜଣେ ସୁନା ବ୍ୟବସାୟୀ ତାଙ୍କର ଜଣେ ପିଲାକୁ ବିଭିନ୍ନ ଅଞ୍ଚଳରେ ଥିବା ସୁନା ଦୋକାନରେ ସୁନା ଦେବା ଓ ପଇସା ଆଦାୟ କରିବାକୁ ପଠାଇଥାନ୍ତି। ମଙ୍ଗଳବାର ଯୁବକ ଜଣକ ଏହି କାର୍ଯ୍ୟରେ ଆସିଥିବାବେଳେ କେହି ତାଙ୍କୁ ପାଣିରେ ନିଶାଦେଇ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ଚଣ୍ଡିଖୋଲ ଫାଣ୍ଡି ପୋଲିସ ଅଚେତ ଅବସ୍ଥାରେ ଉଦ୍ଧାର କରିବା ସହ ତାଙ୍କ ନିକଟରୁ ୭୫୦ ଗ୍ରାମ ସୁନା, ୪.୫ ଲକ୍ଷ ଟଙ୍କା ଜବତ କରିଛି। ସମ୍ପୃକ୍ତ ଯୁବକ ହେଲେ ରାଜସ୍ଥାନର ଭରତ କୁମାର ପୁରୋହିତ(୩୩)।

ଘଟଣା ଦିନ ଭରତ ବିଭିନ୍ନ ବ୍ୟବସାୟୀଙ୍କଠାରୁ ଟଙ୍କା ଓ ସୁନା ଦେଣନେଣ କାରବାର କରିଥିଲେ। ସନ୍ଧ୍ୟାରେ ତାଙ୍କ ଫୋନ ବନ୍ଦ ରହିଥିଲା। ଏକଥା ବ୍ୟବସାୟୀ ଦେବେନ୍ଦ୍ର ପୁରୋହିତ ଜାଣିବା ପରେ ପ୍ରତ୍ୟେକ ଥାନାକୁ ସୂଚନା ଦେଇଥିଲେ। ବଡ଼ଚଣା ଥାନାଧିକାରୀ ସୁଶୀଲ କୁମାର ନାୟକ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନାଙ୍କୁ ଜଣାଇଥିଲେ। ପରେ ରାତିପ୍ରାୟ ୧୦ଟାରେ ଚଣ୍ଡିଖୋଲ ନିକଟସ୍ଥ ମଦଦୋକାନ ସମ୍ମୁଖରେ ଜଣେ ଯୁବକ ପଡିଥିବା ଖବର ପାଇ ଫାଣ୍ଡି ଅଧିକାରୀ ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ନିକଟରୁ ୭୫୦ ଗ୍ରାମର ସୁନା ଅଳଙ୍କାର (ଯାହାର ମୂଲ୍ୟ ୪୦ ଲକ୍ଷ ଟଙ୍କା ହେବ), ଏଥିବ ସହିତ ନଗଦ ୪ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଥିଲା। ଏନେଇ ଫାଣ୍ଡିଅଧିକାରୀ ଜେନା କୁହନ୍ତି, ଯୁବକ ଜଣକ କଟକରେ ରହି ରାଜସ୍ଥାନର ବ୍ୟବସାୟୀ ଦେବେନ୍ଦ୍ରଙ୍କ ସୁନା ବ୍ୟବସାୟ କରନ୍ତି। ଭରତ ଚଣ୍ଡିଖୋଲ, ଜାରକା, କୁଆଖିଆ, ହରିପୁର, ଯାଜପୁରରୋଡ ଓ ଯାଜପୁର ଅଞ୍ଚଳକୁ ସୁନା ଅଳଙ୍କାର ପଠାଇବା ସହ ଟଙ୍କା ଆଦାୟ କରିଥାନ୍ତି। ମଙ୍ଗଳବାର ଟଙ୍କା ଆଦାୟ କରି ଫେରିବା ସମୟରେ କେହି ତାଙ୍କୁ ପାଣି ଦେଇଥିଲେ ପିଇବାକୁ। ପାଣି ପିଇବା ପରେ ସେ ଅଚେତ ହୋଇପଡିଥିଲେ। ତେବେ କମ ସମୟ ମଧ୍ୟରେ ତାଙ୍କୁ ଉଦ୍ଧାର କରାଯାଇଥିବାରୁ ସୁନା ଓ ଟଙ୍କା ମିଳି ପାରିଲା ବୋଲି ଫାଣ୍ଡି ଅଧିକାରୀ ଜେନା ପ୍ରକାଶ କରିଛନ୍ତି।


ଉଦ୍ଧାର ଯୁବକ ଓ ଜବତ ଟଙ୍କା ଏବଂ ସୁନା।

# ମୃତ୍ଲ ଖରସ୍ରୋତା କ୍ଷେତ୍ର ପରିଦର୍ଶନ କଲେ ବିଡିଓ

ରସୁଲପୁର,୭।୯ (ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତଠାରୁ ରସୁଲପୁର ପଞ୍ଚାୟତର ଖଣ୍ଡିତର ପର୍ଯ୍ୟନ୍ତ ଯାଇଥିବା ମୃତ୍ଲ ଖରସ୍ରୋତା କ୍ଷେତ୍ର ପରିଦର୍ଶନ କରିଛନ୍ତି ବିଡିଓ ଅବନିକାନ୍ତ ସାହୁ। ୧୩ କି.ମି. ଲମ୍ବ ଏହି ନଦୀର ସ୍ଥିତିକୁ ନେଇ ୭ ପଞ୍ଚାୟତର ପ୍ରାୟ ୫୦ ହଜାର ଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ମୃତ୍ଲ ଖରସ୍ରୋତା ବଞ୍ଚାଅ ସମିତିପକ୍ଷରୁ ବିଡିଓଙ୍କୁ ଏକ ଦାବିପତ୍ର ଜରିଆରେ ଅବଗତ କରାଯାଇଥିଲା।

ଉକ୍ତ ଦାବିପତ୍ର ଜରିଆରେ ନଦୀର ଉପରମୁଣ୍ଡ ଟିକରପଡ଼ାଠାରେ ଏକ ସ୍ଲୁଇସ୍ ଗେଟ ନିର୍ମାଣକରି ମୃତ ନଦୀକୁ ଚିରସ୍ରୋତା କରିବାକୁ ନିବେଦନ କରାଯାଇଥିଲା। ତେଣୁ ନଦୀର ବାସ୍ତବ ସ୍ଥିତି ପରଖିବା ଉଦ୍ଦେଶ୍ୟରେ ବିଡିଓ କ୍ଷେତ୍ର ପରିଦର୍ଶନ କରିଥିଲେ। ସେ ତାଙ୍କ ପରିଦର୍ଶନ ସମୟରେ ଚାଷୀଙ୍କ ସହ ଆଲୋଚନା କରିବା ସହିତ ନଦୀ ବଞ୍ଚାଇବା ପାଇଁ ଦାବି କରିଆସୁଥିବା ସମିତି ଉପସଭାପତି କୈଳାସ ଚନ୍ଦ୍ର ନାୟକ, ସମ୍ପାଦକ ସୁଧାଂଶୁ ଭୂଷଣ ମିଶ୍ର, ରଘୁନାଥ ପତି, ସୁଦାମ ଚରଣ ଦାସ, ପ୍ରଦୀପ ସାମଲ ଓ ପ୍ରଭାକର ସାହୁଙ୍କ ସହ ଆଲୋଚନା କରିଥିଲେ। ସମିତି ସଦସ୍ୟମାନେ ବିଡିଓଙ୍କ ସହ ବିଭିନ୍ନ ସ୍ଥାନକୁ ଯାଇ ନଦୀର ବାସ୍ତବ ସ୍ଥିତି ପରଖିଥିଲେ। ଏହି ନଦୀ ଉପରେ ନିର୍ମାଣ ହୋଇଥିବା ପୋଲଗୁଡିକର ସ୍ଥିତି ଦେଖିଥିଲେ। କେତେକ ସ୍ଥାନରେ ପୋଲ ସ୍ଥିତି ଦୁର୍ବଳ ଥିବାରୁ ସେଗୁଡିକର ମରାମତି ଓ ଉନ୍ନତୀକରଣ କରାଯିବା ସମ୍ପର୍କରେ ଅବଗତ ହୋଇଥିଲେ। ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜଳ ସମ୍ପଦ ବିଭାଗକୁ ବିଡିଓ ଅବଗତ କରାଇବେ ବୋଲି ସୂଚନା ଦେଇଥିଲେ। ବିଡିଓଙ୍କ ପଦକ୍ଷେପ ଓ ଆଲୋଚନାରେ ସମିତିର ଲୋକେ ଆଶ୍ୱସ୍ତି ବ୍ୟକ୍ତ କରିବା ସହ ସ୍ଲୁଇସ୍ ଗେଟ ନିର୍ମାଣ ହେବା ନେଇ ଆଶାବାଦୀ ଅଛନ୍ତି ବୋଲି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି।


ବିଡିଓ କ୍ଷେତ୍ର ସ୍ଥଳରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ସ୍ଥିତି ସମ୍ପର୍କରେ ସମିତି, ଚାଷୀଙ୍କ ସହ ଆଲୋଚନା**

ସୂଚନାଯୋଗ୍ୟ, ଏହି ନଦୀ ଅବବାହିକାରେ ଟିକରପଡ଼ା, ବଡ଼କଇଞ୍ଚି, ନଠୁଆବର, ଗନ୍ଧଣ, ରାହାମ୍ଭା, ଭୋଟକା, ରସୁଲପୁର ଆଦି ପଞ୍ଚାୟତର ଲୋକେ ବାସ କରୁଛନ୍ତି। ମୃତ୍ଲ ଖରସ୍ରୋତା ନଦୀ ଏହି ସବୁ ପଞ୍ଚାୟତର ଲୋକଙ୍କ ଜୀବନରେଖା ଥିଲା। ଅତୀତରେ ନଦୀ ଉପରମୁଣ୍ଡରେ ବନ୍ୟା ନିୟନ୍ତ୍ରଣ ଆଳରେ ବନ୍ଧ ବନ୍ଧାଯାଇ ଥିଲା। ପ୍ରାୟତଃ ୨୦ବର୍ଷ ତଳୁ ଏହି ନଦୀଟି ଶୁଷ୍କ ହୋଇ ପଡ଼ିରହୁଛି। ନଦୀ ଗର୍ଭ ଅଳିଆ ଆବର୍ଜନାରେ ପୋତି ହୋଇପଡ଼ିଛି। ନଦୀ ଠାଏଠାଏ ଗଣ୍ଡ ସ୍ଥଳରେ ଦୂଷିତ ଜଳ ଜମି ରହି ପରିବେଶ ଦୂଷିତ କରିବା ସହ ଜୀବଜନ୍ତୁ ଓ ପ୍ରାଣୀଙ୍କ ପ୍ରତି କ୍ଷତି ପହଞ୍ଚାଉଛି। ନଦୀରେ ଜଳ ପ୍ରବାହିତ ହେଉ ନ ଥିବାରୁ ଭୂତଳ ଜଳସ୍ତର କମିଯାଉଛି। ଚାଷୀଙ୍କୁ ଜଳସେଚନରେ ଅସୁବିଧା ସୃଷ୍ଟି ହେଉଛି। ସନ୍ତସନ୍ତିଆ ସ୍ଥାନରେ ଗଛଲତା, ବୁଦାଳିଆରେ ସରିସୃପ ବାସକରି ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ସାଜୁଛନ୍ତି। ଏହିଭଳି ନାନା ପ୍ରକାର ସମସ୍ୟାକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ତେଣୁ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧ ମୃତ

**ନୟାଗଡ଼ ଅଫିସ,୭।୯:** ନୟାଗଡ଼ ଜିଲା ରଣପୁର ବ୍ଲକ ମର୍ଦ୍ଦକୋଟ ଗାଁର ଯୁଧିଷ୍ଠିର ନାହାକ (୫୫)ଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି। ଯୁଧିଷ୍ଠିର ମଙ୍ଗଳବାର ରାତିରେ ଘରେ ଖାଇ ଶୋଇଥିଲେ। ରାତିରେ ସାପ କାମୁଡି ଥିଲେ ମଧ ଜାଣି ପାରି ନ ଥିଲେ। ପରିବାର ଲୋକ ଗୁରୁତର ଅବସ୍ଥାରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ସକାଳେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରଣପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଆଳେଶ୍ୱର ଦେବ ମନ୍ଦିର ପରିସରରେ ଚାରା ରୋପଣ

**ଭାପୁର,୭।୯(ଡି.ଏନ.ଏ.):** ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଅଧୀନ ମାଳିବେରେଣୀ ଗ୍ରାମର ଆଳେଶ୍ୱର ଦେବ କ୍ଲବ ଯୁବକମାନଙ୍କ ତରଫରୁ ଉକ୍ତ ଗାଁର ଆଳେଶ୍ୱର ଦେବମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ ଏବଂ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଆଳେଶ୍ୱର ଦେବ କ୍ଲବର ସଭାପତି ସନ୍ତୋଷ କୁମାର ବରାଡ,ସମ୍ପାଦକ ବିଶ୍ୱଜିତ ରଣା, କୋଷାଧକ୍ଷ ନିତ୍ୟାନନ୍ଦ ପରିଡା, ମଣ୍ଟି ପରିଡାଙ୍କ ସମେତ କ୍ଲବର ସମସ୍ତ ଯୁବ ସଦସ୍ୟମାନେ ମନ୍ଦିର ପରିସର ପ୍ରଥମେ ସଫାସୁତୁରା କରି ସମସ୍ତ ଅଳିଆ ଆବର୍ଜନା ସଫା କରିଥିଲେ। ସମ୍ପୃକ୍ତ ଯୁବକମାନେ ମନ୍ଦିର ପରିସରରେ ଲଗାଇଥିବା ଚାରାର ଯତ୍ନ ନେବେ ବୋଲି ଶପଥ ପାଠ କରିଥିଲେ।

### ମାନବିକ ଅଧିକାର ଶୀର୍ଷକ ଆଲୋଚନାଚକ୍ର

**ନୟାଗଡ଼ ଅଫିସ,୭।୯:** ଶରଣକୁଳ ମହାବିଦ୍ୟାଳୟ ପକ୍ଷରୁ ମାନବିକ ଅଧିକାର ଉପରେ ଏକ ଆଲୋଚନା ଚକ୍ର ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ରାଜନୀତି ବିଭାଗ ଓ ଆଇକ୍ୟୁଏସି ଦ୍ୱାରା ଆୟୋଜିତ ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଯୋଗେଶ୍ୱର ନାୟକ ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅନ୍ତର୍ଯ୍ୟାମୀ ପରିଡା ଆଲୋଚନା ଚକ୍ରର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ନୟାଗଡ଼ ସ୍ୱଂୟ ଶାସିତ ମହାବିଦ୍ୟାଳୟର ରାଜନୀତି ବିଭାଗ ମୁଖ୍ୟ ଆଦିତ୍ୟ କୁମାର ମିଶ୍ର ମୁଖ୍ୟବକ୍ତା ଓ ମହାବିଦ୍ୟାଳୟ ଅଧକ୍ଷ ବସନ୍ତ କୁମାର ରଥ , ଶିକ୍ଷା ବିଭାଗ ମୁଖ୍ୟ ବ୍ୟୋମକେଶ ରଥ ଅନ୍ୟତମ ବକ୍ତା ରୂପେ ଯୋଗ ଦେଇ ଭାରତୀୟ ଗଣତନ୍ତ୍ରରେ ମାନବିକ ଅଧିକାର ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ବିଭାଗୀୟ ଛାତ୍ରୀଛାତ୍ର, ଅଧାପକ ଓ ଅଧାପିକାମାନେ ନିଜନିଜର ସନ୍ଦର୍ଭ ପାଠ କରିଥିଲେ। ଅଧାପକ ଅଜୟ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ନାରାୟଣ ପ୍ରଧାନ ଓ ପୀତବାସ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଶ୍ରମ କାର୍ଯ୍ୟାଳୟରେ ଅଚଳାବସ୍ଥା

**ନୟାଗଡ଼ ଅଫିସ,୭।୯**

- ମୃତ୍ୟୁକାଳୀନ, ଶିକ୍ଷା ସହାୟତା ମିଳୁନି
- ନିର୍ମାଣ ଶ୍ରମିକ ପାଉନାହାନ୍ତି ପରିଚୟ ପତ୍ର
- ଜିଲା ଶ୍ରମ ଅଧିକାରୀ ନିଲମ୍ବିତ
- ଖାଲି ପଡିଛି ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ପଦବୀ
- ପ୍ରଭାଗୀୟ ଶ୍ରମ ଆୟୁକ୍ତ ରହୁଛନ୍ତି ଅନୁପସ୍ଥିତ

ନୟାଗଡ଼ ଜିଲା ଶ୍ରମ କାର୍ଯ୍ୟାଳୟରେ ଅଚଳାବସ୍ଥା ଲାଗି ରହିଛି। ମୃତ୍ୟୁକାଳୀନ ସହାୟତା ୫ ବର୍ଷ ହେଲା ଓ ବିବାହ ସହାୟତା ୭ ବର୍ଷ ହେଲା ମିଳୁନି। ପୁଣି ଶିକ୍ଷା ସହାୟତା ୬ ବର୍ଷ ହେଲା ବନ୍ଦ ରହଛି। ନିର୍ମାଣ ଶ୍ରମିକ ବି ଉପେକ୍ଷିତ। ଡିଭିଜିନାଲ ଲେବର କମିଶନର (ପ୍ରଭାଗୀୟ ଶ୍ରମ ଆୟୁକ୍ତ) ଅଧିକାଂଶ ସମୟ ଅନୁପସ୍ଥିତ ରହୁଛନ୍ତି ବୋଲି ଅଭିଯୋଗ ହୋଇ ଆସୁଛି। ଜିଲା ଶ୍ରମ ଅଧିକାରୀ ଠିକରେ କାର୍ଯ୍ୟାଳୟ ଆସୁ ନଥିଲେ। ଏଭଳିସ୍ଥଳେ ଗତ ଗତ ୬ ତାରିଖରେ ଜିଲା ଶ୍ରମ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ପୁଣି ଅତିରିକ୍ତ ଜିଲା ଶ୍ରମ ଅଧିକାରୀଙ୍କ ପଦବୀ ଖାଲି ପଡିଛି। ୨ ଇନ୍ସପେକ୍ଟରଙ୍କ ମଧ୍ୟରୁ ଜଣଙ୍କର ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ କେହି ଆସି ନାହାନ୍ତି। ଅନ୍ୟପକ୍ଷେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସମୟରେ ଲଣ୍ଠନ ରଖି ନିର୍ମାଣ ଶ୍ରମିକମାନେ ଧାରଣା ଦେଇ ଆସୁଛନ୍ତି। ହେଲେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ କିଛି ପରିବର୍ତ୍ତନ ଘଟୁନି।

ଅଭିଯୋଗ ଅନୁଯାୟୀ, ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ ପାଇଁ ୨୦୧୭ରେ ନୟାଗଡ଼ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ଆବେଦନ ପତ୍ର ଗ୍ରହଣ




କରାଯାଇଥିଲା। ହେଲେ ସ୍ୱତନ୍ତ୍ର କ୍ୟାମ୍ପରେ କେତେଜଣ ନିର୍ମାଣ ଶ୍ରମିକ ଆବେଦନ କରିଥିଲେ ସେନେଇ ୫ ବର୍ଷ ଭିତରେ ସଂଖ୍ୟା ମିଳି ନ ଥିଲା। ଆବେଦନକାରୀଙ୍କ ସଂଖ୍ୟା ଉପରେ ୨ ଜିଲା ଶ୍ରମ ଅଧିକାରୀ ଭିନ୍ନ ଭିନ୍ନ ତଥ୍ୟ ଦେଇଥିବାବେଳେ ଲେବର କମିଶନ ମଧ ଅଲଗା ସଂଖ୍ୟା ଦେଖାଇଥିଲେ। ଏ ପରିପ୍ରେକ୍ଷୀରେ ଦୁଇ ଜିଲା ଶ୍ରମ ଅଧିକାରୀ ଓ ଲେବର କମିଶନଙ୍କ ତଥ୍ୟକୁ ଅନୁଧ୍ୟାନ କଲେ ଜାଲିଆତି ହୋଇଥିବା ସ୍ପଷ୍ଟ ହୋଇଥିଲା। ପୁଣି ବର୍ତ୍ତମାନର ନିଲମ୍ବିତ ଜିଲା ଶ୍ରମ ଅଧିକାରୀ ପରମିତା ମିଶ୍ର ଲୋକାୟୁକ୍ତରେ ଜାଲିଆତି ହୋଇଥିବା ସ୍ୱୀକାର କରିବା ପରେ ନିର୍ମାଣ ଶ୍ରମିକ ଆବେଦନ ପତ୍ର ଗ୍ରହଣ ପାଇଁ ଦୁର୍ନୀତି କରାଯାଇଥିବା ବାରି ହୋଇ ପଡିଥିଲା। ଲୋକାୟୁକ୍ତଙ୍କ କାର୍ଯ୍ୟାନୁଷ୍ଠାନ ପରେ ଦୁର୍ନୀତିର ଗୁମର ଫିଟିଥିଲା। ତେବେ ନିର୍ମାଣ ଶ୍ରମିକମାନେ ଅନ୍‌ଲାଇନରେ ଆବେଦନ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ଏହା ପରେବି କୌଣସି ସୁଫଳ ମିଳିଲା ନାହିଁ। ଅନ୍ୟ ଏକ ଅଭିଯୋଗ ଅନୁସାରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ଅସହଯୋଗରୁ ନିର୍ମାଣ ଶ୍ରମିକମାନେ ୫ବର୍ଷ ହେଲା ହଇରାଣ ହୋଇ ଆସୁଛନ୍ତି। ଜିଲାରେ ୫୪ ହଜାର ୪୦୦ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଥିବାବେଳେ ୨୦୧୭ରେ ୨୫ ହଜାର ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇବା ପାଇଁ ଆବେଦନ କରିଥିଲେ। ଏଥିରୁ ମାତ୍ର ୭୦୦ ପରିଚୟପତ୍ର ପାଇଛନ୍ତି। ପରିଚପତ୍ର ଦେବା ପାଇଁ ୨।୫।୨୦୧୭ରୁ ୨।୭।୨୦୧୭ଶ୍ରମ ଦପ୍ତର ପକ୍ଷରୁ ଯାଞ୍ଚ କରାଯାଇଥିଲା। ହେଲେ ପରିଚୟପତ୍ର ଦିଆଗଲାନି। ଯାଞ୍ଚ ପରେ ପରିଚୟପତ୍ର ଦିଆ ନ ଯିବାର କାରଣ ପଚାରିଲେ ଉତ୍ତର ମିଳୁନି। ସେହିଭଳି ସହରାଞ୍ଚଳର ନିର୍ମାଣ ଶ୍ରମିକ ଆଦୌ ପରିଚୟପତ୍ର ପାଉ ନାହାନ୍ତି। ୩୧।୮।୨୦୧୮ରେ ସେଲଟ୍ୟାକ୍ସ ବିଭାଗ ଦେଇଥିବା କ୍ଲିୟରାନ୍ସ ଅନୁସାରେ ସହାୟତା ଦିଆଯିବା କଥା। ହେଲେ ଏହାକୁ ବି ଅଣଦେଖା କରାଯାଇଛି। ପୁଣି ୨୦୧୬-୧୭ରୁ ବିବାହ ଓ ଶିକ୍ଷା ସହାୟତା ଦିଆଯାଉ ନାହିଁ। ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ନିର୍ମାଣ ଶ୍ରମିକକୁ ପକ୍କାଘର ଦିଆଯାଉ ନାହିଁ। ଅନ୍ୟ ଯୋଜନାରେ ନିର୍ମାଣ ଶ୍ରମିକ ମଧ ଉପେକ୍ଷିତ ହୋଇ ରହିଛନ୍ତି।

ନୟାଗଡ ଜିଲା ଶ୍ରମିକ ମହାସଂଘର ସଭାପତି ଶୂନ୍ୟଜୟୀ ମିଶ୍ର କୁହନ୍ତି, ମୃତ୍ୟୁ କାଳୀନ ସହାୟତା ୫ ବର୍ଷ ଓ ବିବାହ ସହାୟତା ୭ ବର୍ଷ ହେଲା ଫାଇଲ ପଡି ରହିଛି। ଶିକ୍ଷା ସହାୟତା ୬ ବର୍ଷ ହେଲା ବନ୍ଦ ରହିଛି। ଗତ ଅଗଷ୍ଟ ୧, ୧୨, ୧୭ ଓ ୨୯ ତାରିଖ କେବଳ ପ୍ରଭାଗୀୟ ଶ୍ରମ ଆୟୁକ୍ତ ନିଜ କାର୍ଯ୍ୟାଳୟକୁ ଆସିଥିଲେ। ସେହିପରି ଚଳିତ ମାସ ୬ ତାରିଖ ଦିନ ଉପସ୍ଥିତ ଥିଲେ। ଯେଉଁଠି ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀ ଅଫିସକୁ ଆସିବେନି, ସେଠାରେ କର୍ମଚାରୀ କାହାକୁ ମାନିବେ। ଏଭଳିସ୍ଥଳେ ଜିଲା ଶ୍ରମ ଅଧିକାରୀ ପରମିତା ମିଶ୍ର ନିଲମ୍ବନ ହୋଇଛନ୍ତି। ଅପରପକ୍ଷେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ଅବ୍ୟବସ୍ଥା ନେଇ ଗତ ୨ ତାରିଖରେ ଜିଲାପାଳ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଲେବର କମିଶନର, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରିଙ୍କୁ ଅବଗତ କରାଇଥିଲି। ପୁଣି ଆମ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସମୟରେ ଲଣ୍ଠନ ଶୋଭାଯାତ୍ରା ସହ ଧାରଣା ଦିଆଯିବା ସହିତ ବିକ୍ଷୋଭ କରାଯାଉଛି। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ନେବା ପାଇଁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତିଙ୍କୁ ତାଙ୍କ ମୋବାଇଲ ଫୋନ୍ ନଂ.୯୪୩୭୩ ୫୪୦୧୮ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

### ରାଜ୍ୟରେ ତୃତୀୟ ସ୍ଥାନରେ ଶୁଭମିତା



**ନୟାଗଡ଼ ଅଫିସ,୭।୯**

**ରାଜ୍ୟସ୍ତରୀୟ କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଛାତ୍ରୀ ଶୁଭମିତା ନାୟକ ରାଜ୍ୟସ୍ତରୀୟ କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ ୨୦୨୨ରେ ତୃତୀୟ ସ୍ଥାନ ଅକ୍ତିଆର କରି ମହାବିଦ୍ୟାଳୟ ସମେତ ନୟାଗଡ଼ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଶୁଭମିତାଙ୍କର ଘର ରଣପୁର ବ୍ଲକ ଚାନ୍ଦପୁର ଗାଁରେ। ସେ ଦିନକୁ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କର ପରିଶ୍ରମ ସାର୍ଥକ ହୋଇଛି ବୋଲି କହିଛନ୍ତି। ଭବିଷ୍ୟତରେ ସେ ଉଦ୍ଭିଦ ବିଜ୍ଞାନରେ ଗବେଷଣା କରି ଜଣେ ଭଲ ଓ ଉଚ୍ଚ କୋଟିର ଅଧାପକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ସଫଳତା ପରେ ଶୁଭମିତାଙ୍କୁ ମହାବିଦ୍ୟାଳୟର ଅଧକ୍ଷ ସୁରେଶ କୁମାର ପ୍ରଧାନଙ୍କ ସମେତ ଛାତ୍ରୀଛାତ୍ର, ଅଧାପିକାଅଧାପକ ଶୁଭେଚ୍ଛା ଜଣାଇଛନ୍ତି।

## ୯ରେ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର



ସଚେତନତା ରଥକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭାରମ୍ଭ କରୁଛନ୍ତି।

**ଭାପୁର,୭।୯(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ପରିସରରେ ଆସନ୍ତା ୯ରେ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହେବ । ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା ଅନ୍ତର୍ଗତ ଗ୍ରାମାଞ୍ଚଳର ବେକାର ଯୁବତୀଯୁବକଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ ପ୍ରଦାନ ସହ ନିଜକୁ କିଭଳି ରୋଜଗାରକ୍ଷମ କରିପାରିବେ ସେଥିପାଇଁ ଏହି ଶିବିର ଆୟୋଜନ କରାଯାଉଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି । ଏ ନେଇ ଏକ ସଚେତନତା ରଥ ବିଭିନ୍ନ ଗ୍ରାମ ପରିକ୍ରମା କରୁଛି । ବୁଧବାର ଭାପୁର ବ୍ଲକ ପରିସରରେ ସଚେତନତା ରଥକୁ ଭାପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ ଓ ସିଡିପିଓ ରେଣୁବାଳା ନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ସରପଞ୍ଚ ରମେଶ ପ୍ରସାଦ ରାଉତ ଏବଂ ଭାପୁର ପଞ୍ଚାୟତ ସମିତିର ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି ନିଯୁକ୍ତି ଭିତ୍ତିକ ପରାମର୍ଶ ବିଷୟରେ ଅଧିକ ସୂଚନା ପାଇଁ ବାନାମ୍ବର ମହାପାତ୍ର ଏବଂ ବୃନ୍ଦାବନ ବିହାରୀଙ୍କୁ ଯୋଗାଯୋଗ କରିବା ପାଇଁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂଚନା ଦେବା ସହ ଶିବିରରେ ବହୁ ସଂଖ୍ୟାରେ ଆଶାୟୀ ଯୋଗ ଦେବାକୁ ଅନୁରୋଧ କରିଛନ୍ତି ।

## ବୁଦ୍ଧିବାମନ ଓଷା ଉଦ୍‌ଯାପିତ

**ଖଣ୍ଡପଡ଼ା,୭।୯(ସ୍ୱ.ପ୍ର.)**

ବୁଧବାର ଅର୍ଥାତ୍ ଗତ ଅଗଷ୍ଟ ମାସ ୧୭ ତାରିଖଠାରୁ ଆରମ୍ଭ ହୋଇଥିବା ବୁଧେଇ ଓଷା ବା ବୁଦ୍ଧିବାମନ ଓଷା ଆଜି ପାରମ୍ପରିକ ରୀତିରେ ମହିଳାମାନଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଯାଇଛି । ଏହି ଓଷାକୁ ସାଧାରଣତଃ ମହିଳାମାନେ ନିଷ୍ଠାର ସହ ପାଳନ କରିଥାନ୍ତି । ଏହି ଅବସରରେ ବୁଧବାରା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଲିସାହି, ମର୍ଦ୍ଧରାଜପୁର, କୋସକା, ବେଣାଗାଡିଆ, କଣ୍ଟିଲୋ, ସିଧାମୂଳା, ପଥରଚକଡା, ଜଗନ୍ନାଥପ୍ରସାଦ, ବଳରାମପ୍ରସାଦ ଆଦି ଗ୍ରାମାରେ ପାରମ୍ପରିକ ରୀତିରେ ପାଳନ କରିଥିବା ପରିଲକ୍ଷିତ ହୋଇଛି । ସାଧାରଣତଃ ଘରେ ଥିବା ଶୀଳ ଓ ଶିଳପୁଆରେ ବଟା ହଳଦିରେ ପିତୁଳା ଗଢି ଗୁଆ, କଉଡି ସ୍ଥାପନ କରାଯାଇ ସୁନା, ରୁପା ଅଳଙ୍କାରରେ ସଜ୍ଜିତ କରାଯାଇଥାଏ । ଓଷା କୋଠିରେ ମଣ୍ଡଳ ସ୍ଥାପନ କରାଯାଇ ପୂଜାରୀଙ୍କ ଦ୍ୱାରା ବୁଧେଇ ଓଷା ପୁସ୍ତକ ପଠନ କରାଯାଇଥାଏ । ସନ୍ଧ୍ୟାରେ ବ୍ରତ ପାଳନ କରୁଥିବା ମହିଳାମାନେ ଉଦ୍ଦିଷ୍ଟ ପୂଜା କୋଠିରେ ଏକତ୍ରୀତ ହୋଇ ଏହି ବ୍ରତ ପାଳନ କରିଥିଲେ । ମନସ୍କାମନା ପୁରଣ ନିମନ୍ତେ ମାନଶିକ କରିଥିବା ମହିଳାମାନେ ପୂର୍ଣ୍ଣ କଳସ ବସାଇ ନିଷ୍ଠା ସହକାରେ ମା'ଙ୍କୁ ପ୍ରାର୍ଥନା କରିଥିଲେ ।

## ଦାସିଆ ଅଜା ସଂଗ୍ରହାଳୟରେ ଜିଏସ୍‌ଟି ବରିଷ୍ଠ ଅଧିକାରୀ



ଦାସିଆ ଅଜାଙ୍କ ସମାଧି ପୀଠରେ ପରିଦର୍ଶନରେ ଆସିଥିବା ଜିଏସ୍‌ଟି ଅଧିକାରୀ।

**ନୂଆଗାଁ,୭।୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁରଠାରେ ଥିବା ଦାସିଆ ଅଜା ସଂଗ୍ରହାଳୟକୁ ବୁଧବାର ଜିଏସ୍‌ଟିର ଅଧିକାରୀମାନେ ବୁଲି ଦେଖିଛନ୍ତି। ନୂଆଗାଁ ବ୍ଲକର ଉଦୟପୁର ପଞ୍ଚାୟତ ଉଦୟପୁରଠାରେ ଥିବା ଦାଶରଥି ପାଠାଗାର, ଦାସିଆ ଅଜା ସଂଗ୍ରହାଳୟକୁ ଜିଏସ୍‌ଟିର ଭୁବନେଶ୍ୱର, ପୁରୀ, ଜଟଣୀ, କଟକ ଓ ନୟାଗଡ ସର୍କଲ ସମେତ ବିଭାଗୀୟ ଉଚ୍ଚ ପଦାଧିକାରୀ ବୁଲି ଦେଖିଥିଲେ। ଲାଇବ୍ରେରୀରେ ପହଞ୍ଚିବା ପରେ ଦାସିଆ ଅଜାଙ୍କ ନାତି ତଥା ସଂଗ୍ରହାଳୟର ସମ୍ପାଦକ ଦୀପକ କୁମାର ପଟ୍ଟନାୟକ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଅଧିକାରୀମାନେ ପ୍ରଥମେ ଦାସିଆ ଅଜାଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସଂଗ୍ରହାଳୟର କର୍ମଚାରୀମାନେ ସେମାନଙ୍କୁ ବୁଲାଇ ବିରଳ ସାମଗ୍ରୀ ସବୁ ଦେଖାଇଥିଲେ। ପାଠାଗାରରେ ସଂଗୃହୀତ ହୋଇ ଥିବା ପୁସ୍ତକ, ପତ୍ରପତ୍ରିକା, ଲୋପ ପାଇ ଯାଇଥିବା ପୁରୁଣା ସାମଗ୍ରୀ, ଦେଶ ବିଦେଶର ଅନେକ ସାମଗ୍ରୀ ଦେଖି ଅଧିକାରମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଦାସିଆ ଅଜାଙ୍କ ସ୍ମୃତି ରଖିବା ପାଇଁ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରା ଯାଇ ନ ଥିବାରୁ ବରିଷ୍ଠ ଅଧିକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଏସ୍‌ଟିର ଅତିରିକ୍ତ କମିଶନର ସରୋଜ ରଞ୍ଜନ ପଣ୍ଡା, ଅତିରିକ୍ତ କମିଶନର ବିଶ୍ୱଜିତ ମହାନ୍ତି, ସହକାରୀ କମିଶନର ଦୀପଶିଖା ମହାନ୍ତି, ଅତିରିକ୍ତ କମିଶନର ଦେବେନ୍ଦ୍ର କୁମାର ବେହେରା, ଅତିରିକ୍ତ କମିଶନର ଡ.ପଦ୍ମଲୋଚନ ରାଉତଙ୍କ ସମେତ ଅଧିକାରୀମାନେ ପରିଦର୍ଶନ କରିଥିଲେ। ସଂଗୃହିତ ସାମଗ୍ରୀଗୁଡିକୁ ସୁରକ୍ଷିତ ଭାବେ ସାଇତି ରଖିବା ପାଇଁ ଅନେକ ଗୃହର ଆବଶ୍ୟକତା ରହିଛି। ତେଣୁ ସେଥିପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଅଧିବକ୍ତା ପରିଷଦର ପ୍ରତିଷ୍ଠା ଦିବସ

**ନୟାଗଡ଼ ଅଫିସ,୭।୯**

ଅଖିଳ ଭାରତୀୟ ଅଧିବକ୍ତା ପରିଷଦର ୩୦ତମ ପ୍ରତିଷ୍ଠା ଦିବସ ବୁଧବାର ଅଧିବକ୍ତା ପରିଷଦ ନୟାଗଡ଼ ଜିଲା ଶାଖା ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ଖଣ୍ଡପଡ଼ା ରୋଡ଼ସ୍ଥିତ ହନୁମାନ ମନ୍ଦିର ପରିସରରେ ସହରର ଅଧିବକ୍ତାମାନଙ୍କୁ ନେଇ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରାଯାଇଥିଲ। ପରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଦେଶର ଏକ ଅଗ୍ରଣୀ ଆଇନଜୀବୀ ସଂଘ ଭାବେ ଅଖିଳ ଭାରତୀୟ ଅଧିବକ୍ତା ପରିଷଦ ଦୀର୍ଘ ୩୦ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ବେଳେ ଗତ ୧୧ବର୍ଷ ଧରି ନୟାଗଡ଼ ଜିଲାରେ ଏହି ଅଧିବକ୍ତା ପରିଷଦ ସଫଳତାର ସହ କାର୍ଯ୍ୟ କରିଆସୁଛି। ଅନୁଷ୍ଠାନର ସଭାପତି ବିଶ୍ୱେଶ ରଂଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଭାତ କୁମାର ପରିଡା ସଙ୍ଗଠନର ବିବରଣୀ ପଠନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରଭାକର ଉତ୍ତର କବାଟ, ବିଜୟ କୁମାର ଦାଶ, ସଂସାରୀ ସାହୁ, ଚନ୍ଦ୍ର ବିଜୟୀ ମିଶ୍ର, ଶିବରାମ ମହାପାତ୍ର, ସୌମ୍ୟରଞ୍ଜନ ପ୍ରଧାନ, ଜିତେନ୍ଦ୍ର କୁମାର ସାହୁ, ସଞ୍ଜୟ ନାୟକ, ନୃସିଂହ ପଟ୍ଟନାୟକ, ଧନେଶ୍ୱର ସେଠୀ, ପ୍ରଫୁଲ୍ଲ ଖଟୁଆ, ରାଜେଶ ସାମନ୍ତରାୟ, ସୁରେଶ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।




ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅଧିବକ୍ତା ସଂଘର କର୍ମକର୍ତ୍ତା।

## ପ୍ରାଚୀନ 'ଅଙ୍କ'ପରମ୍ପରାକୁ ଭୁଲିଗଲେଣି ଯୁବପିଢ଼ି

**ଖଣ୍ଡପଡା,୭।୯(ସ୍ୱ.ପ୍ର)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଂଟିଲୋ ଅଂଚଳରେ ପାରମ୍ପରିକ ସୁନିଆ ବା ଅଙ୍କ ପର୍ବ ପାଳିତ ହୋଇ ଯାଇଛି। ଏହି 'ଅଙ୍କ' ପର୍ବ ପ୍ରଚଳିତ ପ୍ରାଚୀନ ପରମ୍ପରା ଓ ଐତିହ୍ୟ ଦୃଷ୍ଟିରୁ ବେଶ ଗୁରୁତ୍ୱ ବହନ କରିଆସିଛି। ଓଡ଼ିଶାରେ ରାଜକୀୟ ନବ ବର୍ଷ ଆରମ୍ଭ ହୁଏ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅର୍ଥାତ୍ ବାମନ ଜନ୍ମ ଦିବସ ତଥା ସୁନିଆ ଦିନରେ। ସୂଚନାଯୋଗ୍ୟ, ସୁନିଆଁ ହେଉଛି ଓଡିଆ ରାଜାଙ୍କ ରାଜତ୍ୱ ଅଙ୍କ ଗଣନା ବର୍ଷର ପ୍ରଥମ ଦିନ। ରାଜା ରାଜୁଡା ଅମଳରେ ଏହି ସୁନିଆଁ ଦିନଠାରୁ ରାଜସ୍ୱ ଆଦାୟ ଆରମ୍ଭ ହୋଇଥାଏ ଏବଂ ଅଙ୍କ ବର୍ଷ ଅନୁସାରେ ଗଣନା କରାଯାଏ। ଏହି ଦୃଷ୍ଟିରୁ ସୁନିଆଁ ହେଉଛି ରାଜା, ପ୍ରଜା ଉଭୟଙ୍କ ବର୍ଷ ଆରମ୍ଭର ଦିବସ। ଧାନ ଅମଳ ପରେ ପ୍ରଜାଙ୍କଠାରୁ ରାଜସ୍ୱ ଆଦାୟର ସୁବିଧା ପାଇଁ ରାଜା ବା ଜମିଦାରମାନେ ଏହି ଅମଳ ଅଙ୍କ ବର୍ଷର ଆରମ୍ଭ ଆଜିର ଦିନଠାରୁ କରିଥିଲେ। ଏହି ଦିନ ପ୍ରଜାମାନେ ରାଜାମାନଙ୍କୁ ବିଭିନ୍ନ ଭେଟି ବା ଉପହାର ପ୍ରଦାନ କରୁଥିଲେ। ସୁନିଆଁ ବା ବାମନ ଜନ୍ମ ଦିନ ଗୋଟିଏ ସୁନା ମୋହର ଉପରେ ରାଜାଙ୍କ ରାଜତ୍ୱର ଅଙ୍କ ଚିହ୍ନିତ କରାଯାଏ। ଏହାକୁ 'ଅଙ୍କ' କଟାଇବା ବୋଲି ସାଧାରଣରେ କୁହାଯାଏ। ଜମିଦାରୀ ପ୍ରଥା ଓ ରାଜ ରାଜୁଡା ଶାସନ ଉଚ୍ଛେଦ ପରେ ସୁନିଆଁ ଦିନର ଗୁରୁତ୍ୱ ଆଜି କମି ଯାଇଛି ସତ ମାତ୍ର ଏଥି ମଧରେ ଏକ ପରମ୍ପରା ସ୍ମୃତି ଅନ୍ତର୍ନିହିତ ରହିଛି।

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ଜୀଉ ଏବଂ କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିଲା। ଏହି ଶିଳ୍ପର ଶତାଧିକ କାରିଗର ସୁନିଆଁ ଦିନ କଂସା ପିତ୍ତଳର ନୂତନ ଧରଣର ସାମଗ୍ରୀ ପ୍ରସ୍ତୁତ କରି ମହାଜନ ବା ସାହୁକାର ଓ ଶିଳ୍ପ ସମବାୟ ସମିତିଙ୍କୁ ଭେଟି ଦେଇଥାନ୍ତି। ଏହାପରେ ସମସ୍ତ କାରିଗର, ମହାଜନ ଓ ସମିତିର କର୍ମକର୍ତ୍ତାମାନେ ଏହି ଦିନକୁ ଆନନ୍ଦ ଉଲ୍ଲାସର ସହ ଭୋଜି ଭାତ କରି ପାଳନ କରିଥାନ୍ତି। ଏବେ କିନ୍ତୁ କଂସା ପିତ୍ତଳ ବାସନ ଶିଳ୍ପ ବିଭିନ୍ନ କାରଣରୁ ବୁଡି ଯିବାକୁ ବସିଲାଣି। କାରିଗରମାନେ ଜୀବନ ଜୀବିକା ହରାଇ ଅନ୍ୟ ଧନ୍ଦାରେ ନିୟୋଜିତ ହେଲେଣି। ଅପରପକ୍ଷରେ ମହାଜନମାନେ ବାସନ ଶିଳ୍ପର ରୁଗ୍‌ଣ ଅବସ୍ଥା ଯୋଗୁ କାରିଗରମାନଙ୍କୁ ଏଥିପାଇଁ ଆବଶ୍ୟକ କଞ୍ଚାମାଲ ଯୋଗାଇବା ସମ୍ଭବ ହେଉନି। ଫଳରେ ପରବର୍ତ୍ତୀ ସମୟରେ ମହାଜନ ଏବଂ ବିଭିନ୍ନ ସମବାୟ ସମିତି ସହିତ କାରିଗରମାନଙ୍କ ବ୍ୟବସାୟୀକ ସମ୍ପର୍କ ତୁଟି ଗଲାଣି। ତେବେ ପରମ୍ପରାକୁ କେବଳ ବଜାୟ ରଖିବାକୁ ଶିଳ୍ପ ଅନୁଷ୍ଠାନରେ ଅଙ୍କ ବା ସୁନିଆଁ ପୂଜା କରାଯାଉଥିଲା। ଏହି ପରିପ୍ରେକ୍ଷୀରେ କଣ୍ଟିଲୋଠାରେ ୧୯୬୦ରୁ ପ୍ରତିଷ୍ଠା କରାଯାଇଥିବା ନୀଳମାଧବ କଂସା ପିତ୍ତଳ ସମବାୟ ସମିତି ଲିଃର ସମସ୍ତ କାରିଗର ସୁନିଆଁରେ ବିଭିନ୍ନ ପ୍ରକାର ସୌଖୀନ ସାମଗ୍ରୀ ପ୍ରସ୍ତୁତ କରି ସମିତିକୁ ପ୍ରଦାନ କରୁଥିଲେ ଏବଂ ଆଡମ୍ବର ସହକାରେ ଏହି ଦିବସଟିକୁ ପାଳନ କରୁଥିଲେ। ମାତ୍ର ପରିଚାଳନାଗତ ତ୍ରୁଟି ଯୋଗୁ ଏହି ସମିତି ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ରହିଛି। ଦୟନୀୟ ଅବସ୍ଥାରେ ଥିବା ସଂପୃକ୍ତ ସୋସାଇଟି ପରମ୍ପରାକୁ ଜାବୁଡି ଧରି ପ୍ରତି ବର୍ଷ ଅଙ୍କ ପର୍ବ ପାଳନ କରି ଆସୁଥିବା ବେଳେ ଗତ କିଛି ବର୍ଷ ହେବ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କଣ୍ଟିଲୋ ଅଞ୍ଚଳରେ ବାସନ ଶିଳ୍ପ ଦୟନୀୟ ଅବସ୍ଥାରେ ପହଁଞ୍ଚିଥିବା ବେଳେ ଆଜି କୌଣସି କାରିଗର ତା'ର ହାତ ତିଆରି ବାସନ ସାମଗ୍ରୀ ଆଉ ଉପହାର ଆକାରରେ ଦେବାର ଦେଖିବାକୁ ମିଳୁନି। ତେବେ ଆଜିର ମଙ୍ଗଳବାର ଦିନରେ କଣ୍ଟିଲୋ ଅଞ୍ଚଳର କେତେକ କାରିଗର ନିଜର କୌଳିକ ବୃତ୍ତିକୁ ଆଦରି ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ସେମାନଙ୍କ ଉତ୍ପାଦିତ କଂସା ପିତଳ ବାସନ ସାମଗ୍ରୀ ଯୋଗାଉଛନ୍ତି। ଫଳରେ ଆଜିର ଏହି ପବିତ୍ର ଅଙ୍କ ପରମ୍ପରାକୁ ସେମାନେ ଭୁଲି ନ ଯାଇ ମହା ଆଡମ୍ବର ସହକାରେ ପାଳନ କରୁଥିବା ପରିଲକ୍ଷିତ ହୋଇଥିଲା। କଂସା ପିତଳ ଶିଳ୍ପକୁ ମୁଖ୍ୟ କୌଳିକ ବୃତ୍ତି ଭାବେ ବଞ୍ଚାଇ ରଖି ଥିବା କଣ୍ଟିଲୋ ପାଣ୍ଡୁସାହୁ ପାଟଣା ଗ୍ରାମର କାହ୍ନୁ ବ୍ରାସ ୟୁନିଟ, ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି ଲିଃର ଦାୟିତ୍ୱରେ ଥିବା ଯଥାକ୍ରମେ ସନ୍ତୋଷ କୁମାର ମହାରଣା ଓ ଦଣ୍ଡପାଣି ସାହୁ ଏବଂ ବିଦୁର ବେହେରା ପାଟଣା ଗ୍ରାମର ଏକ ପୁରାତନ କଂସା ପିତ୍ତଳ ବାସନ ପ୍ରତିଷ୍ଠାନ ତଥା ମହାଜନ ସ୍ୱର୍ଗତ ଭଗବାନ ସାହୁ ଏଣ୍ଡକୋ ପରମ୍ପରାକୁ ମନେ ପକାଇ ବାସନ ବ୍ୟବସାୟ ନ ଥିଲେ ମଧ ସେମାନଙ୍କ ବଂଶଜ ସଞ୍ଜୟ କୁମାର ସାହୁ ଓ ଅଜୟ କୁମାର ସାହୁ ଲକ୍ଷ୍ମୀନାରାୟଣ ମୂର୍ତ୍ତି ପାଖରେ ରଖି ଅଙ୍କ ପୂଜା କରୁଥିବା ଦେଖିବାକୁ ମିଳିଛି। ତେବେ ଆଜିର ଯୁବ ପିଢି ଏ ଅଙ୍କ ପରମ୍ପରାକୁ ଭୁଲିଯିବାକୁ ବସିଲାଣି ବୋଲି ନିଖିଳ ଉତ୍କଳ କଂସାରୀ ସମାଜ ଓଡିଶାର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା, ସମ୍ପାଦକ ଶ୍ରୀପତି ମହାରଣା ଓ କଂସାରୀ ସମାଜର ପୂର୍ବତନ ସଭାପତି ଇଂ. ନକୁଳ ସାହୁ ପ୍ରମୁଖ କ୍ଷୋଭର ସହ ପ୍ରକାଶ କରଛନ୍ତି।




ସୁନିଆଁ ପାଇଁ ପାରମ୍ପରିକ ପୂଜାର୍ଚ୍ଚନା।